


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-94 ♦SUNDAY ♦27 SEPTEMBER 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୯୪ ♦ରବିବାର ♦୨୭ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦


## ଏସିଆନ୍ ଗେମ୍ସ: କବାଡ଼ିରେ ଭାରତକୁ ଡବଲ ସ୍ୱର୍ଣ୍ଣ



■ ଟୋକିଓ, ୨୬।୯ (ଏଜେନ୍ସି): ଜାପାନରେ ଚାଲିଥିବା ୨୦ତମ ଏସିଆନ ଗେମ୍ସରେ ଆଜି ଭାରତକୁ ଡବଲ ସ୍ୱର୍ଣ୍ଣିମ ସଫଳତା ମିଳିଛି। ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିଥିବା କବାଡ଼ି ଖେଳରେ ଆଜି ଭାରତକୁ ଉଭୟ ମହିଳା ଓ ପୁରୁଷ ବିଭାଗରେ ସ୍ୱର୍ଣ୍ଣପଦକ ମିଳିଛି। ଉଭୟ ବିଭାଗରେ ଇରାନକୁ ପରାଜିତ ହେବାକୁ ପଡ଼ିଛି। ପ୍ରଥମେ ଖେଳାଯାଇଥିବା ମହିଳା ବିଭାଗରେ ଭାରତ ୩୭-୩୪ ପଏଣ୍ଟରେ ଇରାନକୁ ଅଳ୍ପକେ ପରାସ୍ତ କରି ସ୍ୱର୍ଣ୍ଣପଦକ ଜିତିଥିଲା। ପରେ ଖେଳାଯାଇଥିବା ପୁରୁଷ ବିଭାଗରେ ମଧ୍ୟ ଇରାନକୁ ହରାଇଥିଲା ଭାରତ। ଏଥିରେ ଭାରତ ୪୦-୩୪ ପଏଣ୍ଟରେ ବିଜୟୀ ହୋଇଥିଲା। ଉଭୟ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣପଦକ ବଜାୟ ରଖିବାରେ ସଫଳ ହୋଇଥିଲେ। ଏହି ଦୁଇଟିକୁ ମିଶାଇ ▸ପୃଷ୍ଠା-୯

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ; ୧୧ ମୃତ



■ ଇସଲାମାବାଦ, ୨୬।୯ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମାଞ୍ଚଳ ଖାଇବର ପଖ୍ତୁନଖ୍ୱା ପ୍ରଦେଶର ଡେରା ଇସ୍ମାଇଲ ଖାନରେ ଶନିବାର ଏକ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ଅନ୍ତତଃ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଜରୁରୀକାଳୀନ ସେବା 'ରେସ୍କ୍ୟୁ ୧୧୨୨'କୁ ଉଦ୍ଧୃତ କରି ରଏଟର୍ସ ଏହି ସୂଚନା ଦେଇଛି। ଆଲଜଜିରା ରିପୋର୍ଟ ଅନୁଯାୟୀ, ଏହା ଏକ ଆତ୍ମଘାତୀ ଆକ୍ରମଣ ଥିଲା। ରାସ୍ତାକଡ଼ରେ ଥିବା ପୁଲିସ ଯାଞ୍ଚ କେନ୍ଦ୍ର ନିକଟରେ ଏହି ବିସ୍ଫୋରଣ ଘଟିଥିଲା। ମୃତକଙ୍କ ମଧ୍ୟରେ ଅନ୍ତତଃ ୭ ଜଣ ସୁରକ୍ଷାକର୍ମୀ ଥିବା ଜଣାପଡ଼ିଛି। ଏହି ଆକ୍ରମଣର ଦାୟିତ୍ୱ ନେଇଛି ନିଷିଦ୍ଧ ଉଗ୍ରବାଦୀ ସଂଗଠନ ତେହରିକ୍-ଇ-ତାଲିବାନ ପାକିସ୍ତାନ (ପାକିସ୍ତାନ ତାଲିବାନ)। ଏକ ବିବୃତି ଜାରି କରି ସଂଗଠନ ପକ୍ଷରୁ ଏହା ଦାବି କରାଯାଇଛି। ତେବେ ବିସ୍ଫୋରଣର ସମ୍ପୂର୍ଣ୍ଣ କାରଣ ଓ ଆକ୍ରମଣ ସମ୍ପର୍କିତ ଅନ୍ୟାନ୍ୟ ବିବରଣୀ ପାକିସ୍ତାନ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ପ୍ରକାଶ କରିନାହାନ୍ତି। ଆଫଗାନିସ୍ତାନ ସୀମା ନିକଟରେ ଅବସ୍ଥିତ ଡେରା ଇସ୍ମାଇଲ ଖାନ ଅଞ୍ଚଳରେ ପୂର୍ବରୁ ▸ପୃଷ୍ଠା-୯

# ଉତ୍ତର ଓଡ଼ିଶାରେ ପୁଣି ବନ୍ୟା

### ବିପଦ ସଂକେତ ଉପରେ ୩ ପ୍ରମୁଖ ନଦୀ

### ଏବେ ସୁଦ୍ଧା ଜଳବନ୍ଦୀ ଅବସ୍ଥାରେ ୧୬ ଗାଁ

■ ଭୁବନେଶ୍ୱର, ୨୬।୯ (ସମିସ): ରାଜ୍ୟର ବିଭିନ୍ନ ନଦୀରେ ପୁଣି ଥରେ ବନ୍ୟା ଆସିଛି। ଗଭୀର ଅବପାତ ପ୍ରଭାବରେ ଗତ ୪ ଦିନରେ ହୋଇଥିବା ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବା ସହ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ବନ୍ୟା ଆସିବା ଯୋଗୁଁ ଶତାଧିକ ଗାଁରେ ପୁଣି ଥରେ ବନ୍ୟା ପାଣି ମାଡ଼ିଛି। ଏମିତିକି ଏହି ଅବପାତ ପ୍ରଭାବରେ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ଭୀଷଣ ବର୍ଷା ହେବା ଯୋଗୁଁ ମହାନଦୀରେ ମଧ୍ୟ ଜଳସ୍ତର ବଢ଼ିବାରେ ଲାଗିଛି। ବନ୍ୟାଦ୍ୱାରା ବର୍ତ୍ତମାନ ଉତ୍ତର ଓଡ଼ିଶା ସବୁଠୁ ଅଧିକ ପ୍ରଭାବିତ ହୋଇଛି। କାରଣ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବୈତରଣୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ନଦୀଗୁଡ଼ିକ ଏବେ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାରୁ ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଅନେକ ଅଞ୍ଚଳରେ ବନ୍ୟା ପାଣି ମାଡ଼ିବାରେ ଲାଗିଛି।

**ପ୍ରଭାବିତ ହେଲେଣି ୭୩ ହଜାର ଲୋକ**

**ଦକ୍ଷିଣ ଓଡ଼ିଶାରେ ସୁଧୁରୁଛି ସ୍ଥିତି**

**ଆଜି ବନ୍ୟାଞ୍ଚଳ ବୁଲିବେ ମୁଖ୍ୟମନ୍ତ୍ରୀ**

ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଚାନ୍ଦିଲ ଡ୍ୟାମର ଜଳସ୍ତର ବଢ଼ିବାରେ ଲାଗିଛି। ସନ୍ଧ୍ୟା ରାଜଘାଟରେ ଜଳସ୍ତର ୧୧.୯ ▸ପୃଷ୍ଠା-୯

## ପୁଣି ବଢ଼ିଲା ବୈତରଣୀ, ସାଳନ୍ଦୀ



■ ଭଦ୍ରକ, ୨୬।୯ (ସମିସ): ଭଦ୍ରକ ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ ନଦୀରେ ପୁଣି ବନ୍ୟା। ପୂର୍ବ ବନ୍ୟାର ଘା' ଶୁଖି ନ ଥିବାବେଳେ ପୁଣି ବୈତରଣୀ ଆଉ ସାଳନ୍ଦୀ ନଦୀର ବନ୍ୟା ଲୋକଙ୍କୁ ବୁଡ଼ାଇ ଦେଲାଣି। ମୁଖ୍ୟତଃ ବୈତରଣୀ ନଦୀର ବନ୍ୟା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍‌ର ୧୫ଟି ପଞ୍ଚାୟତ ଅଧୀନ ୫୩ଟି ଗାଁର ୩୫୭୫୯ ଲୋକ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୨୫ ଜଣ ବନ୍ୟା ବିପନ୍ନଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ୩୬୦ ଜଣଙ୍କୁ ରନ୍ଧାଖାଦ୍ୟ ପ୍ରଶାସନ ଦେଇଛି। ସେହିଭଳି ଧାମନଗର ବ୍ଲକ୍‌ର ▸ପୃଷ୍ଠା-୯

# ଅସନ୍ତୋଷ ଚାପିବାକୁ ପ୍ରୟାସ

### ଏସ୍‌ଆଇଅର୍‌ରେ ବାଦ୍ ପଡ଼ିଥିବା ଭୋଟରଙ୍କ ପାଇଁ ଆରମ୍ଭ ହେବ ସ୍ୱତନ୍ତ୍ର ଅଭିଯାନ



**କମିସନ ପୋର୍ଟାଲରେ ସଂଶୋଧନ ପାଇଁ କମିଟି**

**ନୋଟିସ ପାଉଥିବା ଭୋଟରଙ୍କ ପାଇଁ ନିୟମ କୋହଳ**

■ ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ନିର୍ବାଚନ କମିସନରେ ମତଭେଦ ରିପୋର୍ଟ ପରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଉପରେ ଇସ୍ତଫା ପାଇଁ ଚାପ ବଢ଼ିବାରେ ଲାଗିଛି। ତାଙ୍କୁ ହଟାଇବା ଲାଗି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆନ୍ଦୋଳନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ପରିସ୍ଥିତିକୁ ଶାନ୍ତ କରିବା ଉଦ୍ଦେଶ୍ୟରେ ଆଜି ତିନି ଜଣ କମିସନରଙ୍କ ମିଳିତ ବୈଠକ ହୋଇଛି। ଯେଉଁ ତିନିଟି ପ୍ରସଙ୍ଗକୁ ନେଇ ବିବାଦ ଜୋର ଧରିଛି, ସେଥିରେ ସଂଶୋଧନ ଲାଗି କମିସନ କେତେକ ପଦକ୍ଷେପ ଘୋଷଣା କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଭୋଟରମାନଙ୍କୁ ସାମିଲ କରିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବେ କମିସନ। ସନ୍ଦିଗ୍ଧ ତାଲିକା (ଲଜିକାଲ ଡିସକ୍ରେପାନ୍ସି)ରେ ସ୍ଥାନ ପାଇଥିବା ଭୋଟରମାନଙ୍କ ପାଇଁ କୋହଳ ମନୋଭାବ ଦେଖାଇଛନ୍ତି କମିସନ। ଏହାସହିତ ବିବାଦୀୟ ଇସିଆଇନେଟ୍ ପୋର୍ଟାଲରେ ସଂଶୋଧନ ଲାଗି ଏକ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି।

ଆଜି ଏଠାରେ ତିନି ଜଣିଆ କମିସନ ବୈଠକ ପରେ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ବିହାର ଓ ପଶ୍ଚିମ ବଙ୍ଗ ସମେତ ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଭୋଟରମାନଙ୍କୁ ସାମିଲ କରିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏଥିଲାଗି ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯୁବ ଏବଂ ପ୍ରଥମ ଥର ଲାଗି ଭୋଟଦାନ ଅଧିକାର ପାଇଥିବା ଗୋଷ୍ଠୀକୁ ଏଥିରେ ବିଶେଷ ଗୁରୁତ୍ୱ ଦିଆଯିବ। ବିଏଲଓମାନେ ଘରକୁ ଘର ବୁଲି ଏଭଳି ଭୋଟରମାନଙ୍କ ଠାରୁ ଦସ୍ତାବିଜ ଗ୍ରହଣ ▸ପୃଷ୍ଠା-୯

## ହାତୀ ଆକ୍ରମଣରେ ୩ ମୃତ

■ କେନ୍ଦୁଝର/ଲାଞ୍ଜିଗଡ଼/ରାଉରକେଲା, ୨୬।୯ (ସମିସ): ରାଜ୍ୟରେ ଗୋଟିଏ ଦିନରେ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲ୍ଲାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ରାଉରକଲା ଓ କଳାହାଣ୍ଡି ଜିଲ୍ଲାରେ ଜଣେ ଲେଖାଏଁ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଶୁଆକାଟିସ୍ଥିତ ଓଡ଼ିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲିଜ୍ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ ସୁବନ ପ୍ରଧାନ(୬୭)। ତାଙ୍କ ଘର ଦଅଁଳା ଭୂୟାଁ ସାହିରେ। ଶନିବାର ଉକ୍ତ ଅଞ୍ଚଳର ଗନ୍ଧମାର୍ଦ୍ଦନ ପିଆରଏଫ୍‌କୁ ଦଅଁଳା ଭୂୟାଁ ସାହିର ୫ ଜଣ ଲୋକ କାଠ ଆଣିବାକୁ ଯାଇଥିଲେ। ଜଙ୍ଗଲ ଭିତରେ ଥିବା ୭ଟିକିଆ ହାତୀ ମଧ୍ୟରୁ ଏକ ମାଈ ହାତୀ ହଠାତ୍ ସେମାନଙ୍କୁ ଆକ୍ରମଣ କରିଥିଲା। ୪ ଜଣ ସେଠାରୁ ଦୌଡ଼ି ପଳାଇଥିବାବେଳେ ସୁବନ ପ୍ରଧାନ ହାତୀ ହାବୁଡରେ ପଡିଥିଲା। ମାଈ ହାତୀ ସୁବନକୁ ଶୁଣ୍ଢରେ ଟେକି ଫିଙ୍ଗି ଦେବାକୁ ତା'ର ମୃତ୍ୟୁ ହୋଇଥିଲା। ସୂଚନା ପାଇ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ବନପାଳ ମଳୟ ଜେନା, ଶୁଆକାଟୀ ବିଟ୍ ବନରକ୍ଷୀ ଚନ୍ଦ୍ରକାନ୍ତ ମହାନ୍ତ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତକଙ୍କ ପରିବାରକୁ ନିୟମ ମୁତାବକ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ ବୋଲି ରେଞ୍ଜର ପ୍ରକାଶ କରିଛନ୍ତି।

ସେହିପରି ଲାଞ୍ଜିଗଡ ଅଞ୍ଚଳରେ ପୁଣି ଥରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଦକ୍ଷିଣ ବନଖଣ୍ଡ ଅଧୀନ ବିଶ୍ୱନାଥପୁର ରେଞ୍ଜର ବିଜେପୁର ସେକ୍ସନ ଅନ୍ତର୍ଗତ ବେଡିଆପଡ଼ା ଗାଁରେ ଶନିବାର ଭୋରରୁ ଏହି ଅଘଟଣ ଘଟିଛି। ମୃତକ ବେଡିଆପଡ଼ା ଗାଁର ଚାଷୀ ଡ୍ରିମ୍ବା ମାଝୀ (୫୫)।

ଡ୍ରିମ୍ବା ମାଝୀ ଶନିବାର ଭୋରରୁ ନିଜ କପା ଚାଷ ଜମିକୁ ଫସଲ ଦେଖିବାକୁ ଯାଇଥିବାବେଳେ ଚାଷ ଜମି ନିକଟରେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଦଳି ଦେଇଥିଲା। ଖବର ପାଇ ବନବିଭାଗ ଅଧିକାରୀ ଏସିଏଫ ନରୋତ୍ତମ ମାଝୀ, ଫରେଷ୍ଟର ସମରେନ୍ଦ୍ର ପଣ୍ଡା, ବନରକ୍ଷୀ ଜ୍ୟୋତିରଞ୍ଜନ ଜେନା ଓ ବିଜେପୁର ଥାନାଧିକାରୀ ତୁଳସୀ ରାମ ଶବର ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଛେଦ ପରେ ▸ପୃଷ୍ଠା-୯

### ମିଥ୍ୟା ସତ୍ୟପାଠ ମାମଲା

## ବୌଦ୍ଧ ବିଧାୟକଙ୍କ ନାମରେ ଗିରଫ ପରୱାନା ଜାରି



■ ହରଭଙ୍ଗା/ଭୁବନେଶ୍ୱର, ୨୬।୯ (ସମିସ): ବୌଦ୍ଧ ବିଧାୟକ ତଥା ଶାସକ ବିଜେପିର ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କ ନାମରେ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟ ଗିରଫ ପରୱାନା ଜାରି କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ବିଧାୟକ ଶ୍ରୀ ପ୍ରଧାନ ଏକ ନିର୍ବାଚନୀ ମାମଲାରେ ହାଜର ନ ହୋଇ ବାରମ୍ବାର ସମୟ ଗଡ଼ାଇ ଚାଲିଥିବାରୁ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟ ଏହି ପଦକ୍ଷେପ ନେଇଛନ୍ତି।

୨୦୨୪ ମସିହାର ବିଧାନସଭା ନିର୍ବାଚନରେ ଶ୍ରୀ ପ୍ରଧାନ ନିର୍ବାଚନ ସତ୍ୟପାଠରେ ଭୁଲ୍ ତଥ୍ୟ ଦେଇଥିବା ନେଇ ପୂର୍ବତନ ବାଚସ୍ପତି ପ୍ରଦୀପ କୁମାର ଅମାତ ବୌଦ୍ଧ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଏକ ମାମଲା ଦାୟର କରିଥିଲେ। ଅଦାଲତ ଏହି ମାମଲାକୁ ବିଚାରକୁ ନେଇ ମାମଲା ପଞ୍ଜୀକରଣ କରିଥିଲେ। ଉପରୋକ୍ତ ମାମଲାରେ ଅଦାଲତ ମୁଦାଲା ସରୋଜ ▸ପୃଷ୍ଠା-୯

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅନିଲ ଅଗ୍ରୱାଲ

## ବେଦାନ୍ତ କରିବ ୧ ଲକ୍ଷ କୋଟି ନିବେଶ



**ଢେଙ୍କାନାଳରେ ଆଲୁମିନିୟମ ସ୍ମେଲ୍ଟର, ରାୟଗଡ଼ାରେ ଆଲୁମିନା ରିଫାଇନାରୀ ପ୍ରତିଷ୍ଠା ଯୋଜନା**

**ଲାଞ୍ଜିଗଡ଼ ରିଫାଇନାରୀକୁ ବକ୍ସାଇଟ ଯୋଗାଣ ତ୍ୱରାନ୍ୱିତ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି**

**ପଶ୍ଚିମ ଓଡ଼ିଶାରେ ସ୍ଥାପନ ହେବ ୧୦୦୦ ଶଯ୍ୟା ବିଶିଷ୍ଟ ମେଡିକାଲ**

**ରାଜ୍ୟ ଶିଳ୍ପ ବିକାଶରେ ବିଜୁ ବାବୁଙ୍କ ସହଯୋଗକୁ ମନେ ପକାଇଲେ**

■ ଭୁବନେଶ୍ୱର, ୨୬।୯ (ସମିସ): ରାଜ୍ୟକୁ ଆସିବ ଆଉ ଏକ ବଡ଼ ପୁଞ୍ଜିନିବେଶ। ବେଦାନ୍ତ ଗ୍ରୁପ ଓଡ଼ିଶାରେ ଖଟାଇବ ୧ ଲକ୍ଷ କୋଟି ଟଙ୍କା। ଗ୍ରୁପ ରାଜ୍ୟରେ ଖଣିଜ ଉତ୍ତୋଳନ, ଆଲୁମିନିୟମ୍, ରିଫାଇନେରୀ ଓ ସ୍ମେଲଟର କ୍ଷେତ୍ରରେ ଏକ ବୃହତ୍ ପୁଞ୍ଜିନିବେଶ କରିବାକୁ ଯାଉଛି। ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶାରେ ପ୍ରସ୍ତାବିତ ୧ ଲକ୍ଷ କୋଟି ଟଙ୍କାର ଆଲୁମିନିୟମ ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ। ରାଜ୍ୟରେ ବେଦାନ୍ତର ବିଭିନ୍ନ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା, ସ୍ଥାନୀୟ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ଓ ଶିଳ୍ପ ସଂସ୍ଥା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବେଦାନ୍ତ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଢେଙ୍କାନାଳ ଜିଲ୍ଲାରେ ବାର୍ଷିକ ୩୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟ ▸ପୃଷ୍ଠା-୯

### ଓଲଟ ପାଲଟ



ଲଗାଣ ବର୍ଷାରେ ସାରା ଓଡ଼ିଶାରେ
ପରିସ୍ଥିତି ଅସମ୍ଭାଳ,
ପୋଲ ବନ୍ଧ ଭାଙ୍ଗି ଗାଆଁ ଭିତରକୁ
ପଶି ଆସେ ବନ୍ୟା ଜଳ।
ମଣିଷ ସହିତ ଗାଈ-ଗୋରୁ-ଛେଳି
ରହୁଛନ୍ତି ଏକ ଠାବେ,
ମାଟି ଘର କାନ୍ଥ ଭୁଶୁଡ଼ିପଡ଼ିଛି
କେଉଁଆଡେ ଯିବେ ଏବେ !
ବାତ୍ୟା ଆଶ୍ରୟସ୍ଥଳୀ କାହିଁ ନାହିଁ
ଭରସା ସ୍କୁଲ ଘର,
ନଳକୂଅ ଏଣେ ପାଣିରେ ବୁଡ଼ିଛି
ଚାରିଆଡ଼େ ହାହାକାର !!

-ଯାଯାବର

## ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ !



■ ବାରିପଦା, ୨୬।୯ (ସମିସ): ଚିକିତ୍ସାରେ ଅବହେଳା ଓ ରକ୍ତ ଯୋଗାଣରେ ବିଳମ୍ବ ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ନେଇ ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲ ବିରୋଧରେ ଗୁରୁତର ଅଭିଯୋଗ ଉଠିଛି। ମୃତକ ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଅଜିତ ନାଏକଙ୍କ ପତ୍ନୀ ସଙ୍ଗୀତା ନାଏକ (୨୭)। ଏହି ଅଭାବନୀୟ ଘଟଣା ପରେ ତାଙ୍କର ୩ ବର୍ଷର ନିଷ୍ପାପ ଶିଶୁପୁତ୍ର ମାଆ ଛେଉଣ୍ଡ ହୋଇଛି। ଏ ନେଇ ପିଆରଏମ୍‌ରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।

**ପିଆରଏମ ମେଡିକାଲରେ ଉତ୍ତେଜନା**

ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଗତକାଲି ସଙ୍ଗୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଯାଇଥିଲା। ସେ ପ୍ରବଳ ଶାରୀରିକ ଯନ୍ତ୍ରଣା ଅନୁଭବ କରିବା ସହ ତାଙ୍କର ଦୁଇଟି ଯାକ ଗୋଡ଼ ଅଚଳ ହୋଇପଡ଼ିଥିଲା। ପ୍ରଥମେ ତାଙ୍କୁ ସ୍ଥାନୀୟ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ପରେ ତାଙ୍କ ଶରୀରରେ ରକ୍ତ ପରିମାଣ ଅତ୍ୟନ୍ତ କମ୍ ଥିବା ଜଣାପଡ଼ିବାରୁ ଡାକ୍ତର ତାଙ୍କୁ ତୁରନ୍ତ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ପରିବାର ଲୋକ ସଙ୍ଗୀତାଙ୍କୁ ଗୁରୁତର ଅବସ୍ଥାରେ ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ମୃତକଙ୍କ ଭାଇ ଆଶିଷ ନାଏକ ଅଭିଯୋଗ କରିଛନ୍ତି ଯେ, ସଙ୍ଗୀତାଙ୍କ ଶରୀରରେ ରକ୍ତ ନ ଥିବାରୁ ତୁରନ୍ତ ରକ୍ତ ଦେବା ପାଇଁ ସେମାନେ ଉପସ୍ଥିତ କର୍ମଚାରୀ ଓ ଡାକ୍ତରଙ୍କୁ ବାରମ୍ବାର ନେହୁରା ହୋଇଥିଲେ। ଏପରିକି ନିଜେ ରକ୍ତ ଯୋଗାଡ଼ କରି ଆଣିବାକୁ ମଧ୍ୟ ପ୍ରସ୍ତୁତ ଥିବା ଜଣାଇଥିଲେ। ▸ପୃଷ୍ଠା-୯

# ଲୋକଙ୍କୁ ଅନ୍ଧାରରେ ରଖି ଜମି ଅଧିଗ୍ରହଣ!

■ ଭୁବନେଶ୍ୱର, ୨୬।୯ (ସମିସ): ରାଜ୍ୟରେ ଜାତୀୟ ରାଜପଥ ନିର୍ମାଣ ଓ ସମ୍ପ୍ରସାରଣ ପାଇଁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠିଛି। ବିକାଶମୂଳକ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଆବଶ୍ୟକ ହୋଇଥିଲେ ମଧ୍ୟ ଏହାର ପ୍ରକ୍ରିୟାରେ ଜମିମାଲିକଙ୍କୁ ଠିକ୍ ସମୟରେ ଓ ସ୍ପଷ୍ଟ ଭାବେ ସୂଚନା ଦିଆଯାଉଛି କି ନାହିଁ, ତାହାକୁ ନେଇ ଅଭିଯୋଗ ସାମ୍ନାକୁ ଆସିଛି। ବିଶେଷକରି ଜମି ଅଧିଗ୍ରହଣ ସମ୍ପର୍କିତ ବିଜ୍ଞପ୍ତି ସାଧାରଣ ଲୋକଙ୍କ ଦୃଷ୍ଟିଗୋଚର ହେବା ଓ ପ୍ରଭାବିତ ଜମିମାଲିକମାନେ ନିଜ ଅଧିକାର ସମ୍ପର୍କରେ ଅବଗତ ହେବା ନେଇ ପ୍ରଶ୍ନ ଉଠିଛି।

ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଏକ ଦୀର୍ଘ ପ୍ରଶାସନିକ ପ୍ରକ୍ରିୟା। କେଉଁ ମୌଜାର କେଉଁ ଜମି ଅଧିଗ୍ରହଣ ହେବ, କେତେ ପରିମାଣ ଜମି ନିଆଯିବ, ଜମିର ମାଲିକ କିଏ ଏବଂ ଜମି ପାଇଁ କେତେ କ୍ଷତିପୂରଣ ମିଳିବ—ଏସବୁ ବିଷୟରେ ଜମିମାଲିକଙ୍କୁ ଜାଣିବାର ଅଧିକାର ରହିଛି। ଏଥିପାଇଁ ନିର୍ଦ୍ଦିଷ୍ଟ ଆଇନ ଓ ନିୟମ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ, ଆପତ୍ତି ଦାଖଲ ଏବଂ ଦାବି ଉପସ୍ଥାପନ ପାଇଁ ସୁଯୋଗ ଦେବାର ବ୍ୟବସ୍ଥା ରହିଛି।

ତେବେ ଅଭିଯୋଗ ହେଉଛି, ବିଜ୍ଞପ୍ତି ପ୍ରକାଶ ହେଲେ ମଧ୍ୟ ଏହାର ସୂଚନା ସମସ୍ତ ପ୍ରଭାବିତ ଲୋକଙ୍କ ନିକଟରେ ସମାନ ଭାବେ ପହଞ୍ଚୁନାହିଁ। ଗ୍ରାମାଞ୍ଚଳର ଅନେକ ଜମିମାଲିକ ସରକାରୀ ୱେବସାଇଟ୍ କିମ୍ବା ଅନଲାଇନ୍ ନୋଟିସ୍ ନିୟମିତ ଭାବେ ଯାଞ୍ଚ କରୁନଥିବାରୁ ସେମାନେ ନିଜ ଜମି ସମ୍ପର୍କରେ ଜାରି ହୋଇଥିବା ବିଜ୍ଞପ୍ତି ବିଷୟରେ ସମୟରେ ଜାଣିପାରୁନାହାନ୍ତି। ଫଳରେ ଆପତ୍ତି ଦାଖଲ କିମ୍ବା ନିଜ ଦାବି ଉପସ୍ଥାପନ କରିବାର ସମୟସୀମା ମଧ୍ୟ ଅତିକ୍ରମ ହୋଇଯିବାର ଆଶଙ୍କା ରହୁଛି।

ଅନ୍ୟପକ୍ଷରେ, ଜମି ଅଧିଗ୍ରହଣରେ କେବଳ ଜମି ହରାଇବାର ପ୍ରଶ୍ନ ନୁହେଁ; ଏହା ସହ ଜଡିତ ରହିଛି ଲୋକଙ୍କ ଜୀବିକା, ଘରବାଡ଼ି, ଚାଷଜମି ଓ ଦୀର୍ଘଦିନର ସାମାଜିକ ସମ୍ପର୍କ। ଜଣେ ଚାଷୀଙ୍କ ପାଇଁ ତାଙ୍କ ଜମି କେବଳ ଏକ ସମ୍ପତ୍ତି ନୁହେଁ, ବରଂ ପରିବାରର ଆୟ ଓ ଜୀବନଜୀବିକାର ମୁଖ୍ୟ ଆଧାର। ତେଣୁ ଜମି ଅଧିଗ୍ରହଣ ସମ୍ପର୍କିତ ଏକ ଛୋଟ ବିଜ୍ଞପ୍ତି ମଧ୍ୟ ପ୍ରଭାବିତ ପରିବାର ପାଇଁ ବଡ଼ ପ୍ରଭାବ ରଖିପାରେ।

ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଉ ଏକ ଚିନ୍ତାର ବିଷୟ ହେଉଛି ଜମିର ମୂଲ୍ୟାୟନ ଓ କ୍ଷତିପୂରଣ। ଅଧିଗ୍ରହଣ ହେବାକୁ ଥିବା ଜମିର ବଜାର ମୂଲ୍ୟ, ଜମିର ପ୍ରକାର, ସେଥିରେ ଥିବା ଘର, ଗଛ, ଫସଲ କିମ୍ବା ଅନ୍ୟାନ୍ୟ ସମ୍ପତ୍ତି ଆଦିକୁ ବିଚାରକୁ ନେଇ କ୍ଷତିପୂରଣ ନିର୍ଦ୍ଧାରଣ ହେବା ଆବଶ୍ୟକ। ଏହି ସମ୍ପର୍କରେ ସ୍ପଷ୍ଟ ସୂଚନା ନମିଳିଲେ ଜମିମାଲିକଙ୍କ ମନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଜମିମାଲିକଙ୍କୁ ସୂଚନା ଦେବାରେ ପଞ୍ଚାୟତ, ତହସିଲ୍ ଓ ଭୂ-ଅର୍ଜନ କାର୍ଯ୍ୟାଳୟର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କେବଳ ଅନଲାଇନ୍ ବିଜ୍ଞପ୍ତି ଉପରେ ନିର୍ଭର ନକରି ସ୍ଥାନୀୟ ସ୍ତରରେ ନୋଟିସ୍ ପ୍ରଦର୍ଶନ, ଆବଶ୍ୟକ ସ୍ଥଳରେ ମାଇକ୍ ଯୋଗେ ପ୍ରଚାର ଏବଂ ଗ୍ରାମସ୍ତରରେ ସୂଚନା ପହଞ୍ଚାଇବା ଭଳି ପଦକ୍ଷେପ ନିଆଯାଇପାରେ। ଏହାଦ୍ୱାରା ଡିଜିଟାଲ୍ ସୁବିଧାରୁ ବଞ୍ଚିତ ଲୋକମାନେ ମଧ୍ୟ ସମୟରେ ସୂଚନା ପାଇପାରିବେ।

ଜାତୀୟ ରାଜପଥ ବିକାଶ ରାଜ୍ୟର ଯୋଗାଯୋଗ ବ୍ୟବସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବିକାଶ ପ୍ରକଳ୍ପ ସହ ଜଡିତ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ସ୍ୱଚ୍ଛ, ନିୟମସମ୍ମତ ଓ ଲୋକଙ୍କ ପାଇଁ ବୋଧଗମ୍ୟ ହେବା ଆବଶ୍ୟକ। ପ୍ରଭାବିତ ଜମିମାଲିକଙ୍କୁ ସମୟରେ ସୂଚନା ଦେବା, ସେମାନଙ୍କ ଆପତ୍ତି ଶୁଣିବା ଏବଂ ଆଇନ ଅନୁଯାୟୀ କ୍ଷତିପୂରଣ ଦେବା ଉପରେ ଗୁରୁତ୍ୱ ଦିଆଗଲେ ଜମି ଅଧିଗ୍ରହଣକୁ ନେଇ ଉପୁଜୁଥିବା ବିବାଦ ଓ ଅସନ୍ତୋଷ ହ୍ରାସ ପାଇପାରିବ।

## ନାଗାଲାଣ୍ଡରେ ନକଲି ମଦ; ୨ ଦିନରେ ଗଲାଣି ୧୯ ଜୀବନ

କୋହିମା, ୨୬।୯(ଏଜେନ୍ସି): ନାଗାଲାଣ୍ଡରେ ସନ୍ଦିଗ୍ଧ ନକଲି ମଦ ପିଇ ଗତ ଦୁଇ ଦିନ ମଧ୍ୟରେ ଅତି କମ୍‌ରେ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ମୋକୋକଚୁଙ୍ଗ ଜିଲ୍ଲାରେ ୮ ଜଣ ଏବଂ ତୁଏନସାଙ୍ଗ ଜିଲ୍ଲାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂଚନା ଦେଇଛି। ଘଟଣାର ତଦନ୍ତ ଏବଂ ସନ୍ଦିଗ୍ଧ ମଦର ଉତ୍ସ ଓ ଯୋଗାଣ ଶୃଙ୍ଖଳ ଠାବ କରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିଛି। ପୁଲିସର ବରିଷ୍ଠ ଅଧିକାରୀ ଭେସୁପ୍ରା କେଜୋଙ୍କ ସୂଚନା ଅନୁସାରେ, ଅତିରିକ୍ତ ପୁଲିସ ଅଧୀକ୍ଷକ ଆଇ. ବୁଙ୍ଗଲାଙ୍ଗ ଚାଙ୍ଗଙ୍କ ନେତୃତ୍ୱରେ ଏସ୍‌ଆଇଟି କାର୍ଯ୍ୟ ଆରମ୍ଭ କରିଛି। ସନ୍ଦିଗ୍ଧ ମଦ କେଉଁଠାରୁ ଆସିଥିଲା, ଏହାର ଯୋଗାଣରେ କେଉଁମାନେ ସମ୍ପୃକ୍ତ ଏବଂ ମଦରେ କୌଣସି ବିଷାକ୍ତ ବା ଅନ୍ୟ ପଦାର୍ଥ ମିଶିଥିଲା କି ନାହିଁ, ତାହାର ତଦନ୍ତ କରାଯାଉଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ନମୁନା ସଂଗ୍ରହ କରିଛି। ଏଗୁଡ଼ିକୁ ଫୋରେନ୍‌ସିକ୍ ପରୀକ୍ଷା ପାଇଁ ଗୁଆହାଟୀ ପଠାଯାଇଛି। ତଦନ୍ତକାରୀ ଅଧିକାରୀଙ୍କ କହିବାନୁସାରେ, ପୁଲିସ କିଛି ସୂତ୍ର ପାଇଛି, କିନ୍ତୁ ତଦନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାରୁ ଏବେ ଅଧିକ ବିବରଣୀ ପ୍ରକାଶ କରାଯାଇପାରିବ ନାହିଁ। ଘଟଣା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୯ ଜଣଙ୍କୁ ଗିରଫ କରିଛି। ଚଢ଼ଉ ସମୟରେ ପ୍ରାୟ ୩, ୦୦୦ ବୋତଲ ମଦ ଜବତ ହୋଇଛି। ନାଗାଲାଣ୍ଡରେ ୧୯୯୦ ମସିହାରୁ ମଦ୍ୟନିଷେଧ ଆଇନ ଲାଗୁ ରହିଛି।



## ୩ କେଜି ହେରୋଇନ୍, ୬ ପିସ୍ତଲ ସହ ପୁଲିସ ଇନ୍ସପେକ୍ଟର ଗିରଫ

ଫିରୋଜପୁର, ୨୬।୯(ଏଜେନ୍ସି): ନିଶା କାରବାର ରୋକିବା ପାଇଁ ଗଠିତ କାଉଣ୍ଟର ଇଣ୍ଟେଲିଜେନ୍ସ ୟୁନିଟ୍‌ର ଜଣେ କାର୍ଯ୍ୟରତ ଇନ୍ସପେକ୍ଟର ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ସହ ଗିରଫ ହୋଇଛନ୍ତି। ଫିରୋଜପୁର କାଉଣ୍ଟର ଇଣ୍ଟେଲିଜେନ୍ସ ୟୁନିଟ୍‌ର ଇନ୍‌ଚାର୍ଜ ଇନ୍ସପେକ୍ଟର ବଲଦେବ ସିଂହଙ୍କ ନିକଟରୁ ୩.୩୫ କେଜି ହେରୋଇନ୍, ୬ଟି ପିସ୍ତଲ ଓ ୬ଟି ମୋବାଇଲ ଫୋନ୍ ଜବତ ହୋଇଥିବା ପୁଲିସ କହିଛି। ଫିରୋଜପୁର ଏସ୍‌ଏସ୍‌ପି ଭୁପିନ୍ଦର ସିଂହ ସିଦ୍ଧୁଙ୍କ ସୂଚନା ଅନୁଯାୟୀ, ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ଶୁକ୍ରବାର ଓ ଶନିବାର ମଧ୍ୟରାତ୍ରିରେ ଇନ୍ସପେକ୍ଟରଙ୍କୁ ଅଟକ କରାଯାଇଥିଲା। ଫିରୋଜପୁର-ମୋଗା ରାସ୍ତାର ଫିରୋଜେଶାହ ଟୋଲ୍ ପ୍ଲାଜା ନିକଟରେ ଏକ ବ୍ୟକ୍ତିଗତ ଗାଡ଼ିରେ ଯାଉଥିବା ବେଳେ ତାଙ୍କୁ ଧରାଯାଇଥିଲା। ସେ ସାଧା ପୋଷାକରେ ଥିଲେ। ଘଟଣାରେ ଗାଲ୍ ଖୁର୍ଦ ଥାନାରେ ଏନ୍‌ଡିପିଏସ୍ ଆଇନ ଓ ଅସ୍ତ୍ର ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଜବତ ହେରୋଇନ୍ ଓ ଅସ୍ତ୍ର କେଉଁଠାରୁ ଆସିଥିଲା, କେଉଁଠାକୁ ଯିବାର ଥିଲା ଏବଂ ଏହି ମାମଲାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଚୀନ୍ ଉପଗ୍ରହ ତଥ୍ୟରେ ଇରାନୀ ଡ୍ରୋନ୍ ଅଧିକ ଘାତକ

ୱାସିଂଟନ, ୨୬।୯(ଏଜେନ୍ସି): ଚୀନ୍‌ର ଉପଗ୍ରହ ତଥ୍ୟ ଓ ଗୁଇନ୍ଦା ସହାୟତା ଇରାନର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣକୁ ଅଧିକ ସଠିକ୍ କରିଥିବା ଆମେରିକୀୟ ଗୁଇନ୍ଦା ଆକଳନକୁ ଉଦ୍ଧୃତ କରି ସିଏନ୍‌ଏନ୍ ରିପୋର୍ଟ କରିଛି। ଏହି ସହାୟତା ଦ୍ୱାରା ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚିହ୍ନଟ କରିବା ସହ ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣର ସଠିକତା ବଢ଼ିଥିବା ଦାବି କରାଯାଇଛି। ରିପୋର୍ଟ ଅନୁସାରେ, ଚୀନ୍‌ର ଭୂସ୍ଥାନିକ ତଥ୍ୟ ବ୍ୟବହାର କରି ଇରାନ ଡ୍ରୋନ୍ ଉଡ଼ାଣର ସମୟ ଅଧିକ ସଠିକ୍ ଭାବେ ନିର୍ଦ୍ଧାରଣ କରୁଛି। ଫଳରେ ଅତ୍ୟାଧୁନିକ ନୁହେଁ ଏବଂ ଆକାଶରେ ଦିଗ ବଦଳାଇବାର ସୀମିତ କ୍ଷମତା ଥିବା ତାପ-ନିର୍ଦ୍ଦେଶିତ ଡ୍ରୋନ୍‌ଗୁଡ଼ିକ ମଧ୍ୟ ଜାହାଜ ପାଇଁ ବିପଦ ସୃଷ୍ଟି କରିପାରୁଛି। ଆମେରିକୀୟ ସୂତ୍ର ଅନୁସାରେ, ଜୁଲାଇରେ ଜୋର୍ଡାନ୍‌ସ୍ଥିତ ଏକ ଆମେରିକୀୟ ଘାଟି ଉପରେ ହୋଇଥିବା ଆକ୍ରମଣରେ ୩ ଜଣ ଆମେରିକୀୟ ସାମରିକ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣର ସଠିକତାରେ ଚୀନ୍‌ର ଉପଗ୍ରହ ତଥ୍ୟ ଭୂମିକା ନେଇଥିବା ଦାବି ହୋଇଛି। ତେବେ ଚୀନ୍ ସରକାର ପ୍ରତ୍ୟକ୍ଷ ଭାବେ ଏହି ସହାୟତା ନିର୍ଦ୍ଦେଶ ଦେଉଛି କି ନାହିଁ, ତାହା ଅସ୍ପଷ୍ଟ। ଚୀନ୍‌ର ଦୂତାବାସ ପୂର୍ବରୁ ଇରାନକୁ ଦିଆଯାଉଥିବା ସହାୟତା ଅନ୍ତର୍ଜାତୀୟ ଆଇନ ଅନୁକୂଳ ବୋଲି କହିଥିଲା। ଅନ୍ୟପକ୍ଷରେ, ଆମେରିକାର ଚୀନ୍‌ସ୍ଥିତ ରାଷ୍ଟ୍ରଦୂତ ଡେଭିଡ୍ ପର୍ଡ୍ୟୁ ଇରାନକୁ ଯେକୌଣସି ପ୍ରତ୍ୟକ୍ଷ ବା ପରୋକ୍ଷ ସାମରିକ କିମ୍ବା ଗୁଇନ୍ଦା ସହାୟତାକୁ 'ଗ୍ରହଣଯୋଗ୍ୟ ନୁହେଁ' ବୋଲି କହିଛନ୍ତି।

## ଏସ୍‌ସି/ ଏସ୍‌ଟି ସାଂସଦଙ୍କୁ ଅଧିକ ସମୟ ଦିଆଯାଉ

ନୂଆଦିଲ୍ଲୀ, ୨୬।୯(ଏଜେନ୍ସି): ସଂସଦରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ସମୟରେ ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ସାଂସଦମାନଙ୍କୁ ଅଧିକ ସମୟ ଦେବାକୁ ଦାବି ହୋଇଛି। ଏନ୍‌ଡିଏର ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାଞ୍ଝି ଏନେଇ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖିଛନ୍ତି। ସେ ବିଜେପି ସାଂସଦ ଗଜେନ୍ଦ୍ର ସିଂହ ପଟେଲଙ୍କ ଦାବି ଉପରେ ଆବଶ୍ୟକ ପଦକ୍ଷେପ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ମାଞ୍ଝିଙ୍କ ଚିଠି ଅନୁସାରେ, ଅଗଷ୍ଟ ୫ ତାରିଖରେ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ଏନ୍‌ଡିଏ ସାଂସଦ ଗୋଷ୍ଠୀ ଆଲୋଚନା ବୈଠକରେ ଖରଗୋନ୍‌ର ବିଜେପି ସାଂସଦ ଗଜେନ୍ଦ୍ର ସିଂହ ପଟେଲ ଏହି ପ୍ରସଙ୍ଗ ଉଠାଇଥିଲେ। ବିଶେଷକରି ଏସ୍‌ସି ଓ ଏସ୍‌ଟି ସମ୍ପ୍ରଦାୟ ସମ୍ପର୍କିତ ପ୍ରସଙ୍ଗ ସଂସଦରେ ଉପସ୍ଥାପନ କରିବା ପାଇଁ ଏହି ବର୍ଗର ସାଂସଦଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ପଟେଲ କହିଥିଲେ। ପଟେଲ କହିଛନ୍ତି ଯେ, ଏସ୍‌ସି/ଏସ୍‌ଟି ସାଂସଦମାନେ ବର୍ତ୍ତମାନ ସଂସଦରେ କହିବାର ସୁଯୋଗ ପାଉନାହାନ୍ତି ତାହା ନୁହେଁ; କିନ୍ତୁ ଅଧିକ ସମୟ ମିଳିଲେ ଏହି ସମ୍ପ୍ରଦାୟଗୁଡ଼ିକ ସମ୍ପର୍କିତ ଅଧିକ ପ୍ରସଙ୍ଗ ଉଠାଯାଇପାରିବ। ସେ କହିଛନ୍ତି, ସାଂସଦମାନଙ୍କ ମଧ୍ୟରେ ଏହା ଏକ ବ୍ୟାପକ ଭାବନା ଏବଂ କେବଳ ତାଙ୍କର ବ୍ୟକ୍ତିଗତ ଦାବି ନୁହେଁ। ସଂସଦରେ ପ୍ରତ୍ୟେକ ରାଜନୈତିକ ଦଳକୁ ମିଳୁଥିବା ସମୟ ତାହାର ସାଂସଦଙ୍କ ମଧ୍ୟରେ ବଣ୍ଟନ ହୋଇଥାଏ। ଏହି କାରଣରୁ ଏସ୍‌ସି/ଏସ୍‌ଟି ସାଂସଦଙ୍କ ପାଇଁ ଅଧିକ ସମୟ ନିର୍ଦ୍ଧାରଣ କରିବାକୁ ଦାବି ହୋଇଛି।

## ସାଉଦି ଆରବ ନିର୍ମାଣ କରିପାରେ ପରମାଣୁ ବୋମା

ୱାସିଂଟନ, ୨୬।୯ (ଏଜେନ୍ସି): ଆମେରିକା ସହ ନୂଆ ପରମାଣୁ ଚୁକ୍ତି ପରେ ସାଉଦି ଆରବ ଭବିଷ୍ୟତରେ ପରମାଣୁ ବୋମା ନିର୍ମାଣ କରିବାର ବିକଳ୍ପକୁ ସମ୍ପୂର୍ଣ୍ଣ ବାଦ ଦେଇନଥିବା ଜଣାପଡ଼ିଛି।



ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକର ଏକ ଗୋପନୀୟ ରିପୋର୍ଟ କଂଗ୍ରେସରେ ଦାଖଲ ହୋଇଥିବା 'ୱାସିଂଟନ ପୋଷ୍ଟ' ରିପୋର୍ଟରେ କୁହାଯାଇଛି। ତେବେ ସାଉଦି ଏନେଇ କୌଣସି ନିଷ୍ପତ୍ତି ନେଇନଥିବା ଆମେରିକୀୟ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ଜୁଲାଇରେ ଆମେରିକା ଓ ସାଉଦି ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ସାଉଦିରେ ପରମାଣୁ ଶକ୍ତି ଭିତ୍ତିଭୂମି ବିକଶିତ ହେବ। ଚୁକ୍ତିରେ ପ୍ରାୟ ୨୦ ପ୍ରତିଶତ ପର୍ଯ୍ୟନ୍ତ ୟୁରାନିୟମ ସମୃଦ୍ଧୀକରଣର ସୁବିଧା ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ଏହା ଅସ୍ତ୍ର ନିର୍ମାଣ ପାଇଁ ଆବଶ୍ୟକ ସ୍ତରଠାରୁ କମ୍ ହେଲେ ମଧ୍ୟ, ପରବର୍ତ୍ତୀ ସମୟରେ ଅଧିକ ସମୃଦ୍ଧୀକରଣର ଆଶଙ୍କା ନେଇ ଆମେରିକୀୟ ଆଇନପ୍ରଣେତାମାନେ ପ୍ରଶ୍ନ ଉଠାଇଛନ୍ତି। ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ପୂର୍ବରୁ କହିଥିଲେ, ଇରାନ ପରମାଣୁ ଅସ୍ତ୍ର ବିକଶିତ କଲେ ସାଉଦି ମଧ୍ୟ ଏପରି ଅସ୍ତ୍ର ପାଇଁ ପ୍ରୟାସ କରିପାରେ। ଛଅଜଣ ଡେମୋକ୍ରାଟ୍ ଆଇନପ୍ରଣେତା ଏହି ଚୁକ୍ତିକୁ ନେଇ ଆପତ୍ତି ଜଣାଇଛନ୍ତି। ଅନ୍ୟପକ୍ଷରେ, ଆମେରିକା ଏହାକୁ ଶାନ୍ତିପୂର୍ଣ୍ଣ ପରମାଣୁ ଶକ୍ତି ବିକାଶ ପାଇଁ ଚୁକ୍ତି ବୋଲି କହିଛି। ଚୁକ୍ତିଟି ୩୦ ବର୍ଷ ପାଇଁ ହୋଇଛି ଏବଂ କଂଗ୍ରେସ ଏହାର ସମୀକ୍ଷା କରୁଛି।

# ଜ୍ଞାନେଶଙ୍କ ବିରୋଧରେ ଏକାଠି ହେଲେ ବିରୋଧୀ

## ଅକ୍ଟୋବର ୪ରେ ମୁମ୍ବାଇରେ ମିଳିତ ପଦଯାତ୍ରା

ମୁମ୍ବାଇ, ୨୬।୯(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍)କୁ ନେଇ ବିବାଦର କେନ୍ଦ୍ରରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ ଏକାଠି ହେବାରେ ଲାଗିଛନ୍ତି ବିରୋଧୀ ଦଳ। ଏହି ଦାବିକୁ ସମର୍ଥନ ଜଣାଇଛନ୍ତି ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେ ଓ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ।



ବିଭିନ୍ନ ଦଳକୁ ନେଇ ଅକ୍ଟୋବର ୪ରେ ମୁମ୍ବାଇରେ ମିଳିତ ପଦଯାତ୍ରା କରିବାକୁ ସେମାନେ ଘୋଷଣା କରିଛନ୍ତି। ଏହି ପଦଯାତ୍ରାରେ ଅନ୍ୟ ରାଜନୈତିକ ଦଳଗୁଡ଼ିକୁ ସାମିଲ ହେବାକୁ ଆମନ୍ତ୍ରଣ କରାଯିବ ବୋଲି ଦୁଇ ଦଳ ପକ୍ଷରୁ କୁହାଯାଇଛି। ମିଳିତ ବିବୃତିରେ ଦୁଇ ନେତା କହିଛନ୍ତି ଯେ ଜ୍ଞାନେଶ କୁମାରଙ୍କ ଆଚରଣ ଆଦୌ ନିରପେକ୍ଷ ନୁହେଁ। ସେ ବିଜେପିର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଶାଖା ଭଳି କାମ କରୁଛନ୍ତି। ତାଙ୍କ ଯୋଗୁଁ ନିର୍ବାଚନ ଭଳି ଗଣତାନ୍ତ୍ରିକ ପ୍ରକ୍ରିୟା ଧ୍ୱଂସ ହେବାକୁ ବସିଲାଣି। ନିର୍ବାଚନ ଆୟୋଗର ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ କରି କୋଟି କୋଟି ଭୋଟରଙ୍କୁ କାଟିବାରେ ଲାଗିଛନ୍ତି। ଏହାକୁ ବରଦାସ୍ତ କରାଯିବ ନାହିଁ। ଜ୍ଞାନେଶ ବିଦା ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେମାନେ କହିଛନ୍ତି। ସେହିଭଳି ସେନା ନେତା ଆଦିତ୍ୟ ଠାକରେ କହିଛନ୍ତି ୨ ତାରିଖରୁ କଙ୍କ୍ରୋଚ୍ ପାର୍ଟି ଆନ୍ଦୋଳନ କରିବାକୁ ଯାଉଥିବା ଏହାକୁ ତାଙ୍କ ପାର୍ଟି ସମର୍ଥନ କରିବ। ୨ ତାରିଖରେ ପୂରା ମୁମ୍ବାଇ ରାସ୍ତାନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

## କଂଗ୍ରେସ, ବାମ ନେତାଙ୍କ ସହ କଥା ହେଲେ ମମତା

ନୂଆଦିଲ୍ଲୀ, ୨୬।୯(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ରଣନୀତି ପ୍ରସ୍ତୁତ କରୁଛନ୍ତି ବିରୋଧୀ ଦଳ। ଏହି ଉଦ୍ଦେଶ୍ୟରେ ଆସନ୍ତା ୩୦ ତାରିଖରେ ନୂଆଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ଶୀର୍ଷ ନେତାମାନଙ୍କ ବୈଠକ ହେବ। ଏହାପୂର୍ବରୁ ଟିଏମସି ନେତ୍ରୀ ମମତା ବାନାର୍ଜୀ କଂଗ୍ରେସ ଓ ବାମପନ୍ଥୀ ନେତାମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଦିଲ୍ଲୀର କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଏହି ବୈଠକ ହେବ। ବିରୋଧୀ ଦଳଗୁଡ଼ିକ ଏସ୍‌ଆଇଆର୍ ପ୍ରକ୍ରିୟା, ନିର୍ବାଚନ ଆୟୋଗ ସମ୍ପର୍କିତ ଅଭିଯୋଗ ଏବଂ ଏହି ପ୍ରସଙ୍ଗରେ ସମନ୍ୱିତ ପଦକ୍ଷେପ ନେଇ ଆଲୋଚନା କରୁଛନ୍ତି। ତୃଣମୂଳ କଂଗ୍ରେସର ଅଭିଷେକ ବାନାର୍ଜୀ ମଧ୍ୟ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଫୋନ୍‌ରେ ଆଲୋଚନା କରିଥିବା ସୂଚନା ରହିଛି। ଅନ୍ୟପକ୍ଷରେ, ସିପିଆଇ(ଏମ୍)ର ସାଧାରଣ ସମ୍ପାଦକ ଏମ୍.ଏ. ବେବି ମଧ୍ୟ ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ଯୋଗାଯୋଗ କରୁଛନ୍ତି। ମମତା ବାନାର୍ଜୀ ଓ ବେବିଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହୋଇଥିବା ଖବର ମିଳିଛି। ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ତୃଣମୂଳ କଂଗ୍ରେସ ଓ ସିପିଆଇ(ଏମ୍) ମଧ୍ୟ ଏକାଠି ଆଲୋଚନା କରୁଛନ୍ତି। ସିପିଆଇ(ଏମ୍), ସିପିଆଇ ଓ ସିପିଆଇ(ଏମ୍‌ଏଲ୍)-ଲିବରେସନ୍ ଜ୍ଞାନେଶ କୁମାରଙ୍କୁ ହଟାଇବା ଏବଂ ଏସ୍‌ଆଇଆର୍ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ଆପତ୍ତି ଉଠାଇଛି।। ୩୦ ତାରିଖର ବୈଠକ ପରେ ବିରୋଧୀ ଦଳଗୁଡ଼ିକର ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବେ। ଏହାସହ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଆଉ ଏକ ମହାଭିଯୋଗ ନୋଟିସ୍ ଆଣିବା ନେଇ ମଧ୍ୟ ବିରୋଧୀ ଦଳଗୁଡ଼ିକ ଆଇନ ବିଶେଷଜ୍ଞଙ୍କ ସହ ପରାମର୍ଶ କରୁଥିବା ସୂଚନା ରହିଛି।



୩୦ରେ ଇଣ୍ଡିଆ ମେଣ୍ଟ ବୈଠକ

### 'ଫର୍ମ-୬ରେ ବେଆଇନ ପରିବର୍ତ୍ତନ: ସୁପ୍ରିମକୋର୍ଟ ଯିବ କଂଗ୍ରେସ

ନୂଆଦିଲ୍ଲୀ, ୨୬।୯(ଏଜେନ୍ସି): ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ବ୍ୟବହୃତ 'ଫର୍ମ-୬'ରେ ଏକ ଘୋଷଣା ଯୋଡ଼ାଯିବାକୁ ନେଇ ନିର୍ବାଚନ ଆୟୋଗ ଓ କଂଗ୍ରେସ ମଧ୍ୟରେ ବିବାଦ ତୀବ୍ର ହୋଇଛି। କଂଗ୍ରେସ ଅଭିଯୋଗ କରିଛି ଯେ, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଆଇନ ଓ ସାମ୍ବିଧାନିକ ପରମ୍ପରା ଉଲ୍ଲଂଘନ କରି ଏକପାଖିଆ ଭାବେ ଫର୍ମ-୬ରେ ପରିବର୍ତ୍ତନ କରିଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ସ୍ୱତଃସଜ୍ଞାନ ନେଇ ଦାୟିତ୍ୱ ନିର୍ଦ୍ଧାରଣ କରୁ ବୋଲି ଦଳ ଦାବି କରିଛି। କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ 'ଏକ୍ସ'ରେ ଏକ ପୋଷ୍ଟ କରି ଅଭିଯୋଗ କରିଛନ୍ତି ।।ଯେ, ଜୁଲାଇ ଆରମ୍ଭରେ କୌଣସି ସରକାରୀ ବିଜ୍ଞପ୍ତି ବିନା ଅନଲାଇନ୍ ଫର୍ମରେ ପରିବର୍ତ୍ତନ କରାଯାଇଥିଲା। ନୂଆ ଘୋଷଣାରେ ଆବେଦନକାରୀଙ୍କୁ ତାଙ୍କ ମାତା-ପିତା କିମ୍ବା ଜେଜେବାପା-ଜେଜେମା'ଙ୍କ ନାମ ପୂର୍ବତନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)ରେ ଥିଲା କି ନାହିଁ, ସେ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି। ଜନପ୍ରତିନିଧି ଆଇନ, ୧୯୫୦ ଅନୁସାରେ ଫର୍ମ-୬ ସଂଶୋଧନ କରିବାର କ୍ଷମତା ନିର୍ବାଚନ ଆୟୋଗର ନାହିଁ। ଏହାସହ ପଞ୍ଜୀକରଣ ନିର୍ବାଚକ ନିୟମ, ୧୯୬୦ରେ କୌଣସି ସଂଶୋଧନ ବିନା ଏପରି ପରିବର୍ତ୍ତନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଦଳ ସୁପ୍ରିମକୋର୍ଟ ଯିବ।

## ମମତାଙ୍କ ରାଲି ପାଇଁ ଛାଡୁନାହାନ୍ତି, ଅନେକ ଗୃହବନ୍ଦୀ

### ଟିଏମ୍‌ସି ବିଧାୟକ କୁନାଲ ଘୋଷଙ୍କ କାର୍‌କୁ ଅଣ୍ଡା ଓ ପଥରମାଡ଼



କୋଲକାତା, ୨୬।୯(ଏଜେନ୍ସି): ପଶ୍ଚିମବଙ୍ଗର ହୁଗ୍‌ଲି ଜିଲ୍ଲାରେ ଶନିବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ କୁଣାଲ ଘୋଷଙ୍କ କାର୍ ଉପରକୁ ଅଣ୍ଡା ଓ ପଥରମାଡ଼ ହୋଇଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏକ ରାଲିରେ ଯୋଗଦେବା ପାଇଁ ଯିବାବେଳେ ଏହି ଆକ୍ରମଣ ହୋଇଛି। ସେ ରାଲିରେ ଯୋଗଦେବାକୁ ଯାଉଥିବା ବେଳେ କିଛି ଲୋକ କୁଣାଲ ଘୋଷଙ୍କ କାର୍‌କୁ ଅଟକାଇ ଅଣ୍ଡା ଓ ପଥର ଫିଙ୍ଗୁଥିବା ଦେଖାଯାଇଛି। ଏଥିସହ ସେମାନେ କାର୍‌ରେ ହାତ ବାଡ଼ଇବା ସହ 'କୁଣାଲ ଘୋଷ ଗୋ ବ୍ୟାକ୍' ନାରା ଦେଇଥିବା ଦେଖାଯାଇଛି। ଆକ୍ରମଣରେ କାର୍‌ର ପଛ କାଚ ଭାଙ୍ଗିଯାଇଛି। ଏହାପରେ ଘୋଷ କୋଲକାତା ଫେରିଯାଇଥିଲେ। ଘଟଣାକୁ ନେଇ ଘୋଷ କହିଛନ୍ତି, ଏହା 'ଜଙ୍ଗଲରାଜ' ଭଳି ପରିସ୍ଥିତି। ତାଙ୍କ କାର୍‌କୁ ପଥର ଓ ଅଣ୍ଡା ମାଡ଼ କରାଯିବା ସହ ରାସ୍ତା ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ କୌଣସି ପୁଲିସ କର୍ମଚାରୀ ଉପସ୍ଥିତ ନଥିବା ସେ ଅଭିଯୋଗ କରିଛନ୍ତି। ପରେ ସେ ଭବାନୀ ଭବନରେ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତାଙ୍କୁ ଭିତରକୁ ପ୍ରବେଶ ଅନୁମତି ନମିଳିବାରୁ ଇ-ମେଲ୍ ମାଧ୍ୟମରେ ଅଭିଯୋଗ କରିଥିବା ଜଣାପଡ଼ିଛି। ତୃଣମୂଳ ନେତାମାନେ ଏହା ପଛରେ ବିଜେପିର ହାତ ଥିବା ଅଭିଯୋଗ କରିଛନ୍ତି।

ହୁଗ୍‌ଲି ଜିଲ୍ଲା ଶ୍ରୀରାମପୁରରେ ଆୟୋଜିତ ରାଲିରେ ଯୋଗଦେବାକୁ ତାଙ୍କୁ ଯିବାକୁ ଦିଆଯାଉନଥିବା ଏବଂ ତାଙ୍କ ତୃଣମୂଳ କଂଗ୍ରେସ ଗୋଷ୍ଠୀର ନେତାମାନଙ୍କୁ ଗୃହବନ୍ଦୀ କରାଯାଇଥିବା ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ରାଲିସ୍ଥଳକୁ ଯିବା ରାସ୍ତାକୁ ବିଜେପି ସମର୍ଥକମାନେ ନିୟନ୍ତ୍ରଣକୁ ନେଇଥିବା ଏବଂ ସେଠାରେ ପୁଲିସ ଉପସ୍ଥିତ ନଥିବା ସେ ଦାବି କରିଛନ୍ତି। ମମତା କହିଛନ୍ତି, ତାଙ୍କୁ ରାଲିସ୍ଥଳକୁ ଯିବାକୁ ଅଟକାଯାଉଥିଲେ ମଧ୍ୟ ସେ ସେଠାକୁ ଯାଇ ସଭାକୁ ସମ୍ବୋଧିତ କରିବେ। ତାଙ୍କ କହିବା ଅନୁସାରେ, ଅଦାଲତଙ୍କ ଅନୁମତିରେ ରାଲି ଆୟୋଜିତ ହେଉଥିବାରୁ ଏହାର ସୁଚାରୁ ପରିଚାଳନା ସୁନିଶ୍ଚିତ କରିବା ପୁଲିସ ଓ ପ୍ରଶାସନର ଦାୟିତ୍ୱ। କିନ୍ତୁ ପୁଲିସ ଏହା ପ୍ରତି ଆଖି ବୁଜିଦେଇଥିବା ସେ ଅଭିଯୋଗ କରିଛନ୍ତି। ମମତା ଆହୁରି ଅଭିଯୋଗ କରିଛନ୍ତି ଯେ ପଶ୍ଚିମବଙ୍ଗର ରାସ୍ତାରେ ବିଜେପି ସରକାର 'ଆତଙ୍କ' ସୃଷ୍ଟି କରୁଛି। ଏହି ଅଭିଯୋଗ ମଧ୍ୟରେ ମମତାଙ୍କ ଗୋଷ୍ଠୀ ପକ୍ଷରୁ କୁହାଯାଇଛି ଯେ ରାଲିକୁ ଯାଉଥିବା ଦଳୀୟ ନେତା ଓ କର୍ମୀଙ୍କୁ ଟାର୍ଗେଟ୍ କରାଯାଇଥିଲା।

## ମହାରାଷ୍ଟ୍ରର ୭୪% ତହସିଲରେ ମରୁଡ଼ି

ମୁମ୍ବଇ, ୨୬।୯ (ଏଜେନ୍ସି): ଚଳିତ ବର୍ଷ ବର୍ଷାର ଅଭାବରେ ମହାରାଷ୍ଟ୍ରରେ ମରୁଡ଼ି ପରିସ୍ଥିତି ଉପୁଜିଛି। ଫଳରେ ମହାରାଷ୍ଟ୍ରର ୩୫୮ ତାଲୁକ ମଧ୍ୟରୁ ୨୬୫ଟି ତାଲୁକକୁ ରାଜ୍ୟ ସରକାର ମରୁଡ଼ି ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ପ୍ରଭାବିତ ତହସିଲ ଅଞ୍ଚଳ ରାଜ୍ୟର ପ୍ରାୟ ୭୪% ବୋଲି କୁହାଯାଇଛି। ରାଜ୍ୟରେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ୧୮.୮% ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ୨୧ ଦିନରୁ ଅଧିକ ସମୟ ଧରି ଶୁଖିଲା ପାଗ ରହିଥିଲା। ପ୍ରଭାବିତ ଅଞ୍ଚଳରେ ମରୁଡ଼ି ପରିଚାଳନା କୋଡ୍ ଅଧୀନରେ ଟ୍ରିଗର-୧ ଜାରି କରାଯାଇଛି। ରାଜ୍ୟର ଛତ୍ରପତି ସମ୍ଭାଜୀନଗର, ଅମରାବତୀ ଏବଂ ନାସିକ ଅଧୀନସ୍ଥ ଅଞ୍ଚଳଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏହାର ମୁକାବିଲା ପାଇଁ ସରକାର ମରୁଡ଼ି ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି।



ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଋଣ ଆଦାୟ ସ୍ଥଗିତ କରାଯାଇଛି। ଏହାସହ ଫସଲ ଋଣର ପୁନର୍ଗଠନ ଏବଂ ଜମି ରାଜସ୍ୱ ମାଫ୍ କରାଯାଇଛି। ୭.୫ ହର୍ସପାୱାରରୁ ଅଧିକ କ୍ଷମତାସମ୍ପନ୍ନ କୃଷି ପମ୍ପ ପାଇଁ ବିଜୁଳି ବିଲ୍‌ରେ ରିହାତି ଦିଆଯିବା ସହ ଜଳାଭାବ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ କଟାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାର ନିୟମଗୁଡ଼ିକୁ କୋହଳ କରାଯାଇଛି। ପୁଣି ମରୁଡ଼ି ପରିସ୍ଥିତି ଯୋଗୁଁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫି' ଛାଡ଼ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ପ୍ରଭାବିତ ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ପାନୀୟ ଜଳ, ଗୋଖାଦ୍ୟ ଏବଂ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଜିଲ୍ଲାପାଳମାନଙ୍କୁ ଜିପିଏସ୍ କୋଅର୍ଡିନେଟ୍ ଏବଂ ଫଟୋଗ୍ରାଫ୍ ସଂଗ୍ରହ କରି ତୁରନ୍ତ ଫସଲ କ୍ଷତିର ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜମିସ୍ତରୀୟ ଆକଳନ ଶେଷ ହେବା ପରେ କ୍ଷତିପୂରଣ ରାଶି ଘୋଷଣା କରାଯିବ। ଅନ୍ୟପଟେ, ବିରୋଧୀ ଦଳଗୁଡ଼ିକ ମରୁଡ଼ି ଘୋଷଣାରେ ବିଳମ୍ବ ହୋଇଥିବା ଅଭିଯୋଗ କରିଛନ୍ତି। କୃଷକମାନଙ୍କୁ ସିଧାସଳଖ ଆର୍ଥିକ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

## ଜାତିସଂଘରେ ଭାରତ-ପାକ୍ ମୁହାଁମୁହିଁ

ନ୍ୟୁୟର୍କ, ୨୬।୯(ଏଜେନ୍ସି): ସିନ୍ଧୁ ନଦୀର ଜଳ ବଣ୍ଟନ ଓ କଶ୍ମୀର ପ୍ରସଙ୍ଗକୁ ନେଇ ଜାତିସଂଘ ସାଧାରଣ ପରିଷଦର ୮୧ତମ ଅଧିବେଶନରେ ଭାରତ ଓ ପାକିସ୍ତାନ ମଧ୍ୟରେ ପୁଣିଥରେ କୂଟନୈତିକ ମତଭେଦ ପ୍ରକାଶ ପାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗ ଉଠାଇ ଭାରତକୁ କଡ଼ା ଚେତାବନୀ ଦେଇଥିବାବେଳେ ଭାରତ ମଧ୍ୟ କଶ୍ମୀର ଓ ସୀମାପାର ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ ପାଲଟା ଜବାବ ଦେଇଛି। ଶୁକ୍ରବାର ଜାତିସଂଘ ମଞ୍ଚରେ ଭାଷଣ ଦେଇ ଶରିଫ କହିଥିଲେ, ପାକିସ୍ତାନର ଅଂଶର ସିନ୍ଧୁ ନଦୀଜଳକୁ

- କଶ୍ମୀରକୁ 'ଜୀବନଧାରା' କହିଲେ ଶେହବାଜ
- ପ୍ରଥମେ ପିଓକେର ସ୍ଥିତି ଦେଖ: ଭାରତ




ରୋକିବା, ପ୍ରବାହରେ ବାଧା ସୃଷ୍ଟି କରିବା କିମ୍ବା ଅନ୍ୟତ୍ର ମୋଡ଼ିବାର କୌଣସି ପ୍ରୟାସକୁ ପାକିସ୍ତାନ 'ଯୁଦ୍ଧ କାର୍ଯ୍ୟ' ଭାବେ ବିବେଚନା କରିବ। ଏହି ପ୍ରସଙ୍ଗରେ ଭାରତକୁ ଭୁଲ ନ କରିବାକୁ ସେ ସତର୍କ କରିଥିଲେ। ସିନ୍ଧୁ ନଦୀ ପ୍ରଣାଳୀର ଜଳ କେବଳ ପାକିସ୍ତାନ ନୁହେଁ, ସମଗ୍ର ଅଞ୍ଚଳ ପାଇଁ 'ଜୀବନଧାରା' ବୋଲି ସେ କହିଥିଲେ। ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିବା ନିଷ୍ପତ୍ତିର କୌଣସି ଆଇନଗତ ଆଧାର ନାହିଁ ବୋଲି ଶରିଫ ଦାବି କରିଥିଲେ। ୧୯୬୦ରେ ସ୍ୱାକ୍ଷରିତ ଏହି ଚୁକ୍ତି ଅନୁଯାୟୀ ସିନ୍ଧୁ ନଦୀ ପ୍ରଣାଳୀର ଜଳ ବଣ୍ଟନ ସମ୍ପର୍କରେ ଉଭୟ ଦେଶର ଅଧିକାର ଓ ବ୍ୟବହାରର ନିୟମ ନିର୍ଦ୍ଧାରିତ ହୋଇଛି। ଭାରତ ନିଜ ପକ୍ଷରୁ କହିଆସୁଛି ଯେ ସୀମାପାର ଆତଙ୍କବାଦ ସମ୍ପର୍କରେ ବିଶ୍ୱାସଯୋଗ୍ୟ ଓ ସ୍ଥାୟୀ ପଦକ୍ଷେପ ନ ହେବା ପର୍ଯ୍ୟନ୍ତ ଚୁକ୍ତି ସ୍ଥଗିତ ରହିବ। ଶରିଫ ତାଙ୍କ ଭାଷଣରେ କଶ୍ମୀର ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। କଶ୍ମୀରକୁ ପାକିସ୍ତାନର 'ଜଗୁଲାର୍ ଭେନ୍' ବା ଜୀବନଧାରା ବୋଲି ଅଭିହିତ କରି ସେ ଏହି ପ୍ରସଙ୍ଗର ସମାଧାନ ପାଇଁ ଜାତିସଂଘର ଭୂମିକା ଉପରେ ଜୋର ଦେଇଥିଲେ। ପାକିସ୍ତାନ ଦୀର୍ଘଦିନ ଧରି କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟ ମଞ୍ଚରେ ଉଠାଇଆସୁଛି।

## ଇରାନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ; ନଭେମ୍ବର ପରେ ଆକ୍ରମଣ

ନୂଆଦିଲ୍ଲୀ, ୨୬।୯(ଏଜେନ୍ସି): ଆମେରିକା-ଇରାନ ଯୁଦ୍ଧକୁ ନେଇ କୂଟନୈତିକ ଉଦ୍ୟମ ମଧ୍ୟରେ ନୂଆ ମୋଡ଼ ଆସିଛି। ଇରାନ ପକ୍ଷରୁ ଦିଆଯାଇଥିବା ୭ ଦିନିଆ ଯୁଦ୍ଧବିରତି ପ୍ରସ୍ତାବକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଥିବା ନେଇ 'ଦ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍' ରିପୋର୍ଟ କରିଛି। ରିପୋର୍ଟ ଅନୁଯାୟୀ, ନଭେମ୍ବରରେ ଆମେରିକାର ମଧ୍ୟାବଧି ନିର୍ବାଚନ ପରେ ଇରାନ ଉପରେ ପୁଣି ବୋମା ବର୍ଷଣ ଆରମ୍ଭ ହୋଇପାରେ ବୋଲି ଟ୍ରମ୍ପ ତାଙ୍କ ସହଯୋଗୀଙ୍କୁ କହିଛନ୍ତି। ତେବେ ଏହା ଏକ ରିପୋର୍ଟ ଭିତ୍ତିକ ସୂଚନା। ଇରାନ ପକ୍ଷରୁ ଏ ନେଇ ଆମେରିକାର ଔପଚାରିକ ଉତ୍ତରକୁ ଅପେକ୍ଷା କରାଯାଉଛି। ଇରାନର ବିଦେଶମନ୍ତ୍ରୀ ଅବ୍ବାସ ଆରାଘଚି ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ଅବସରରେ କହିଥିଲେ ଯେ କତାର ମାଧ୍ୟମରେ ଆମେରିକାକୁ ୭ ଦିନିଆ ଏକ ସ୍ପଷ୍ଟ ପ୍ରସ୍ତାବ ପଠାଯାଇଛି। ଆବଶ୍ୟକ ସର୍ତ୍ତ ପୂରଣ ହେଲେ ଏହି ସମୟସୀମା ମଧ୍ୟରେ ରଣନୈତିକ ଗୁରୁତ୍ୱ ବହନ କରୁଥିବା ହର୍ମୁଜ୍ ଜଳପଥ ପୁଣି ଖୋଲିବ ଏବଂ ସାଧାରଣ ନୌପରିବହନ ଆରମ୍ଭ ହେବ ବୋଲି ସେ କହିଥିଲେ। ଇରାନର ପ୍ରସ୍ତାବରେ ଆମେରିକାର ନୌସେନା ଅବରୋଧ ହଟାଇବା, ଇରାନୀ ତୈଳ ଉପରେ ଲାଗୁଥିବା କଟକଣାରେ ରିହାତି ଦେବା ଏବଂ ଲେବାନନ୍‌କୁ ସାମିଲ କରି ଅଞ୍ଚଳରେ ଯୁଦ୍ଧବିରତି କରିବା ଭଳି ସର୍ତ୍ତ ରହିଥିବା ଜଣାପଡ଼ିଛି। ଏହା ସହିତ ଇରାନ ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଆମେରିକା ସହ ଆଲୋଚନା ପୁଣି ଆରମ୍ଭ କରିବାକୁ ମଧ୍ୟ ପ୍ରସ୍ତୁତ ଥିବା କହିଛି। ଇରାନର ରାଷ୍ଟ୍ରପତି ମସୁଦ ପେଜେଶକିଆନ୍ ମଧ୍ୟ କହିଛନ୍ତି ଯେ ଆମେରିକା ପ୍ରସ୍ତାବକୁ ଗ୍ରହଣ କଲେ ଯୁଦ୍ଧବିରତି ପ୍ରକ୍ରିୟା ସେହି ଦିନଠାରୁ ଆରମ୍ଭ ହୋଇପାରିବ।



### ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ଲୋକପ୍ରିୟତା ୩୭%କୁ ଖସିଲା

ୱାସିଂଟନ, ୨୬।୯(ଏଜେନ୍ସି): ଆମେରିକାର ନଭେମ୍ବର ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତା ୩୭%କୁ ଖସିଛି। 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍'ର ସଦ୍ୟ ପ୍ରକାଶିତ ମତାମତ ଅନୁସାରେ, ୧୯୯୦ରୁ ଏହି ପ୍ରକାର ସର୍ବେକ୍ଷଣ ଆରମ୍ଭ ହେବା ପରଠାରୁ ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ କୌଣସି ଆମେରିକୀୟ ରାଷ୍ଟ୍ରପତିଙ୍କ ଅନୁମୋଦନ ହାର ଏତେ କମ୍ ରେକର୍ଡ ହୋଇନଥିଲା। ଇରାନ ସହ ଚାଲିଥିବା ସଂଘର୍ଷ, ବୃଦ୍ଧି ପାଉଥିବା ତୈଳ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ନେଇ ଚିନ୍ତା ମଧ୍ୟରେ ଟ୍ରମ୍ପ ପ୍ରଶାସନ ଚାପରେ ରହିଛି। ତେବେ ନଭେମ୍ବର ୩ରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନରେ ରିପବ୍ଲିକାନ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି ଟ୍ରମ୍ପ ଦାବି ଜାରି ରଖିଛନ୍ତି। ନିର୍ବାଚନ ପୂର୍ବରୁ ଟ୍ରମ୍ପ ଆଇଓୱା, ଫ୍ଲୋରିଡ଼ା ଓ ଆଲାସ୍କା ଭଳି ରିପବ୍ଲିକାନ୍ ସମର୍ଥିତ ରାଜ୍ୟରେ ନିଜ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଯାଇପାରନ୍ତି।

# ୪ଟି ବିଭାଗର ୧,୧୦୧ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର,୨୬।୯(ସମିସ): ସରକାରୀ ଚାକିରି କେବଳ ଏକ କର୍ମସଂସ୍ଥାନ ବା ଆର୍ଥିକ ସୁରକ୍ଷାର ମାଧ୍ୟମ ନୁହେଁ, ବରଂ ଏହା ରାଜ୍ୟ ଓ ସମାଜ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରିବାର ଏକ ପବିତ୍ର ଅବସର।

**ନବନିଯୁକ୍ତ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପଞ୍ଚସୂତ୍ରୀ ମନ୍ତ୍ର**

**ନିଜକୁ ଜନସେବକ ଭାବି କାମ କରିବାକୁ ପରାମର୍ଶ**




ଶନିବାର ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୪ଟି ବିଭାଗର ସମୁଦାୟ ୧,୧୦୧ ଜଣ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବା ଅବସରରେ ଏହା କହିଛନ୍ତି।

ଏହି ଅବସରରେ ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ସ୍ୱଚ୍ଛ ପ୍ରଶାସନ ମାଧ୍ୟମରେ ସେମାନଙ୍କ ଆକାଂକ୍ଷାକୁ ସାକାର କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଦର୍ଶାଇ, 'ସମୃଦ୍ଧ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନକୁ ସାକାର କରିବାରେ ନବନିଯୁକ୍ତ ଅଧିକାରୀମାନଙ୍କ ଦକ୍ଷତା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ପ୍ରମୁଖ ମୂଳଦୁଆ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଆଜିର ଏହି ନିଯୁକ୍ତି ମେଳାରେ ସ୍ୱାସ୍ଥ୍ୟ ବିଭାଗରେ ୮୧୪ ଜଣ ମେଡିକାଲ ଅଫିସର ଓ ୯୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଶା ପ୍ରଶାସନିକ ସେବାର ୩୦ ଜଣ, ଓଡ଼ିଶା ରାଜସ୍ୱ ସେବାର ୪୨ ଜଣ, ଓଡ଼ିଶା ଅର୍ଥ ସେବାର ୪୬ ଜଣ, ଓଡ଼ିଶା ଟିକସ ଓ ହିସାବ ସେବାର ୬୦ ଜଣ ଏବଂ ସମବାୟ ସେବାର ୧୭ ଜଣ ଅଧିକାରୀ ସରକାରୀ ସେବାରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ନିଜ ଅଭିଭାଷଣରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀମାନଙ୍କୁ ଏକ 'ପଞ୍ଚସୂତ୍ରୀ' ମନ୍ତ୍ର ପ୍ରଦାନ କରିଛନ୍ତି। ସେ ସ୍ପଷ୍ଟ ଭାବେ କହିଥିଲେ ଯେ 'ଜନସେବା ହିଁ ମାଧବ ସେବା', ତେଣୁ ନିଜକୁ ଶାସକ ନ ଭାବି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଭଳି ନିଜକୁ 'ଜନସେବକ' ମନେକରି ସାଧାରଣ ଲୋକଙ୍କ ସେବା କରିବାକୁ ହେବ। ଦୁର୍ନୀତିକୁ କ୍ୟାରିୟର ପାଇଁ ବିଷ ସଦୃଶ ଗ୍ରହଣ କରିବାକୁ ଚେତାବନୀ ଦେଇ ସେ ସ୍ପଷ୍ଟ କରିଥିଲେ ଯେ ସରକାରଙ୍କ ଦୁର୍ନୀତି ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଜାରି ରହିଛି ଏବଂ ଏଥିପାଇଁ ଭିଜିଲାନ୍ସ ବିଭାଗକୁ ସମ୍ପୂର୍ଣ୍ଣ ଖୋଲା ସ୍ୱାଧୀନତା ଦିଆଯାଇଛି। ଏହା ସହିତ 'ଜନଶୁଣାଣି'କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ଏବଂ ତୃଣମୂଳ ସ୍ତରରେ ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟର ମୋଟ କର୍ମସଂସ୍ଥାନ କ୍ଷେତ୍ର ମଧ୍ୟରୁ ସରକାରୀ ଚାକିରିର ସୁଯୋଗ ମାତ୍ର ୪ ପ୍ରତିଶତ ଭିତରେ ସୀମିତ ଥିବାବେଳେ, କଠିନ ପ୍ରତିଯୋଗିତା, ମାତାପିତାଙ୍କ ଆଶୀର୍ବାଦ ଏବଂ ନିଜର କଠିନ ପରିଶ୍ରମ ବଳରେ ସଫଳ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତମାନଙ୍କୁ ଭାଗ୍ୟବାନ ବୋଲି ଅଭିହିତ କରିବା ସହ ସେମାନଙ୍କ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନବନିଯୁକ୍ତଙ୍କୁ ନିଜ ନିଜ ବିଭାଗର 'ରୋଲ୍ ମଡେଲ୍' ଭାବେ ଭବିଷ୍ୟତର ଆଦର୍ଶ ରୂପେ ଗଢ଼ିଉଠିବାକୁ ଆହ୍ୱାନ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବନିଯୁକ୍ତଙ୍କୁ ଉତ୍ସାହିତ କରି ଏହି ନିଯୁକ୍ତି ପତ୍ର କେବଳ ଏକ ସରକାରୀ 'ପ୍ରମାଣ ପତ୍ର' ନୁହେଁ, ବରଂ ଏହା ବର୍ଷ ବର୍ଷର କଠିନ ପରିଶ୍ରମର ସ୍ୱୀକୃତି ପତ୍ର ବୋଲି କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦେଶ ସେବା ଏବଂ ମାନବ ସେବା ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ପଦକ୍ଷେପମାନ 'ସୁସ୍ଥ ଓଡ଼ିଶା' ଗଠନର ସ୍ୱପ୍ନକୁ ସାକାର କରିବ ବୋଲି ସେ ପ୍ରକାଶ କରିଥିଲେ।



ନବଗଠିତ ବିଜେଡି ସଂଖ୍ୟାଲଘୁ ସେଲ୍‌ର ସଦସ୍ୟ ଓ କର୍ମକର୍ତ୍ତାମାନେ ଶନିବାର ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି

# ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ,୨୬।୯(ସମିସ): ରବିବାରଠାରୁ ଆରମ୍ଭ ହେବ ପିତୃପକ୍ଷ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ତେବେ ଏହି ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଥା'ନ୍ତି। ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ସେମାନେ ସ୍ନାନ କରି ତିଳତର୍ପଣ କରିଥା'ନ୍ତି। ବିଶ୍ୱାସ ରହିଛି ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ ଅନ୍ଧାରରେ ଆସ ଆଲୁଅରେ ଯାଅ ବୋଲି କୁହାଯାଇ ବିଦାୟ ଦିଆଯାଏ। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଓ ପିତୃପୁରୁଷଙ୍କ ଆତ୍ମା ଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ୍। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି।

# 'ଅଙ୍ଗନ୍ କା ଉତ୍ସବ' ଅଭିଯାନର ଉଦ୍‌ଘାଟିତ



ଭୁବନେଶ୍ୱର,୨୬।୯(ସମିସ): ଏଣିକି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଶାଢ଼ୀ ଭତ୍ତା ବାବଦକୁ ୧୩୯୦ ଟଙ୍କାରୁ ୧୫୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ଯେଉଁଥିରେ ଭାରତ ସରକାର ୬୦୦ ଟଙ୍କା ଏବଂ ଓଡ଼ିଶା ସରକାର ୯୦୦ ଟଙ୍କା ପ୍ରଦାନ କରିବେ। ସମୁଦାୟ ୨୨.୩୦ କୋଟି ଟଙ୍କାର ବ୍ୟୟବରାଦରେ ରାଜ୍ୟର ପ୍ରାୟ ୧.୪୮ ଲକ୍ଷ ଅଙ୍ଗନୱାଡି କର୍ମୀ ଓ ସହାୟିକା ଉପକୃତ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶନିବାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ଅଙ୍ଗନ୍ କା ଉତ୍ସବ' ଅଭିଯାନର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବା ସହ ରାଜ୍ୟର ଅଙ୍ଗନବାଡ଼ି କର୍ମୀଙ୍କ ପ୍ରଶାସନିକ ବୋଝ କମାଇବା ପାଇଁ 'ଦୀପ୍ତି' (ଡାଇରେକ୍ଟ ଇନଭଏସ୍ ପେମେଣ୍ଟ ଆଣ୍ଡ ଟ୍ରାକିଂ ଇଣ୍ଟରଫେସ୍) ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ

**ଅଙ୍ଗନୱାଡି କର୍ମଚାରୀଙ୍କ ଶାଢ଼ୀ ଭତ୍ତା ୧୫୦୦ ଟଙ୍କାକୁ ବୃଦ୍ଧି**

**ଡିଜିଟାଲ୍ ବିଦ୍ୟୁତ୍ ବିଲ୍ ପରିଚାଳନା ପାଇଁ 'ଦୀପ୍ତି' ପୋର୍ଟାଲ୍ ଶୁଭାରମ୍ଭ**

ଡିସକମ୍‌ର ମିଳିତ ସହଯୋଗରେ ବିକଶିତ ଏହି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବିଜୁଳି ବିଲ୍ ଯାଞ୍ଚ, ପରିଶୋଧ ଓ ଟ୍ରାକିଂ ସିଧାସଳଖ ସମ୍ପାଦିତ ହେବ। ଏହାଦ୍ୱାରା ଅଙ୍ଗନବାଡ଼ି କର୍ମୀମାନେ ବିଜୁଳି ବିଲ୍ ଦେବାର ଆର୍ଥିକ ଦାୟିତ୍ୱରୁ ମୁକ୍ତ ହେବା ସହ କେନ୍ଦ୍ରଗୁଡ଼ିକରେ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶ୍ୱାଲ, ନିର୍ଦ୍ଦେଶକା ମୋନିଷା ବାନାର୍ଜୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନା ଅନୁସାରେ, ରାଜ୍ୟରେ ଚଳିତ ସେପ୍ଟେମ୍ବର ୯ରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ 'ପୋଷଣ ମାସ' ଏବଂ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ 'ସେବା ସଂକଳ୍ପ ଅଭିଯାନ' ଚାଲିଥିବା ବେଳେ ଏହି ଅଭିଯାନ ଅଧୀନରେ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ସେପ୍ଟେମ୍ବର ୨୭,୨୮ ଓ ୨୯ ତାରିଖ ୩ଦିନିଆ ବିଶେଷ କାର୍ଯ୍ୟକ୍ରମ ଆୟୋଜନ ହେବ। ପ୍ରଥମ ଦିନ 'ପୋଷଣ ଓ ଖାଦ୍ୟ ପ୍ରତିଯୋଗିତା'ରେ 'ପୋଷଣ ପିଠା' ପ୍ରଦର୍ଶିତ ଏବଂ ପିତାମାନଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନ ଶିଶୁ ଭିତ୍ତିକ ମନୋରଞ୍ଜନ, ଖେଳ, କାହାଣୀ କହିବା ସହ "ଆମ କୁନିପିଲା' ଓ "ମୋ ବିକାଶ ପତ୍ର' ପ୍ରଦର୍ଶନୀ ହେବ। ତୃତୀୟ ଦିନରେ ପୋଷଣ, ସୁଭଦ୍ରା, ମମତା, ପିଏମ୍ ଆଭାସ ଓ ଅଦ୍ୱିକା ଯୋଜନା ଉପରେ ଆଲୋଚନା ସହ ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କୁ ସ୍ୱାସ୍ଥ୍ୟକର 'ତ୍ରିରଙ୍ଗା ଥାଳି' ଭୋଜନ ବ୍ୟବସ୍ଥା କରାଯାଇଛି।

**ମୁଖ୍ୟ ନିର୍ବାଚନ କମିସନରଙ୍କୁ ବରଖାସ୍ତ ଦାବିରେ କମ୍ପିଲା ଗାନ୍ଧୀମାର୍ଗ**

# ଏସ୍‌ଆଇଆର ବନ୍ଦ ଦାବିରେ ରାଜଧାନୀରେ ବାମପନ୍ଥୀ ଦଳର ବିକ୍ଷୋଭ




ଭୁବନେଶ୍ୱର, ୨୬।୯(ସମିସ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ବନ୍ଦ କରିବା, ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ନାମ ତୁରନ୍ତ ପୁନଃସ୍ଥାପନ ଏବଂ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବିରେ ଶନିବାର ଗାନ୍ଧୀ ମାର୍ଗରେ ଚାରି ବାମପନ୍ଥୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେସନ୍ ଓ ଫରୱାର୍ଡ ବ୍ଲକ୍ ପକ୍ଷରୁ ପଟୁଆର, ପ୍ରତିବାଦ ସଭା ଓ ବିକ୍ଷୋଭ ଆୟୋଜିତ ହୋଇଥିଲା।

ବିକ୍ଷୋଭରେ ବାମପନ୍ଥୀ ଦଳର ନେତାମାନେ କହିଥିଲେ ଯେ ମତାଧିକାର ଗଣତନ୍ତ୍ରର ଏକ ମୌଳିକ ଅଧିକାର। ତେଣୁ ଭୋଟର ତାଲିକା ପ୍ରସ୍ତୁତି, ସଂଶୋଧନ ଓ ନାମ ବାଦ ଦେବା ପ୍ରକ୍ରିୟା ସ୍ୱଚ୍ଛ, ନିରପେକ୍ଷ, ଆଇନସମ୍ମତ ଓ ଯାଞ୍ଚଯୋଗ୍ୟ ହେବା ଆବଶ୍ୟକ। ପ୍ରଶାସନିକ ତ୍ରୁଟି, ସଫ୍ଟୱେର ସମସ୍ୟା କିମ୍ବା ଦଲିଲ ସମ୍ପର୍କିତ ଅସ୍ପଷ୍ଟତା କାରଣରୁ କୌଣସି ଯୋଗ୍ୟ ନାଗରିକ ଭୋଟ ଦେବାର ଅଧିକାରରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି ସେମାନେ ମତ ଦେଇଥିଲେ। ଚଳିତ ମାସ ଗତ ୨୩ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟକୁ ଉଲ୍ଲେଖ କରି ବକ୍ତାମାନେ ଭୋଟର ପଞ୍ଜିକରଣ, ନାମ ବାଦ ଓ ପୁନଃସ୍ଥାପନ, ଏସ୍‌ଆଇଆର ଏବଂ ନିର୍ବାଚନୀ ତଥ୍ୟ ପରିଚାଳନା ସମ୍ପର୍କରେ ଉଠିଥିବା ପ୍ରଶ୍ନଗୁଡ଼ିକର ସ୍ୱଚ୍ଛ ଭାବେ ଉତ୍ତର ଦେବାକୁ ଦାବି କରିଥିଲେ। ନିର୍ବାଚନୀ ତଥ୍ୟ ପରିଚାଳନା ଓ ଭୋଟର ତଥ୍ୟଭଣ୍ଡାର ସମ୍ପର୍କରେ ମଧ୍ୟ ସ୍ପଷ୍ଟତା ଆବଶ୍ୟକ ବୋଲି ସେମାନେ କହିଥିଲେ।

ବିକ୍ଷୋଭ ସଭାରେ ଚାରି ଦଳ ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା, ତାଙ୍କ ବିରୋଧରେ ଉଠିଥିବା ପ୍ରଶ୍ନର ସ୍ୱାଧୀନ ଓ ନିରପେକ୍ଷ ତଦନ୍ତ, ଏସ୍‌ଆଇଆର ତୁରନ୍ତ ବନ୍ଦ କରିବା ଏବଂ ଅନ୍ୟାୟ ଭାବେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ନାମ ପୁନଃସ୍ଥାପନ ଦାବି କରାଯାଇଥିଲା। ଏଥିସହ ନିର୍ବାଚନ ଆୟୋଗର ସ୍ୱାଧୀନ ଓ ସ୍ୱଚ୍ଛ କାର୍ଯ୍ୟପ୍ରଣାଳୀ ସୁନିଶ୍ଚିତ କରିବାକୁ ମଧ୍ୟ ଦାବି ରହିଥିଲା। ନେତାମାନେ କହିଥିଲେ ଯେ ନିର୍ବାଚନୀ ବ୍ୟବସ୍ଥାର ବିଶ୍ୱସନୀୟତା କୌଣସି ଗୋଟିଏ ଦଳର ପ୍ରସଙ୍ଗ ନୁହେଁ। ଏହା ଗଣତନ୍ତ୍ର, ମତାଧିକାର ଓ ନାଗରିକ ଅଧିକାର ସହ ଜଡ଼ିତ ପ୍ରସଙ୍ଗ। ତେଣୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସାର୍ବଜନୀନ ଯାଞ୍ଚର ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ସେମାନେ ମତ ରଖିଥିଲେ। ଏହାସହ ଶନିବାର ଠାରୁ ଆସନ୍ତା ମାସ ୨ତାରିଖ ପର୍ଯ୍ୟନ୍ତ ପ୍ରତିବାଦ କାର୍ଯ୍ୟକ୍ରମକୁ ଦେଶବ୍ୟାପୀ କରିବାକୁ ଚାରି ଦଳ ପକ୍ଷରୁ ଘୋଷଣା କରାଯାଇଛି। ମତାଧିକାର ଓ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଏହି ଆନ୍ଦୋଳନରେ ବିଭିନ୍ନ ଗଣତାନ୍ତ୍ରିକ ଶକ୍ତି, ଶ୍ରମିକ, କୃଷକ, ଯୁବ, ଛାତ୍ର ଓ ନାଗରିକ ସମାଜକୁ ସାମିଲ ହେବାକୁ ଦଳଗୁଡ଼ିକ ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍) ଲିବରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ବହୁ ବାମପନ୍ଥୀ ନେତା ଓ କର୍ମୀ ଏଥିରେ ଯୋଗଦେଇ ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇଥିଲେ।

**ଭଦ୍ରକ ଯୁବ ନେତା ଦୀପକ ଦାସ ମୃତ୍ୟୁ ଘଟଣା**

# ବିଜେପି ଯୁବ ନେତାଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ

ଭୁବନେଶ୍ୱର,୨୬।୯(ସମିସ): ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ନେତା ଦୀପକ ଦାସଙ୍କ ଅପମୃତ୍ୟୁ ମାମଲାରେ ବିଜେପି ଯୁବ ନେତାଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଛି ରାଜ୍ୟ କଂଗ୍ରେସ। ଶନିବାର କଂଗ୍ରେସ ଭବନଠାରେ ଦଳ ଏକ ସାମ୍ବାଦିକ ସମ୍ମିଳନୀ କରି ଏକ ଘରୋଇ ନର୍ସିଂହୋମ୍‌ରେ ଚାଲିଥିବା ଭ୍ରୂଣର ଲିଙ୍ଗ ନିରୂପଣ ଖବର ଓ ଏହାକୁ ନେଇ ହୋଇଥିବା ବିବାଦ ପରେ ଦୀପକ ଦାସଙ୍କ ମୃତ୍ୟୁକୁ ନେଇ ଦଳ ପ୍ରଶ୍ନ କରିଛି। ପିସିସି ଉପସଭାପତି ଡଃ ଦେବାଶିଷ ପଟ୍ଟନାୟକ ସମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଦୀପକ ଦାସ ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବାସିନ୍ଦା ଥିଲେ। ସେ ଯୁବ କଂଗ୍ରେସର ନେତା ସହ ଜଣେ ସମାଜ ସେବୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ବାସୁଦେବପୁର ଅଞ୍ଚଳରେ ଚାଲୁଥିବା ଏକ ଘରୋଇ ନର୍ସିଂହୋମରେ ଅନୈତିକ ଉପାୟରେ ହେଉଥିବା ଭ୍ରୂଣର ଲିଂଗ ନିରୂପଣ ଓ ଭ୍ରୂଣ ହତ୍ୟା ବିଷୟରେ ଜାଣିବାକୁ ପାଇବା ପରେ ଦୀପକ ଏହି ବିଷୟରେ ସ୍ୱର ଉଠାଇଥିଲେ। ମାତ୍ର ଏହି ଘରୋଇ ନର୍ସିଂହୋମ ଭଦ୍ରକ ଜିଲ୍ଲା ଯୁବ ବିଜେପି ସଭାପତି ତପନ ରାଉତଙ୍କର ଜଣେ ନିକଟ ସମ୍ପର୍କୀୟଙ୍କ ହୋଇଥିବା ବେଳେ ଏଥିରେ ବର୍ତ୍ତମାନ ରାଜ୍ୟ ସଭା ସାଂସଦ ମଧ୍ୟ ଅଂଶୀଦାର ଅଛନ୍ତି ବୋଲି କଂଗ୍ରେସ କହିଛି।




ବିଗତ କିଛି ମାସ ପୂର୍ବରୁ ଜଣେ ଅବିବାହିତ ଯୁବତୀ ଯେ କି କୋଶମୋବଜାରରେ ସେଲ୍ସ ଗର୍ଲ ଭାବେ କାର୍ଯ୍ୟରତ ଥିଲେ, ତାଙ୍କର ଏହି ନର୍ସିଂହୋମରେ ଗର୍ଭପାତ ହୋଇଥିଲା ଓ ପରବର୍ତ୍ତୀ ସମୟରେ ତାଙ୍କର ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଥିଲା। ଏହି ସଂକ୍ରାନ୍ତରେ ମଧ୍ୟ ବାସୁଦେବପୁର ଥାନାରେ ମାମଲା ରୁଜୁ ହୋଇଛି। ସେହିଭଳି ଚାନ୍ଦବାଲି ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଅନ୍ୟାୟ ଓ ଦୁର୍ନୀତିରେ ଲିପ୍ତ ରହିବା ସହ ସରକାରୀ ଦଳର ହାତ ବାରିସି ସାଜି କାମ କରୁଥିଲେ। ଏହି ସବୁ ଦୁର୍ନୀତି ଓ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଉଥିବାରୁ ଦୀପକ ଚାନ୍ଦବାଲି ଥାନା ଆଇଆଇସିଙ୍କର ମଧ୍ୟ ପରମ ଶତ୍ରୁ ପାଲଟି ଯାଇଥିଲେ। ଏତଦ୍ ବ୍ୟତୀତ ଚାନ୍ଦବାଲି ଆଇଆଇସି ଓ ଭଦ୍ରକ ଆରକ୍ଷୀ ଅଧିକ୍ଷକଙ୍କ ବିରୁଦ୍ଧରେ ଦୀବକ ଏକ ଭିଡିଓ କରି ଫେସବୁକ୍‌ରେ ପୋଷ୍ଟ କରିଥିଲେ। ପରବର୍ତ୍ତୀ ସମୟରେ ଦୀପକ ଦାସର ସ୍ତ୍ରୀ ଦୀପା ଦାସ ଘରୋଇ ହିଂଶାକୁ ନେଇ ଚାନ୍ଦବାଲି ଥାନାରେ ଏକ ଅଭିଯୋଗ କରିଥିଲେ। ଚାନ୍ଦବାଲି ଆଇଆଇସି କେସ ରେଜିଷ୍ଟର ନକରି ନିଜ ଷଡଯନ୍ତ୍ର ମୁତାବକ ନିଜ ଷ୍ଟାଫ ସହ ଦୀପକ ଦାସର ଚାନ୍ଦବାଲି ଘରେ ସେପ୍ଟେମ୍ବର ରାତି ୧୧ ଟା ସମୟରେ ଚଢାଉ କରିଥିଲେ ଓ ତାକୁ ନିର୍ଯାତନା ଦେଇଥିଲେ, ଯାହା ଫଳରେ ଦୀପକ ପୁଲିସ ଚାପରେ ବିଷ ପିଇ ଦେଇଥିଲା ବୋଲି କଂଗ୍ରେସ କହିଛି। ଦୀପକୁ ପୁଲିସ ହସ୍ପିଟାଲ ନେଇଥିଲେ ମଧ୍ୟ କଟକ ଏସସିବି ମେଡିକାଲରେ ମୃତ୍ୟୁର ଶେଷ ସମୟରେ ଆଡମିଟ ହୋଇଥିଲେ ଓ ତାଙ୍କର ମୃତ୍ୟୁ ହୋଇଥିଲା।

ଆଇଆଇସି ଓ ଆରକ୍ଷୀ ଅଧିକ୍ଷକ ମୃତ ଦୀପକ ଦାସ ପରିବାର ଉପରେ ବିଭିନ୍ନ ଉପାୟରେ ଚାପ ପକାଇ ମୃତ ଦେହକୁ ଜବରଦସ୍ତ ପୁଲିସ ନିଜେ ପୋତି ଦେଇଥିଲା ବୋଲି ଦଳ କହିଛି। ତେବେ ଦୀପକ ଦାସ ବିରୁଦ୍ଧରେ କୌଣସି ମାମଲା ନଥାଇ କାହିଁକି ରାତିରେ ତା ଘରେ ଚଢାଉ କରାଯାଇଥିଲା ବୋଲି କଂଗ୍ରେସ ପ୍ରଶ୍ନ କରିବା ସହ ବିଜେପିର ଏଜେଣ୍ଟ ସାଜି ଭଦ୍ରକ ଯୁବ ସଭାପତି ଚନ୍ଦନ ରାଉତ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶରେ ତାକୁ ହତ୍ୟା କରିବାର ଷଡଯନ୍ତ୍ର କରା ଯାଇଥିଲା କି କଂଗ୍ରେସ ପ୍ରଶ୍ନ କରିଛି।

**ମନି ଲଣ୍ଡରିଂ ମାମଲା**

# ବାଜ୍ୟାପ୍ତ ବ୍ୟାଙ୍କ ଜମାଖାତାକୁ ସଚଳ ଆବେଦନ ହାଇକୋର୍ଟରେ ଖାରଜ

କଟକ,୨୬।୯ (ସମିସ): ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ) ଅଧୀନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଅସ୍ଥାୟୀ ଭାବେ ବାଜ୍ୟାପ୍ତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ମୁକ୍ତ କରିବା ପାଇଁ ହୋଇଥିବା ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ରତିକାନ୍ତ ରାଉତଙ୍କ ତରଫରୁ ରୁଜୁ ଏହି ଆବେଦନର ଶୁଣାଣି କରି ଜଷ୍ଟିସ ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଇଡି ଦ୍ୱାରା ଆବେଦନକାରୀ ରତିକାନ୍ତ ରାଉତଙ୍କ ୨୫,୮,୯୩୫ ଟଙ୍କାର ଜମା ଥିବା ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଅସ୍ଥାୟୀ ଭାବେ ଜବତ କରାଯାଇଥିଲା। ଇଡିର ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ସଦର, ମୋଟଙ୍ଗା, ବାଲିମି, ଓ ଯାଜପୁରର ଯାଖପୁରା ଥାନାରେ ରୁଜୁ ହୋଇଥିବା ବିଭିନ୍ନ ଅପରାଧିକ ମାମଲା ଯେପରିକି ଡକାୟତି, ଷଡ଼ଯନ୍ତ୍ର, ଠକେଇ ଓ ବେଆଇନ ବିସ୍ଫୋରକ କାରବାରରୁ ଏହି ଅର୍ଥ ମିଳିଥିଲା। ଆବେଦନକାରୀଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ ଯେ ଜବତ ଆକାଉଣ୍ଟଗୁଡ଼ିକରେ ଥିବା ଟଙ୍କା ତାଙ୍କର ବୈଧ ବ୍ୟବସାୟରୁ ଆସିଛି। ଏହାସହ ୩୬୫ ଦିନ ମଧ୍ୟରେ ଅଦାଲତରେ କୌଣସି ଆନୁଷ୍ଠାନିକ ଚାର୍ଜସିଟ୍ /ପ୍ରୋସିକ୍ୟୁସନ ଦାଖଲ ହୋଇନଥିବାରୁ ଜମାଖାତା ବାଜ୍ୟାପ୍ତି ଆଦେଶ ଆଇନଗତ ଭାବେ ଗ୍ରହଣୀୟ ନୁହେଁ। ଆବେଦନକାରୀ ପୂର୍ବରୁ ସମାନ ଦାବି ନେଇ ଏକ ରିଟ୍ ଆବେଦନ କରିସାରିଛନ୍ତି, ଯାହା ବିଚାରାଧୀନ ଅଛି। ଏହି ତଥ୍ୟକୁ ସିଆରଏଲଏମସି ଆବେଦନରେ ନ ଦର୍ଶାଇବା ଗ୍ରହଣଯୋଗ୍ୟ ନୁହେଁ।




# ମଣିଷକୁ ପ୍ରକୃତରେ କେତେ ଜମି ଦରକାର?





ମୂଳ ଇଂରାଜୀ: ଲିଓ ଟଲଷ୍ଟୟ
ଅନୁସୃଜନ : ଡକ୍ଟର ଆର୍. ଏସ୍. ଭି. କ୍ରୀଷ୍ଣା (ଯଶସ୍ୱୀ)

ଅସ୍ତଗାମୀ ସୂର୍ଯ୍ୟଙ୍କ ମୃଦୁ ଆଭା ସତେ ଯେମିତି ସନ୍ଧ୍ୟା ସମୟକୁ ଆହୁରି ଶୀତଳ କରିବାକୁ ଉଦ୍ୟତ । ଦୁଇ ଭଉଣୀ ଘର ଅଗଣାରେ ବସି ଚା' ପିଉଥିବା ଦୃଶ୍ୟ । ବଡ଼ ଭଉଣୀ ସହରରୁ ଆସିଥିଲା । ନୂଆ ପରିଧାନ, ସୁନାର ଗହଣା ଓ ଆତ୍ମବିଶ୍ୱାସରେ ଭରା କଣ୍ଠସ୍ୱର ତା'ର ସହରୀ ଜୀବନର ପରିଚୟ ଦେଉଥିଲା । "ସହର ଜୀବନର ମଜା ତୁ ଜାଣିନୁ ।" ସେ ହସି କହିଲା । "ଭଲ ଖାଦ୍ୟ, ଭଲ ପୋଷାକ, ଥିଏଟର, ମେଳା, ଉତ୍ସବ - ସବୁ ହାତ ମୁଠାରେ ।"

ସାନ ଭଉଣୀ ଶାନ୍ତ ସ୍ୱରରେ କହିଲା, "ହଁ, ସହରରେ ଆରାମ ଅଛି । କିନ୍ତୁ ଗାଁରେ ଅଛି ଶାନ୍ତି । ଆମେ କମ୍ ଖାଉ, ସାଧାରଣ ଜୀବନ ଯାପନ କରୁ, କିନ୍ତୁ କାହାର ଦୟାରେ ବଞ୍ଚୁନାହୁଁ ।" ପାଖରେ ବସିଥିବା ତା'ର ସ୍ୱାମୀ ପାହୋମ୍ ସବୁ ଶୁଣୁଥିଲା । ତା' ମନରେ ଗୋଟିଏ ଚିନ୍ତା ଘୂରିବାକୁ ଲାଗିଲା । "ଆମର ଅଭାବ କେବଳ ଗୋଟିଏ-ଜମି । ଯଦି ମୋ ପାଖରେ ପର୍ଯ୍ୟାପ୍ତ ଜମି ଥାଆନ୍ତା, ତେବେ ମୁଁ ସଇତାନ୍‌କୁ ମଧ୍ୟ ଖାତିର କରି ନ ଥାଆନ୍ତି ।" ଏହି କଥାଟି ଯେପରି ପବନରେ ଭାସିଗଲା । କିନ୍ତୁ ସେହି ଦିନଠାରୁ ପାହୋମ୍‌ର ମନରେ ଜମି ପ୍ରତି ଏକ ଅଦମ୍ୟ ଆକର୍ଷଣ ଜମାଟ ବାନ୍ଧିଲା ।

କିଛି ଦିନ ପରେ ଗାଁର ଜଣେ ଜମିଦାର ତା'ର ଜମି ବିକ୍ରି କରିବାକୁ ଚାହିଁଲେ । ପାହୋମ୍ ଋଣ କରି, ସଞ୍ଚିତ ଧନ ଖର୍ଚ୍ଚ କରି କିଛି ଜମି କିଣିଲା । ନିଜ ଜମିରେ ଫସଲ ଫଳିଲା । ଆୟ ବଢ଼ିଲା । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେଲା । କିନ୍ତୁ ଆଶ୍ଚର୍ଯ୍ୟ ! ଯେଉଁ ମଣିଷ ଗତକାଲି ଅଳ୍ପ ଜମିରେ ଖୁସି ହେଇଯାଇଥିଲା, ସେ ଆଜି ଆଉ ଅଧିକ ଜମିର ସ୍ୱପ୍ନ ଦେଖିବାକୁ ଲାଗିଲା । "ଏତିକିରେ କ'ଣ ହେବ? ଆଉ ଟିକେ ଜମି ଥାଆନ୍ତା, ତେବେ ଭଲ ହେଇଥାନ୍ତା ।"

'ଆଉ ଟିକେ' ଶବ୍ଦ ତା'ର ଜୀବନର ନୂଆ ମନ୍ତ୍ର ହୋଇଗଲା । କିଛି ବର୍ଷ ପରେ ସେ ଶୁଣିଲା ଯେ ଭୋଲଗା ନଦୀ ଆରପାରିରେ ଅସୀମ ଉର୍ବର ଜମି ଅଛି । ସେ ନିଜ ପୁରୁଣା ଘରବାଡ଼ି ବିକ୍ରି କରି ସେଠାକୁ ଚାଲିଗଲା । ସେଠାରେ ଅଧିକ ଜମି ମିଳିଲା । ଧନ ବଢ଼ିଲା । ମର୍ଯ୍ୟାଦା ବଢ଼ିଲା । ତଥାପି ତା'ର ମନର ଭୋକ ଶାନ୍ତ ହେଲା ନାହିଁ । ଦିନେ ଜଣେ ବ୍ୟବସାୟୀ ତା'କୁ କହିଲେ, "ଦୂରରେ ବାସ୍କିର୍ ଲୋକଙ୍କ ଦେଶ ଅଛି । ସେଠାରେ ଜମିର ଶେଷ ନାହିଁ । ଅତି ଅଳ୍ପ ଦାମରେ ଯେତେ ଚାହିଁବୁ ମିଳିଯିବ ।"

ପାହୋମ୍‌ର ଆଖିରେ ଜମିର ଭୋକ ଜଳ ଜଳ ଦିଶୁଥିଲା । ସେ ତୁରନ୍ତ ବାସ୍କିର୍ ଅଭିମୁଖେ ଯାତ୍ରା ଆରମ୍ଭ କଲା । ବାସ୍କିର୍‌ବାସିନ୍ଦା ଥିଲେ ସରଳ ଓ ଅତିଥି ପରାୟଣ । ସେମାନଙ୍କ ମୁଖିଆ ପାହୋମ୍‌କୁ ଦେଖି ହସି କହିଲେ, "ଆମେ ଟଙ୍କା ପାଇଁ ଜମି ବିକ୍ରି କରୁ ନାହୁଁ । ତୁମେ ହଜାର ରୁବଲ୍ ଦିଅ । ସୂର୍ଯ୍ୟ ଉଦୟରୁ ଅସ୍ତ ପର୍ଯ୍ୟନ୍ତ ଯେତେ ଦୂର ଚାଲି ନିଜ ପଥକୁ ଘେରି ପାରିବ, ସେତେ ଜମି ତୁମର । କିନ୍ତୁ ଗୋଟିଏ ସର୍ତ୍ତ- ସୂର୍ଯ୍ୟ ଅସ୍ତ ପୂର୍ବରୁ ତୁମକୁ ଆରମ୍ଭ ସ୍ଥାନକୁ ଫେରିବାକୁ ପଡ଼ିବ ।" ପାହୋମ୍ ଖୁସିରେ ଆତ୍ମହରା ହୋଇଗଲା । ପରଦିନ ପ୍ରଭାତରେ ସେ କୋଦାଳ ଧରି ଚାଲିବା ଆରମ୍ଭ କଲା । କିଛି ଦୂର ଯାଇ ମାଟିରେ ଚିହ୍ନ ଦେଲା । ସାମ୍ନାରେ ସବୁଜିମା ଭରା ଉର୍ବର ଭୂମି ଦେଖି ଭାବିଲା - "ଏହାକୁ ଛାଡ଼ିବି କାହିଁକି? ଆଉ ଟିକେ ଆଗକୁ ଯାଏ ।" ସେ 'ଆଉ ଟିକେ' ଆଗକୁ ମାଡ଼ି ଚାଲିଲା । ମଧ୍ୟାହ୍ନ ହେଲା । ଉତ୍ତପ୍ତ ସୂର୍ଯ୍ୟ ମୁଣ୍ଡ ଉପରେ ଅଗ୍ନିପିଣ୍ଡ ଭଳି ଝଲସୁ ଥିଲେ । କିନ୍ତୁ ପାହୋମ୍‌ର ଲୋଭ ତା'କୁ ବିଶ୍ରାମ ନେବାକୁ ଦେଲା ନାହିଁ । "ଏହି ପାହାଡ଼ ପର୍ଯ୍ୟନ୍ତ ଯାଏ । ସେହି ମଇଦାନଟିକୁ ମଧ୍ୟ ନେବି ।" ସମୟ ଗଡ଼ି ଚାଲିଲା । ସେ 'ଆଉ ଟିକେ', 'ଆଉ ଟିକେ' ଆଗକୁ ମାଡ଼ି ଚାଲିଲା ।

ହଠାତ୍ ସେ ପଶ୍ଚିମ ଆକାଶକୁ ଚାହିଁ ଚମକି ଉଠିଲା । ସୂର୍ଯ୍ୟ ଅସ୍ତମୁଖୀ । "ହେ ଭଗବାନ! ମୁଁ ତ ବହୁତ ଦୂରକୁ ଚାଲିଆସିଛି!"

ସେ ଦୌଡ଼ିବାକୁ ଲାଗିଲା ଆରମ୍ଭ ସ୍ଥଳ ଦିଗକୁ । ଛାତି ଧଡ଼ଧଡ଼ କରୁଥିଲା । ଶ୍ୱାସ ଅଟକି ଆସୁଥିଲା । ପାଦ ଥର ଥର କମ୍ପୁଥିଲା । ଆରମ୍ଭ ସ୍ଥାନରେ ଠିଆ ହୋଇଥିବା ଲୋକମାନଙ୍କ ଆକୃତି ଦେଖି ସେ ଆହୁରି ବେଗରେ ଦୌଡ଼ିଲା । ମୁଖିଆ ଦୂରରୁ ଚିତ୍କାର କରୁଥିଲେ - "ଶୀଘ୍ର! ଶୀଘ୍ର! ସୂର୍ଯ୍ୟ ଅସ୍ତ ହେବାକୁ ଯାଉଛନ୍ତି !"

ଶେଷ ମୁହୂର୍ତ୍ତରେ ପାହୋମ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିଗଲା । ଖୁସିରେ ସେ କହିଲା - "ସବୁ ଜମି ମୋର!" କିନ୍ତୁ କଥା ଶେଷ ହେବା ଆଗରୁ ସେ ମାଟି ଉପରେ ମୁହଁ ମାଡ଼ି ପଡ଼ିଗଲା । ତା'ର ଶରୀର ଥିଲା ନିସ୍ତେଜ ଓ ନିଶ୍ଚଳ । ମୁଖିଆ ନିରବରେ ମୁଣ୍ଡ ହଲାଇଲେ । ପାହୋମ୍‌ର ଚାକର କୋଦାଳ ଧରି ଗୋଟିଏ କବର ଖୋଳିଲା- ମୁଣ୍ଡଠାରୁ ପାଦ ପର୍ଯ୍ୟନ୍ତ ମାତ୍ର ଛଅ ହାତ ଲମ୍ବା କବର ।

ସେହି କବରରେ ପାହୋମ୍‌କୁ ଶୁଆଇ ଦିଆଗଲା । ଜୀବନ ବ୍ୟାପି ଅସୀମ ଜମି ପଛରେ ଦୌଡ଼ିଥିବା ମଣିଷଟି ଶେଷରେ ପାଇଲା ମାତ୍ର ଛଅ ହାତ ଜମି । ସେହିଦିନ ଅସ୍ତଗାମୀ ସୂର୍ଯ୍ୟ ମନେ ମନେ ଯେପରି ପୃଥିବୀକୁ କହିଗଲେ - "ମଣିଷର ଆବଶ୍ୟକତା ଅଳ୍ପ, କିନ୍ତୁ ତା'ର 'ଆଉ ଟିକେ'ର ଲୋଭ ଅସୀମ । ଶେଷରେ ତା'କୁ ଦରକାର ହୁଏ କେବଳ ଏତିକି ଜମି, ଯେତିକି ତା'ର ଶରୀରକୁ ଢାଙ୍କି ରଖିପାରେ ଓ ବାସ୍ ଏତିକି । 'ଆଉଟିକେ' ନୁହେଁ ।" ■

ବିକାଶ ହାୟର୍ ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍ସ
ବରଗଡ଼
ମୋ: ୮୦୧୮୧୫୯୯୯୯

# ପୁସ୍ତକ ଓ ପତ୍ରିକା ପରିଚୟ

## ଶବ୍ଦ ପାଇଁ କେହି ଜଣେ

### ଅଭିରାମ ସାହୁ



ବନଫୁଲ
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୧୯୫

"ବାପା ନାହାନ୍ତି କେମିତି/ ଖୋଜ, ଘରର ମଥାନ କି ମେରିଖୁଣ୍ଟ/ଛାମୁଆ ଖିଡ଼ିକି ଦାଣ୍ଡ କବାଟ/ ବଙ୍କୁଲି ବାଡ଼ି, ଛତା, ଚଟି ଏମିତି କି/ ଖୋଜ-ଘରର ସିନ୍ଦୁକ, ଅମାର/ କି ଅନ୍ଧାର ଗୁମୁଟି । (ପୃଷ୍ଠା: ୬୯) ସତରେ ବାପା ଛାଇ ପରି ସବୁଠି ଥାଆନ୍ତି । ନିଃଶବ୍ଦ ଆତ୍ମୀୟତା, ସାଇତାପଣରେ ନିଛକ ଶବ୍ଦଶୂନ୍ୟତା ଭିତରେ । ଏମିତି କିଛି ବାସ୍ତବତାର ନିଆରା ଚିତ୍ର ପ୍ରତିଫଳିତ ହୋଇଛି ଅଭିରାମ ସାହୁଙ୍କ 'ଶବ୍ଦ ପାଇଁ କେହିଜଣେ' ପୁସ୍ତକର କବିତାଗୁଡ଼ିକରେ । 'ଶବ୍ଦ ପାଇଁ କେହିଜଣେ', 'ଗୋଟେ ଶବ୍ଦ ପାଇଁ', 'ସେ ଆକାଶ', 'ହାତ', 'ଉଚ୍ଛିଷ୍ଟ', 'ବାପା ନାହାନ୍ତି କେମିତି?', 'ପକ୍ଷୀ ଉଡ଼ାଣ', 'ଆରୋହଣ', 'ନାରୀ ଜନ୍ମ', 'ଶେଷ ନିଃଶ୍ୱାସ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । କେଉଁଠି କବି ଆକାଶ ମନସ୍କ ତ ପୁଣି କେଉଁଠି ମାଟିର ବାସ୍ନାରେ ବିଭୋର ହୋଇଛନ୍ତି । ଅନେକ କବିତାରେ ମାନବୀୟ ସମ୍ବେଦନଶୀଳା, ଶାସକୀୟ ଦମନ ଓ ଅତ୍ୟାଚାର ପ୍ରତି କଟାକ୍ଷ, ସାମାଜିକ ପରିବର୍ତ୍ତନର ସ୍ୱର ପ୍ରତିଫଳିତ ହୋଇଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକଙ୍କ ମନଛୁଆଁ ହେବ ବୋଲି ଆଶା କରାଯାଏ । ■

## ବଡ଼ମାଁ

### ଡକ୍ଟର ପ୍ରଦୀପ ହୋତା




ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
ପ୍ଲଟ୍ ନଂ: ୨୮୬, ସେକ୍ଟର-୫
ନୀଳାଦ୍ରି ବିହାର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୨୪୦ ଟଙ୍କା

ମହାନ୍ ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୀବନକୁ ନେଇ ଡକ୍ଟର ପ୍ରଦୀପ ହୋତାଙ୍କ 'ବଡ଼ ମାଁ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ସ୍ୱର୍ଗତା ଗିରିଙ୍କ ସଂଘର୍ଷପୂର୍ଣ୍ଣ ଜୀବନ, ସ୍ୱାଧୀନତା ସଂଗ୍ରାମ ପ୍ରତି ଅବଦାନ, ସମାଜସେବା ଆଦି ସଂପର୍କରେ ଆଲୋଚନା କରାଯାଇଛି । ଡକ୍ଟର ହୋତାଙ୍କ 'ବଡ଼ମାଁ', 'ପାର୍ବତୀ ଗିରି ଏକ ଶ୍ରଦ୍ଧାଞ୍ଜଳି', 'ଅନ୍ୟ ଏକ ମଦର ଟେରେସା', ହୃଷୀକେଶ ନାଏକଙ୍କ 'ବାଉରୀ ଇ ମାଏଟ୍‌କେ ଚିହ୍ନେଇ ଦେଲା', ବିରଞ୍ଚି ପଧାନଙ୍କ 'ପାର୍ବତୀ ତୁଇ ଆଗ୍ ହେଇ ଗଲୁ ଗା!', ଅଲେଖ ପାତ୍ରଙ୍କ 'ପାର୍ବତୀ ଅପା', ଭାଗବତ ପ୍ରସାଦ ନନ୍ଦଙ୍କ 'ତ୍ୟାଗ ଯୁଗର ନେତ୍ରୀ ପାର୍ବତୀ ଗିରି', ପ୍ରଭାତ କୁମାର ମିଶ୍ରଙ୍କ 'ମାଆ ଠୁ ବି ବଳି', ଅଧ୍ୟାପକ ତପନ କୁମାର ବାରିକଙ୍କ 'ପାର୍ବତୀ ଗିରିଙ୍କ ଚିଠି' ଆଦି ପ୍ରବନ୍ଧରେ ପାର୍ବତୀ ଗିରିଙ୍କ ଦେଶପ୍ରେମ, ସ୍ୱାଧୀନତା ସଂଗ୍ରାମ ପ୍ରତି ଅବଦାନ, ତ୍ୟାଗପୂତ ଜୀବନ, ମହାନ ବ୍ୟକ୍ତିତ୍ୱ , ସମାଜସେବା ଆଦି ଉପରେ ଆଲୋକପାତ କରାଯାଇଛି । ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

## ଉତ୍କଳ ସମ୍ମିଳନୀ ସମାଚାର

### ମୁଖ୍ୟ ସଂପାଦକ: ଦିଲ୍ଲୀପ ଦାଶଶର୍ମା




ଉତ୍କଳ ସମ୍ମିଳନୀ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର

ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ପକ୍ଷରୁ 'ଉତ୍କଳ ସମ୍ମିଳନୀ ସମାଚାର' ପତ୍ରିକାର ରଥଯାତ୍ରା ସଂଖ୍ୟା ପ୍ରକାଶ ପାଇଛି । ମୁଖ୍ୟ ସଂପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ସଂପାଦନାରେ ପ୍ରକାଶିତ ଏହି ପତ୍ରିକାରେ ଉତ୍କଳ ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମ, ଉତ୍କଳ ସମ୍ମିଳନୀର ପ୍ରଚାର ପ୍ରସାର ଆଦି ସଂପର୍କରେ ଅନେକ ତଥ୍ୟଭିତ୍ତିକ ବିବରଣୀ ପ୍ରକାଶ ପାଇଛି । ପତ୍ରିକାର ପ୍ରଥମରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ' ପ୍ରକାଶିତ ହୋଇଛି । ସଂପାଦକୀୟରେ 'ଓଡ଼ିଆ ଅସ୍ମିତା' ସଂପର୍କରେ ଆଲୋକପାତ କରାଯାଇଛି । ଏହା ସହିତ ଉତ୍କଳ ସମ୍ମିଳନୀ କାର୍ଯ୍ୟକ୍ରମ, ସୀମାନ୍ତ ଖବର, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ବିଗତ ୨୦ ବର୍ଷର ପ୍ରମୁଖ ଘଟଣା, ଉତ୍କଳ ସମ୍ମିଳନୀର ପ୍ରଚାର ପ୍ରସାର ପାଇଁ ବିଧାନସଭାରେ ଆଲୋଚନା, ରାଜ୍ୟର ବିଭିନ୍ନ ସ୍ଥାନରେ ଇଂରାଜୀରେ ପରିବର୍ତ୍ତିତ ବନାନ, ପୁସ୍ତକ ପରିଚୟ ଆଦି ପ୍ରକାଶ ପାଇଛି । ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଅନେକ ସୂଚନା ଏହି ପତ୍ରିକାରୁ ପାଇପାରିବେ । ଉତ୍କଳ ସମ୍ମିଳନୀ ବିଷୟରେ ଅଧିକ ଜାଣିବା ପାଇଁ ପାଠକମାନଙ୍କୁ ଏହି ପତ୍ରିକାଟି ସହାୟକ ହେବ । ■



ମୂଳ ହିନ୍ଦୀ : ମହାଦେବୀ ବର୍ମା
ଅନୁବାଦ : ଡ. ସଂଘମିତ୍ରା ରାଏଗୁରୁ

# ଅଧିକାର

ସେସବୁ ହସୁଥିବା ଫୁଲ,
ଜାଣନ୍ତିନି ଯେଉଁମାନେ ମଉଳିବା ଦୁଃଖ!
ସେସବୁ ତାରାମୟ ଦୀପ,
ଭଲ ପାଆନ୍ତିନି ଯେଉଁମାନେ
ଲିଭିଯିବା ଗୀତ

ସେସବୁ ଇନ୍ଦ୍ରନୀଳ ମେଘ,
ମିଳେଇଯିବା -ଯାହାଙ୍କର ଇଚ୍ଛା ନୁହଁ!
ସେସବୁ ଅନନ୍ତ ବସନ୍ତ,
ଦେଖିନାହାନ୍ତି ଯେଉଁମାନେ ବିଦାୟର ବାଟ!

ସେସବୁ ଶୂନ୍ୟ ନୟନ,
ଯେଉଁଠି ଲୁହ ହୁଏନାହିଁ ମୋତି!
ସେସବୁ ପ୍ରାଣର ଶେଜ,
ଶୋଏନାହିଁ ଯେଉଁଠି ବେହୋସ୍ କଷ୍ଟ!

ଏମିତି ତୋ' ଦୁନିଆ,
ଯେଉଁଠି ବେଦନା ନାହିଁ,
ନାହିଁ କିଛି ଅବସାଦ!
ଯେଉଁଠି ଜଳିବା ନାହିଁ,
ନାହିଁ ମିଳେଇବା ସ୍ୱାଦ!

ଅମର ଏ ଦୁନିଆଁ
ମିଳିବ କି ତୋ' କରୁଣାର ଉପହାର ହୋଇ?
ଥାଉ ହେ ଦେବ!
କାଳକାଳ ବାକି ଥାଉ
ମୋ ମିଳେଇ ଯିବାର ଅଧିକାର ! ■



# ଏବେ ଏ ଚଢ଼େଇ କେଉଁଠି ରହିବ?

କେଉଁ ଶୂନ୍ୟରୁ ବହି ଆସିଲା ଝଡ଼,
ଦୋହଲି ଦୋହଲି ଭାଙ୍ଗିଲା ଡାଳ ।
ଉଡ଼ିଗଲା ନୀଡ଼ ଫାଟିଲା ଅଣ୍ଡା ,
ଏ ଦୁଃଖ କାହାଣୀ କାହାକୁ କହିବ?
ଏବେ ଏ ଚଢ଼େଇ କେଉଁଠି ରହିବ?

ଆଲମାରି ଖୋଲି ଚାହିଁଲୁ ତାକୁ
ଭିତରେ ରହିବାକୁ ଡାକିଲୁ ତାକୁ
ହେଲେ ସେ ଚିଁ ଚିଁ ହୋଇ କାନ୍ଦିଲା,
ଘର ଭିତରେ କି ସେ ରହିପାରିବ?
ଏବେ ଏ ଚଢ଼େଇ କେଉଁଠି ରହିବ?

ଘରେ କୋଉଠୁ ଆସିବ ଗଛ,
କେମିତି ବୁଣିବୁ ଚଢ଼େଇ ବସା?
କେମିତି ଭଙ୍ଗା ଅଣ୍ଡା ଯୋଡ଼ିବୁ ,
କେମିତି ହରିବୁ ଦୁଃଖୀର ଦୁଃଖ
ଏ ସବୁ କାହାକୁ କେମିତି କହିବ!
ଏବେ ଏ ଚଢ଼େଇ କେଉଁଠି ରହିବ? ■

ରାୟପୁର, ଛତିଶଗଡ଼
ମୋ: ୭୬୯୩୮୮୬୩୫୫

# ରବର୍ଟ ହେଡେନ୍‌ଙ୍କ କବିତାରେ ସାମାଜିକ ସ୍ୱର



ସତ୍ୟ ପଟ୍ଟନାୟକ

ବିଶିଷ୍ଟ ଆଫ୍ରିକୀୟ-ଆମେରିକୀୟ କବି ରବର୍ଟ ହେଡେନ୍ (୧୯୧୩-୧୯୮୦)ଙ୍କ ଦ୍ୱାରା ୧୯୬୨ ମସିହାରେ ପ୍ରକାଶିତ କବିତା ସଙ୍କଳନ 'ଏ ବାଲାର୍ଡ ଅଫ୍ ରିମେମ୍ବରାନ୍ସ'ରେ ଥିବା କବିତା 'ରାତ୍ରୀ, ମୃତ୍ୟୁ, ମିସିସିପି' ହେଉଛି ଆମେରିକୀୟ ସାହିତ୍ୟର ଏକ ଶକ୍ତିଶାଳୀ ଏବଂ ମର୍ମସ୍ପର୍ଶୀ କବିତା । ଏହି କବିତାରେ ଆମେରିକାର ଦକ୍ଷିଣାଞ୍ଚଳରେ ଚାଲିଥିବା ଜାତିଗତ ହିଂସା, ବର୍ଣ୍ଣବୈଷମ୍ୟ ଏବଂ କୁ କ୍ଲକ୍ସ କ୍ଲାନ୍ କୁଖ୍ୟାତ ସଂଗଠନ ଦ୍ୱାରା କୃଷ୍ଣକାୟ ଲୋକଙ୍କ ଉପରେ ହୋଇଥିବା ନିର୍ମମ ଅତ୍ୟାଚାର ଓ ହତ୍ୟାକାଣ୍ଡକୁ ଅତି ନିଖୁଣ ଭାବେ ଚିତ୍ରଣ କରାଯାଇଛି । ଏହି କବିତାର ସବୁଠାରୁ ଭୟଙ୍କର ଦିଗ ହେଉଛି ଯେ, ଏଥିରେ ଘୃଣା ଏବଂ ମାନସିକ ବିକୃତି କିଭଳି ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଗତି କରେ ତାହା ଦେଖାଯାଇଛି । କବିତାର ପ୍ରଥମ ଭାଗରେ ଜଣେ ଶ୍ୱେତକାୟ ବୃଦ୍ଧ ବ୍ୟକ୍ତିର ସ୍ୱର ଶୁଣିବାକୁ ମିଳେ । ସେ ଏତେ ଅସୁସ୍ଥ ଓ ବୃଦ୍ଧ ଯେ ସେ ନିଜେ ଯାଇ କୃଷ୍ଣକାୟ ଲୋକଙ୍କୁ ହତ୍ୟା କରିପାରୁ ନାହିଁ, ଯେଉଁଥିପାଇଁ ସେ ଅବସାଦଗ୍ରସ୍ତ । କିନ୍ତୁ ତାଙ୍କ ପୁଅ ଏହି ରକ୍ତାକ୍ତ ଖେଳରେ ସାମିଲ ହୋଇଛି, ଯାହା ବୃଦ୍ଧ ପିତାଙ୍କୁ ଗର୍ବିତ କରୁଛି । ଏହା ଦର୍ଶାଏ ଯେ, ସମାଜରେ ହିଂସା କେବଳ ଏକ ଆକସ୍ମିକ ଘଟଣା ନୁହେଁ, ବରଂ ଏହାକୁ ପରିବାର ମଧ୍ୟରେ ଏକ ପରମ୍ପରା ଭାବେ ଶିକ୍ଷା ଦିଆଯାଏ ।

କବିତାରେ ମାନବିକତାର ସମ୍ପୂର୍ଣ୍ଣ ପତନ ଦେଖିବାକୁ ମିଳେ । ଯେତେବେଳେ ପୁଅ ଜଣେ କୃଷ୍ଣକାୟ ମଣିଷକୁ ପିଟିପିଟି ହତ୍ୟା କରି ଘରକୁ ଫେରେ, ତାଙ୍କ ମାଆ ସେହି ଅମାନୁଷିକ କାର୍ଯ୍ୟ ପାଇଁ ଦୁଃଖ ପ୍ରକାଶ କରିବା ପରିବର୍ତ୍ତେ ପୁଅର ସାର୍ଟରୁ ରକ୍ତଦାଗ ଧୋଇବା ପାଇଁ ବ୍ୟସ୍ତ ରହେ । ସେହି ପରିବାର ପାଇଁ ଜଣେ ନିରୀହ ମଣିଷର ଜୀବନ ଅପେକ୍ଷା କପଡ଼ାର ଦାଗ ସଫା କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହା ଶ୍ୱେତକାୟ ଆଧିପତ୍ୟବାଦୀ ସମାଜର ନିଶ୍ଚେତନା ଏବଂ କ୍ରୂରତା ପ୍ରତି ସାଧାରଣ ସ୍ୱୀକୃତିକୁ ପ୍ରତିଫଳିତ କରେ ।

ହେଡେନ୍ ଏହି କବିତାରେ ବିଭିନ୍ନ ସ୍ୱର ବ୍ୟବହାର କରିଛନ୍ତି । କେତେକ ଧାଡ଼ି ଇଟାଲିକ୍ ଅକ୍ଷରରେ ଲେଖାଯାଇଛି, ଯାହା ପୀଡ଼ିତଙ୍କ କାନ୍ଦ, ଆକାଶର ନୀରବତା କିମ୍ବା ଏକ ନୈତିକ ସ୍ୱରକୁ ଦର୍ଶାଏ, ଯାହା ସେହି ପରିବାରର ପାପକୁ ଦେଖୁଛି । 'ରକ୍ତଭିଜା ରାତି' ଏବଂ 'କୁ କ୍ଲକ୍ସ କ୍ଲାନ୍‌ର ଧଳା ପୋଷାକ' କ୍ରୂରତାର ପ୍ରତୀକ ସାଜିଛନ୍ତି । ଖ୍ରୀଷ୍ଟ ଧର୍ମର ପ୍ରତୀକ 'କ୍ରସ୍'କୁ କିଭଳି ଏହି ସଂଗଠନ ନିଜର ହିଂସାକୁ ନ୍ୟାୟସଙ୍ଗତ କରିବା ପାଇଁ ବ୍ୟବହାର କରୁଥିଲା, ତାହା ମଧ୍ୟ କବିତାରେ ବର୍ଣ୍ଣିତ ।

କବିତାଟି ଆମେରିକାର ଦକ୍ଷିଣାଞ୍ଚଳ, ବିଶେଷ କରି ମିସିସିପି ରାଜ୍ୟର ସେହି କଳା ଅଧ୍ୟାୟ ଉପରେ ଆଧାରିତ, ଯେଉଁଠି 'ଜିମ୍ କ୍ରୋ' ନିୟମ ଅଧୀନରେ କୃଷ୍ଣକାୟ ଆଫ୍ରିକୀୟ-ଆମେରିକୀୟମାନଙ୍କୁ ନାଗରିକ ଅଧିକାରରୁ ବଞ୍ଚିତ କରାଯାଉଥିଲା । ମିସିସିପି ସେହି ସମୟରେ ଜାତିଗତ ହିଂସା ଏବଂ ନିର୍ମମତାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ସେହିପରି ଏହି କବିତାରେ ଶ୍ୱେତକାୟ ଆଧିପତ୍ୟବାଦୀ ସଂଗଠନ କେ.କେ.ଆର୍.ର କାର୍ଯ୍ୟକଳାପକୁ ଦର୍ଶାଯାଇଛି । ଏହି ସଂଗଠନର ସଦସ୍ୟମାନେ ରାତିର ଅନ୍ଧକାରରେ କୃଷ୍ଣକାୟ ଲୋକମାନଙ୍କୁ ଅପହରଣ କରୁଥିଲେ, ସେମାନଙ୍କୁ ଗଛରେ ଫାଶୀ ଦେଉଥିଲେ ଏବଂ ନିର୍ମମ ଭାବେ ହତ୍ୟା କରୁଥିଲେ ।

କବିତାଟି ୧୯୬୨ ମସିହାରେ ପ୍ରକାଶିତ ହୋଇଥିଲା, ଯେତେବେଳେ ଆମେରିକାରେ ମାର୍ଟିନ ଲୁଥର କିଙ୍ଗ ଜୁନିଅରଙ୍କ ନେତୃତ୍ୱରେ ନାଗରିକ ଅଧିକାର ଆନ୍ଦୋଳନ ଚରମ ସୀମାରେ ଥିଲା । ହେଡେନ୍ ଏହି କବିତା ମାଧ୍ୟମରେ ଅତୀତ ଏବଂ ସମସାମୟିକ ସମୟର ଭୟାବହତାକୁ ସାରା ବିଶ୍ୱ ସମ୍ମୁଖକୁ ଆଣିଥିଲେ ।

କବିତାର ଶୀର୍ଷକରେ ଥିବା 'ରାତ୍ରୀ' କେବଳ ଦିନର ଗୋଟିଏ ସମୟକୁ ବୁଝାଏ ନାହିଁ । ଏହା ହେଉଛି ପାପ, ଗୋପନୀୟତା ଏବଂ ମାନସିକ ଅନ୍ଧକାରର ପ୍ରତୀକ । ରାତିର ଆଢୁଆଳରେ ହିଁ ଅତ୍ୟାଚାରୀମାନେ ନିଜର ପୈଶାଚିକ ରୂପ ଦେଖାନ୍ତି ଏବଂ ସମାଜର ଆଇନକୁ ହାତକୁ ନିଅନ୍ତି । ଏହି କବିତାରେ ବୃଦ୍ଧ ଶ୍ୱେତକାୟ ବ୍ୟକ୍ତିଜଣକ ଶାରୀରିକ ଭାବେ ଅକ୍ଷମ, ଯିଏ ନିଜେ ଶିକାରକୁ ଯାଇପାରୁ ନାହିଁ । ଏହି ଅକ୍ଷମତା ସୂଚାଏ ଯେ ବର୍ଣ୍ଣବୈଷମ୍ୟ ମଣିଷର ଆତ୍ମାକୁ ଭିତରୁ ପଙ୍ଗୁ ଏବଂ ରୋଗଗ୍ରସ୍ତ କରିଦିଏ । ସେହିପରି ମାଆ ନିଜ ପୁଅର କପଡ଼ାରୁ ରକ୍ତ ଧୋଇବା ପ୍ରକ୍ରିୟାଟି 'ଅପରାଧକୁ ଲୁଚାଇବା' ଓ ସମାଜର ମାନସିକ ନିଶ୍ଚେତନର ପ୍ରତୀକ । ଏହା ଦର୍ଶାଏ ଯେ, ସେହି ସମାଜରେ କୃଷ୍ଣକାୟ ଲୋକଙ୍କୁ ହତ୍ୟା କରିବା ଏକ ସାଧାରଣ ଘରୋଇ କାମ ଭଳି ଥିଲା । କବିତାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି କବି ନିଜେ କିଛି ନକହି, ବିଭିନ୍ନ ଚରିତ୍ରଙ୍କ ସ୍ୱର ମାଧ୍ୟମରେ ସେହି ସମୟର ଭୟାବହତାକୁ ପାଠକ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ।

କବିତାରେ ଜଣେ ବୃଦ୍ଧ ଶ୍ୱେତକାୟ ବ୍ୟକ୍ତିର ସ୍ୱର ମୁଖ୍ୟ । ସେ ନିଜ ଅତୀତର କ୍ରୂରତାକୁ ମନେ ପକାଉଛି ଏବଂ ନିଜ ପୁଅର ହିଂସାତ୍ମକ କାର୍ଯ୍ୟକଳାପରେ ଗର୍ବ ଅନୁଭବ କରୁଛି । ଏହି ସ୍ୱର ଅତ୍ୟନ୍ତ କଠୋର, ନିର୍ମମ ଏବଂ ମାନବିକତା ଶୂନ୍ୟ ।

ସେହିପରି କବିତାରେ ମାଆର ସ୍ୱର କିମ୍ବା ପରିବାରର କଥୋପକଥନ ମଧ୍ୟ ଶୁଣିବାକୁ ମିଳେ । ଏହି ସ୍ୱରରେ କୌଣସି ପଶ୍ଚାତାପ ନାହିଁ, ବରଂ ଜଣେ ମଣିଷକୁ ହତ୍ୟା କରିବା ପରେ ଘରକୁ ଫେରିବା ସେମାନଙ୍କ ପାଇଁ ଏକ ଦୈନନ୍ଦିନ ସାଧାରଣ ଘଟଣା ଭଳି ମନେହୁଏ । କବିତାର କେତେକ ଅଂଶ ଇଟାଲିକସ୍‌ରେ ଲେଖାଯାଇଛି । ଏହା କୌଣସି ଏକ ଅଦୃଶ୍ୟ ସାକ୍ଷୀ, ପ୍ରକୃତି କିମ୍ବା ପୀଡ଼ିତଙ୍କର କାନ୍ଦକୁ ସୂଚାଏ । ଏହି ସ୍ୱର ଅତ୍ୟାଚାରୀଙ୍କ କଥୋପକଥନ ମଝିରେ ଆସି ପାଠକକୁ ସେହି ପାପ ଓ କ୍ରୂରତାର ଗଭୀରତା ଅନୁଭବ କରାଏ ।

ହେଡେନ୍ ଏପରି ଶବ୍ଦ ବ୍ୟବହାର କରିଛନ୍ତି ଯାହା ପାଠକଙ୍କ ମନରେ ସେହି କଳା ରାତିର ଏକ ଜୀବନ୍ତ ଚିତ୍ର ଆଙ୍କିଦିଏ । 'ରକ୍ତ-ହାଡ଼', 'ଚମଡ଼ା ଚାବୁକ', ଏବଂ 'ଛୋଟେଇ ଚାଲିବା' ଭଳି ଶବ୍ଦ ସେହି ସମୟର ଶାରୀରିକ ହିଂସାକୁ ଅତି ଭୟଙ୍କର ଭାବେ ପ୍ରଦର୍ଶନ କରେ । କବିତାରେ ଗଭୀର ବ୍ୟଙ୍ଗର ପ୍ରୟୋଗ କରାଯାଇଛି । ଉଦାହରଣ ସ୍ୱରୂପ, ସେହି ହତ୍ୟାକାରୀ ପରିବାର ନିଜକୁ ଧାର୍ମିକ ବୋଲି ଭାବନ୍ତି ଏବଂ ଖ୍ରୀଷ୍ଟଧର୍ମର ପ୍ରତୀକ ବ୍ୟବହାର କରନ୍ତି, କିନ୍ତୁ ସେମାନଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ପୈଶାଚିକ । ପୁଅର ହିଂସାକୁ ପିତାମାତା 'ପୁରୁଷତ୍ୱ' ବା ଗର୍ବର ବିଷୟ ଭାବେ ଗ୍ରହଣ କରିବା ଏହି ସମାଜର ମାନସିକ ବିକୃତିକୁ ଦର୍ଶାଏ । ସେହିପରି କବିତାଟି କୌଣସି ନିର୍ଦ୍ଦିଷ୍ଟ ପାରମ୍ପରିକ ଛନ୍ଦ କିମ୍ବା ମିତ୍ରାକ୍ଷର ନିୟମରେ ବନ୍ଧା ନୁହେଁ । ଏହି ମୁକ୍ତ ଛନ୍ଦ ଶୈଳୀ କବିତାର ବାତାବରଣକୁ ଅଧିକ ବାସ୍ତବିକ ଏବଂ କଥୋପକଥନ ଶୈଳୀ ପ୍ରଦାନ କରିଥାଏ । ହେଡେନ୍ ଅତି କମ୍ ଶବ୍ଦରେ ବହୁତ ବଡ଼ କଥା କହିଛନ୍ତି । କବିତାର ଧାଡ଼ିଗୁଡ଼ିକ ମଧ୍ୟରେ ଥିବା ନୀରବତା ପାଠକକୁ ନିଜେ ସେହି ଭୟାବହତା ବିଷୟରେ ଚିନ୍ତା କରିବାକୁ ବାଧ୍ୟ କରେ ।

'ରାତ୍ରୀ, ମୃତ୍ୟୁ, ମିସିସିପି' କବିତା କେବଳ ଇତିହାସର ଏକ କଳା ଅଧ୍ୟାୟର ବର୍ଣ୍ଣନା ନୁହେଁ, ବରଂ ଏହା ମଣିଷ ମନର ସେହି ଅନ୍ଧକାର ଦିଗକୁ ଉନ୍ମୋଚନ କରେ ଯେଉଁଠି ଜାତି ଆଧାରରେ ଅନ୍ୟ ଜଣକୁ ପଶୁ ଭଳି ମଣିବା ସହଜ ହୋଇଯାଏ । ରବର୍ଟ ହେଡେନ୍ କୌଣସି ବାହ୍ୟ ଭାଷଣ ନଦେଇ, କେବଳ ଅତ୍ୟାଚାରୀ ସେହି ପରିବାରର କଥୋପକଥନ ମାଧ୍ୟମରେ ପାଠକଙ୍କୁ ସେହି ଭୟାବହତା ଅନୁଭବ କରାଇବାରେ ସଫଳ ହୋଇଛନ୍ତି । ଏହା ଆମେରିକାର ସିଭିଲ୍ ରାଇଟ୍‌ସ ମୁଭମେଣ୍ଟ ସମୟର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଶିକ୍ଷଣୀୟ ସାହିତ୍ୟିକ କୃତି । ଏହାର ଅଦ୍ଭୁତ ଭାଷା ଶୈଳୀ ଏବଂ ଏକାଧିକ ସ୍ୱରର ସମାହାର ହିଁ ଏହାକୁ ବିଶ୍ୱ ସାହିତ୍ୟରେ ଏକ ମାଷ୍ଟରପିସ୍‌ର ମାନ୍ୟତା ଦେଇଛି । ■

୭୪୬୪ ୱିଜଡମ୍ ଲେନ୍
ଡବ୍‌ଲିନ୍, ଓହିଓ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍ : ୦୦୧-୬୧୪୬୦୨୭୦୨୧

### କୁଞ୍ଚିବଣିଆ ରିଙ୍ଗବନ୍ଧ ପରେ ପୁଣି ଭାଙ୍ଗିଲା ମରାମତି ହୋଇଥିବା ଭେଡ଼ିବନ୍ଧ

# ମାନଗୋବିନ୍ଦପୁର-କୁଞ୍ଚିବଣିଆ, ଜଡିଦା ଓ ପାଳପାଟଣା ଯୋଗାଯୋଗ ବିଚ୍ଛିନ୍ନ

ବଡ଼ସାହି,୨୬।୯ (ସମିସ):

ବଡ଼ସାହି ବ୍ଲକ୍‌ରେ ବନ୍ୟା ପରିସ୍ଥିତି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ହଜାର ହଜାର ଏକର ଚାଷ ଜମି ସହିତ ଶହ ଶହ ଏକର ପରିବା ଚାଷ ଉଜୁଡିଯାଇଛି। ଯାହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇବସିଛନ୍ତି। ବାରମ୍ବାର ରୁଆ ହେବା ପରେ ମଧ୍ୟ ଗୋଟିଏ ପରେ ଗୋଟିଏ ବନ୍ୟା ସେମାନଙ୍କ ଅଣ୍ଟା ଭାଙ୍ଗିଦେଇଛି। ରୁଆ ହୋଇଥିବା କ୍ଷେତରେ ପାଣି ନ କଟି ତାହା ନଷ୍ଟ ହେବାକୁ ବସିଥିବାବେଳେ ତଳି ପଚି ଯାଇଥିବା ଜଣାଯାଇଛି। ଏହି ବନ୍ୟାରେ ମାନଗୋବିନ୍ଦପୁର, ଶାଳଗାଁ ସବୁଠାରୁ ଅଧିକ ପ୍ରଭାବିତ ହୋଇଥବାବେଳେ ମାଣତ୍ରୀ, ପଟିସାରୀ, ଚନ୍ଦନପୁର ଓ ଭୀମଦାର କିଛି ଅଂଶ ବେଶ ପ୍ରଭାବିତ ହୋଇଛି। ଚଳିତ ବର୍ଷର ଏହା ଚତୁର୍ଥ ବନ୍ୟା ହୋଇଥିବାବେଳେ ଏହାର ପ୍ରଭାବ ସବୁଠାରୁ ଅଧିକ ଥିବା ଜଣାଯାଇଛି।

ଗତ ତୃତୀୟ ବନ୍ୟାରେ ଭୀମଦା ପଟୁ କୁଚିଂବଣିଆ ଗଙ୍ଗାହାର ନଦୀ ଆଡିବନ୍ଧ ୩ଟି ସ୍ଥାନରେ ଭାଙ୍ଗିଥିବାରୁ କୁଂଚିବଣିଆଠାରୁ ପାଳପାଟଣା ପର୍ଯ୍ୟନ୍ତ ଜଳମଗ୍ନ ହୋଇଥିଲା। ବାରମ୍ବାର ଅଭିଯୋଗ ଫଳରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ୩ଟି ସ୍ଥାନରେ ୩ ଜଣ ଠିକାଦାରଙ୍କ ଦ୍ୱାରା ବାଲି ବସ୍ତା ପକାଇ ମରାମତି କରାଯାଇଥିଲା। ସେମାନଙ୍କର କାର୍ଯ୍ୟର ମାପ ସହିତ ବିଲ୍ ପୈଠ ନ ହେଉଣୁ ପୁଣି



ଏହି ବେଡ଼ି ବନ୍ଧ ଭାଙ୍ଗିଯାଇଛି। ମାନଗୋବିନ୍ଦପୁର-କୁଂଚିବଣିଆ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଥିବାବେଳେ ସେ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ସେହି ପ୍ରଭାବରେ ଜଡିଦା ରାସ୍ତା ଉପରେ ମଧ୍ୟ ପାଣି ଥିବା ଜଣାଯାଇଛି। ଏତଦବ୍ୟତୀତ ଚଳିତ ବନ୍ୟାରେ କୁଂଚିବଣିଆ ଗ୍ରାମ ନିକଟରେ ଥିବା ରିଙ୍ଗବନ୍ଧ ଭାଙ୍ଗିଯିବାରୁ ପ୍ରବଳ ସ୍ରୋତରେ ପାଣି ଗ୍ରାମ ମଧ୍ୟକୁ ପ୍ରବେଶ କରିବା ସହିତ ଲୋକଙ୍କ ଘରେ ପଶିଛି। ୨୦ଟି ପାଖାପାଖି ପରିବାରର ଘର ବିପଦସଙ୍କୁଳ ଅବସ୍ଥାରେ ଥିବା ଓ କିଛି ଭାଙ୍ଗିଯାଇଥିବାରୁ ସେମାନେ ଅଦ୍ୟାବଧି କୁଂଚିବଣିଆ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ଜଣାଯାଇଛି। ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ମାନଗୋବିନ୍ଦପୁର ସରପଞ୍ଚ କୁନି ସିଂ ପ୍ରକାଶ କରିଛନ୍ତି।

ସେହିପରି ଆଗ୍ରିଆର ଲୋକମାନେ ଜଳବନ୍ଦୀ ଥିବାବେଳେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଓଡ୍ରାଫ୍ ଟିମ ଡକାଇ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଜିଲ୍ଲାପାଳ, ପିଡି, ଅତିରିକ୍ତ ଜିଲ୍ଲାପାଳ ଓ ଜଳସେଚନ ବିଭାଗ ପକ୍ଷରୁ ପ୍ରଭାବିତ ଅଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଗତ ବନ୍ୟାରେ ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟ ଓ ଚାଷର କ୍ଷୟକ୍ଷତିକୁ ଗୁରୁତ୍ୱ ଦେଇ ବଡସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ପ୍ରଥମେ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦେବାକୁ ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡି, ହଷ୍ଟେଲ, ବାତ୍ୟାବନ୍ୟା ଆଶ୍ରୟସ୍ଥଳ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜନସାଧାରଣ ବ୍ୟବହାର କରୁଥିବା ସମସ୍ତ ଜଳ ଉତ୍ସ ନଳକୂପ, କୂଅ, ପାଇପ ଜଳ ଓ ଓଭରହେଡ ଟାଙ୍କିର ବିଶୋଧନ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ଯେପରି ନିର୍ଦ୍ଦେଶ ଦେଇଥିଲେ।

## ଦେଓ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲିଲା

# ପ୍ରତି ସେକେଣ୍ଡରେ ୪୮୦ ଘନମିଟର ଜଳ ନିଷ୍କାସନ



କରଞ୍ଜିଆ, ୨୬।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ଉଲ୍ଲେଖନୀୟ ବର୍ଷା ରେକର୍ଡ ହୋଇଛି। ଚହଳାରେ ୬୪.୨ ମିମି, ବୋରେହିପାଣିରେ ୮୩.୮୨ ମିମି, ରାମତୀର୍ଥରେ ୬୧.୪୬୮ ମିମି, ସାତକୋସିଆରେ ୫୫.୮୮ ମିମି, ଠାକୁରମୁଣ୍ଡାରେ ୩୩.୦୨ ମିମି ଓ କେନ୍ଦୁମୁଣ୍ଡିରେ ୭୩.୪ ମିମି ବର୍ଷା ରେକର୍ଡ ହୋଇଛି। ଏହା ପ୍ରଭାବରେ କରଞ୍ଜିଆ ବ୍ଲକ ହାତୀବାରୀସ୍ଥ ଦେଓ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଜଳଭଣ୍ଡାରରେ ଜଳ ପ୍ରବେଶ ବଢ଼ିବାରୁ ଜଳସ୍ତର ନିୟନ୍ତ୍ରଣ ପାଇଁ ୫ଟି ଗେଟ୍ ମଧ୍ୟରୁ ଗୋଟିଏ ଗେଟ୍ ଖୋଲାଯାଇଛି। ଉକ୍ତ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ପ୍ରାୟ ୪୮୦ ଘନମିଟର ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ପ୍ରାୟ ୭୫୪ ଘନମିଟର ଜଳ ପ୍ରବେଶ କରୁଥିବା ଜଣାପଡ଼ିଛି। ଏହି ପରିସ୍ଥିତିରେ ତଳିଆ ଅଞ୍ଚଳର ଲୋକଙ୍କୁ ପୂର୍ବରୁ ସତର୍କ ସୂଚନା ଜାରି କରାଯାଇଛି। ଜଳଭଣ୍ଡାରର ଜଳସ୍ତର ଓ ଜଳ ପ୍ରବାହର ସ୍ଥିତି ଉପରେ ବିଭାଗୀୟ କର୍ତ୍ତୃପକ୍ଷ ନିରନ୍ତର ନଜର ରଖିଛନ୍ତି। ଦେଓ ଜଳଭଣ୍ଡାର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସୁରଜ ପାତ୍ର ଏ ନେଇ ସୂଚନା ଦେଇଛନ୍ତି।

# ବଡମହୁଲଡିହାରେ ଅଙ୍ଗନବାଡ଼ି ଓ ମମତା ଗୃହ ଉଦଘାଟିତ

ରାଇରଙ୍ଗପୁର,୨୬।୯ (ସମିସ): ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ୧ ନମ୍ବର ୱାର୍ଡର ବଡ଼ମହୁଲଡିହା ମାଝି ସାହିରେ ୧୫ ଲକ୍ଷ ଟଙ୍କାର ସାଂସଦ ପାଣ୍ଠି ଅନୁଦାନରେ ଅତ୍ୟାଧୁନିକ ସ୍ମାର୍ଟ ଅଙ୍ଗନବାଡି କେନ୍ଦ୍ର ଓ ମମତା ଗୃହ ମୁଖ୍ୟଅତିଥି ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବୀନ ରାମ, ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ଆଇଟିଡିଏ ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁଶାନ୍ତ




ନାଏକ, ସାଂସଦ ପ୍ରତିନିଧି ମନୋଜ ଦାସଙ୍କ ଦ୍ୱାରା ଆଜି ପୂର୍ବାହ୍ନ ୧୧ ଘଟିକାରେ ଉଦଘାଟିତ ହୋଇଛି। ସାଂସଦ କହିଥିଲେ, ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ସେବା ସଙ୍କଳ୍ପ ଅଭିଯାନ ସାହାଯ୍ୟରେ ଅଙ୍ଗନବାଡ଼ି ଚାଲ, ଅଙ୍ଗନବାଡ଼ି ଦିଦି, ଆଶା ଦିଦି, ରୋଷେୟାଙ୍କୁ ସମ୍ମାନିତ କରିବା, ଅଙ୍ଗନବାଡ଼ିର ପରିବେଶ, ସୁରକ୍ଷିତ ଗୃହ, ସ୍ମାର୍ଟ ଅଙ୍ଗନବାଡ଼ି କେନ୍ଦ୍ର, ରୋଷେଇ ଘର, ପିଲାଙ୍କୁ ଡିଜିଟାଲ ଖେଳ, ଶିକ୍ଷା, ଉତ୍ତମ ପୁଷ୍ଟିସାର ଖାଦ୍ୟ, ଖେଳ ଉପକରଣ, ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଯତ୍ନ ନେବା ଏହାରର ମୂଳ ଉଦ୍ଦେଶ୍ୟ। ପରେ ଅଙ୍ଗନବାଡ଼ି ଦିଦି, ଆଶା ଦିଦି, ରୋଷେୟାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡମହୁଲଡିହା ସାହି ବାସିନ୍ଦା, ନାରିନେତ୍ରୀ ରଞ୍ଜିତା ମହାନ୍ତି, ନଗର ବିଜେପି ସଭାପତି ସୁନୀଲ ମହାନ୍ତ, ପପୁ ଦାସ, ଗୌରବ ଅଗ୍ରୱାଲ, ପ୍ରଦୀପ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ପ୍ରସ୍ତୁତି ବୈଠକ



ରାଇରଙ୍ଗପୁର, ୨୬।୯ (ସମିସ): ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ପାଳନ ନିମନ୍ତେ ଆଜି ବାମନଘାଟୀ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ଶ୍ରୀ ଉଗ୍ରେସନ ଓରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ଅଧୀନରେ ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତି ଦିବସ ପାଳନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ବୈଠକରେ ବୟୋଜ୍ୟେଷ୍ଠ ନାଗରିକଙ୍କ କଲ୍ୟାଣ, ମର୍ଯ୍ୟାଦା, ସ୍ୱାସ୍ଥ୍ୟ, ସାମାଜିକ ସମାବେଶ ଓ ସୁରକ୍ଷା ସହିତ ସମାଜରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏ ଅବସରରେ ବିଭିନ୍ନ ବିଭାଗ ଅଧିକାରୀଙ୍କ ସମନ୍ୱୟରେ ଦିବସକୁ ସଫଳତାର ସହ ପାଳନ କରିବା, ବୟୋଜ୍ୟେଷ୍ଠ ନାଗରିକଙ୍କ ପାଇଁ ଆବଶ୍ୟକ ସେବା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ଓ ସେମାନଙ୍କର ଅଧିକାର, କଲ୍ୟାଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ନେଇ ଆଲୋଚନା ହୋଇଥିଲା। ବୈଠକରେ ବନ ବିଭାଗ, ପୁଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଉଦ୍ୟାନ କୃଷି ବିଭାଗ, ରାଇରଙ୍ଗପୁର ପୌରପାଳିକା, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଓ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ସମେତ ସମ୍ପୃକ୍ତ ବିଭାଗର ପ୍ରତିନିଧିଙ୍କୁ ଦିବସ ପାଳନରେ ସକ୍ରିୟ ସହଯୋଗ ଓ ସମନ୍ୱୟ ରକ୍ଷା କରିବାକୁ ଆହ୍ୱାନ କରାଯାଇଥିଲା। ଉକ୍ତ ବୈଠକରେ ରାଇରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରା, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ରାଇରଙ୍ଗପୁର ଥାନା ଅଧିକାରୀ ରଞ୍ଜନ ସେଠୀ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ଶକୁନ୍ତଳା ହାଁସଦା, ହସ୍ପିଟାଲ ପରିଚାଳକ ଆଲୋକ ଗୋଛାୟତ, ଏସିଏଫ ପ୍ରଭାକର ମଲିକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ମହାନ୍ତି, ବିଏସଏସଓ ସମ୍ବାରି ମୁର୍ମୁ, ବରିଷ୍ଠ ରାଜସ୍ୱ ସହାୟକ ପ୍ରସାଦ ବେହେରା, କନିଷ୍ଠ ରାଜସ୍ୱ ସହାୟକ ସୁରଜ ବେହେରାଙ୍କ ସମେତ ରାଇରଙ୍ଗପୁର ବରିଷ୍ଠ ନାଗରିକ ସଙ୍ଘ ସଭାପତି ଦୁଷ୍ମନ୍ତ ବସା, ସମ୍ପାଦକ ନିରୋଜ ପଣ୍ଡା, ସହସମ୍ପାଦକ ଦିଲ୍ଲୀପ ମହାନ୍ତି, ସଦସ୍ୟ ପ୍ରଦୀପ୍ତ କବି, ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଗଙ୍ଗାହାର ନଦୀବନ୍ଧ ଭାଙ୍ଗି ଚାଷଜମି ଜଳମଗ୍ନ

ମାଣତ୍ରୀ, ୨୬।୯ (ସମିସ): ବଡ଼ସାହି ବ୍ଲକ୍ ଅନ୍ତର୍ଗତ ମାଣଗୋବିନ୍ଦପୁର ପଞ୍ଚାୟତର କୁଞ୍ଚିବଣିଆ ଗ୍ରାମ ନିକଟରେ ଗଙ୍ଗାହାର ନଦୀର ବନ୍ଧ ଭାଙ୍ଗିଯାଇଛି। ଘାଇ ସୃଷ୍ଟି ହେବା ଫଳରେ ନଦୀର ପ୍ରଖର ସ୍ରୋତ ବିସ୍ତୀର୍ଣ୍ଣ ଚାଷଜମିରେ ପ୍ରବେଶ କରି ବ୍ୟାପକ ଅଞ୍ଚଳକୁ ଜଳମଗ୍ନ କରିଦେଇଛି। ଏହାଦ୍ୱାରା ଏକର ଏକର ଫସଲ ନଷ୍ଟ ହୋଇଛି। ଜଳସ୍ତର ହଠାତ୍ ବୃଦ୍ଧି ପାଇବାରୁ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଜଳବନ୍ଦୀ ହୋଇଛନ୍ତି। ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ଓ ଜରୁରୀ ସହାୟତା



ଯୋଗାଇଦେବା ପାଇଁ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବଳ (ଓଡ୍ରାଫ୍) ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ଲଗାଣ ବର୍ଷା ଓ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବା ସହ ଆଶ୍ରୟସ୍ଥଳୀ ଓ ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ସହିତ ଅଗ୍ନିଶମ ବାହିନୀ ମଧ୍ୟ ନିୟୋଜିତ ରହିଛନ୍ତି। ତଳିଆ ଅଞ୍ଚଳରେ ଫସଲ ନଷ୍ଟ ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

# ପାଲାଗାୟକ ଉମେଶ ବେହେରାଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା

କରଞ୍ଜିଆ,୨୬।୯ (ସମିସ): ଓଡ଼ିଶାର ପ୍ରାଚୀନ ଲୋକକଳା "ପାଲା'ର ସୁର, ସାହିତ୍ୟ ଓ ପରମ୍ପରାକୁ ଦୀର୍ଘଦିନ ଧରି ସମୃଦ୍ଧ କରିଆସୁଥିବା ବରିଷ୍ଠ ପାଲାଗାୟକ ତଥା ମୟୂରଭଞ୍ଜ ଜିଲ୍ଲା ପାଲାକାର ସଂଘର ସାଧାରଣ ସମ୍ପାଦକ ଉମେଶଚନ୍ଦ୍ର ବେହେରାଙ୍କୁ ରାଜ୍ୟସ୍ତରୀୟ ପାଲା ମହୋତ୍ସବରେ ସମ୍ବର୍ଦ୍ଧିତ



କରାଯାଇଛି। ଯାଜପୁରସ୍ଥ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୩ରୁ ୨୫ ପର୍ଯ୍ୟନ୍ତ ଏହି ପାଲା ମହୋତ୍ସବ ଆୟୋଜିତ ହୋଇଥିଲା। ଏ ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୌତମ ରାୟ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଉପସ୍ଥିତ ରହି ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପାଲା ଭଳି ପ୍ରାଚୀନ ଓ ବିଦଗ୍ଧ ଲୋକକଳାର ସୁରକ୍ଷା, ପ୍ରଚାର ପ୍ରସାର ସହ ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଦୀର୍ଘବର୍ଷର ସାଧନା ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଥିବା କୁହାଯାଇଛି। ପାଲାକୁ ନିଜ ସାଧନାର ମାଧ୍ୟମ କରି ବହୁ ଦଶନ୍ଧି ଧରି ସେ ଲୋକକଳାର ଏହି ଧାରାକୁ ଆଗେଇ ନେଇଛନ୍ତି। ଶ୍ରୀ ବେହେରାଙ୍କୁ ଏହା ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି। ରାଜ୍ୟସ୍ତରୀୟ ପାଲା ମହୋତ୍ସବରେ ମିଳିଥିବା ଏହି ସମ୍ବର୍ଦ୍ଧନା ମୟୂରଭଞ୍ଜର ଲୋକକଳା ଓ କଳାକାରଙ୍କ ପାଇଁ ଏକ ଗୌରବର ବିଷୟ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## ଶିମିଳିପାଳ ସଂଲଗ୍ନ ଗାଁରୁ ଉଦ୍ଧାର ବାଘ ଛୁଆ

# ଚିକିତ୍ସା ପରେ ଆସିଛି ସୁଧାର, ଖାଇଲା ୨.୫ କିଗ୍ରା ମାଂସ

ବାରିପଦା, ୨୬।୯ (ସମିସ): ଜାତୀୟ ଶିମିଳିପାଳ ଅଭୟାରଣ୍ୟ ନିକଟବର୍ତ୍ତୀ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ଖପରାଖାଇ ଗ୍ରାମରୁ ଉଦ୍ଧାର ଅସୁସ୍ଥ ବାଘ ଛୁଆର ପ୍ରାଥମିକ ଚିକିତ୍ସା ପରେ ଏବେ ତା'ର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଘଟୁଛି। ଉଦ୍ଧାର ପରେ ବାଘ ଛୁଆକୁ ଫରେଷ୍ଟ କ୍ୟାମ୍ପସରେ ଆଇସୋଲେସନରେ ରଖାଯାଇ ଭେଟେନାରୀ ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା ଆରମ୍ଭ କରାଯାଇଛି। ଗତକାଲି ତାକୁ ଔଷଧ ମିଶାଇ ପ୍ରାୟ ୨.୫ କିଲୋଗ୍ରାମ ମାଂସ ଖାଇବାକୁ ଦିଆଯାଇଥିଲା। ଯାହାକୁ ସେ ସହଜରେ ଗ୍ରହଣ କରିଛି। ବର୍ତ୍ତମାନ ବାଘ ଛୁଆଟି ଶାନ୍ତ ରହିବା ସହ ତା'ର ଶାରୀରିକ ଶକ୍ତି ଧୀରେ ଧୀରେ ବୃଦ୍ଧି



ପାଉଛି। ତା'ର ସ୍ୱାସ୍ଥ୍ୟାବସ୍ଥାର ସଠିକ୍ ଆକଳନ ପାଇଁ ଆଜି ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ଶକ୍ତି ଓ ଫିଟନେସ୍ ଆହୁରି ବଢ଼ାଇବାକୁ ତାକୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବାଘ ଛୁଆଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ଶିମିଳିପାଳ କୋର୍ ଅଞ୍ଚଳରେ ଥିବା 'ଯମୁନା ଏନକ୍ଲୋଜର'କୁ ସ୍ଥାନାନ୍ତର କରାଯିବ। ସେଠାରେ ସେ ପ୍ରାକୃତିକ ପରିବେଶରେ ନିଜେ ଶିକାର କରିବା ପାଇଁ ସକ୍ଷମ ହେବା ପରେ ପୁନର୍ବାର ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଗୁରୁବାର ରାତିରେ ପ୍ରାୟ ୭ରୁ ୮ ମାସ ବୟସର ଏହି ବାଘ ଛୁଆଟି ପ୍ରଥମେ ଗାଁର ଏକ ଗୁହାଳ ଘରେ ପଶିଯାଇଥିଲା। ପରେ ସେଠାରୁ ଯାଇ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଏକ ପରିତ୍ୟକ୍ତ ଘର ଭିତରେ ଆଶ୍ରୟ ନେଇଥିଲା। ବାଘ ଛୁଆଟି ଅସୁସ୍ଥ ଥିବା ଓ ତା'ର ତୁରନ୍ତ ଚିକିତ୍ସା ଆବଶ୍ୟକ ବୋଲି ଜଣାପଡ଼ିବା ପରେ ଶୁକ୍ରବାର ମଧ୍ୟାହ୍ନରେ ବନ ବିଭାଗ କର୍ମଚାରୀ ଏକ ପଞ୍ଜୁରୀ ସାହାଯ୍ୟରେ ତାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

# ସାଇ ବିଦ୍ୟାମନ୍ଦିର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ ପ୍ରତିଷ୍ଠା ଦିବସ




ବାରିପଦା, ୨୬।୯ (ସମିସ): ମୟୂରଭଞ୍ଜ ଜିଲ୍ଲା କୈଳାଶଚନ୍ଦ୍ରପୁରସ୍ଥ ସାଇ ବିଦ୍ୟାମନ୍ଦିର +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନଏସଏସ) ର ପ୍ରତିଷ୍ଠା ଦିବସ, ପତାକା ଉତ୍ତୋଳନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡକ୍ଟର ପ୍ରଭଞ୍ଜନ ରାଉତଙ୍କ ପ୍ରେରଣାରେ ଏହି ଉପଲକ୍ଷେ ଏକ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବୁଢ଼ୀଖମାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ଦେହୁରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଖୋଲାର, ଉପାଧ୍ୟକ୍ଷ ଜିତାଂଶୁ କୁମାର ଦାସ, ପୂର୍ବତନ ପ୍ରୋଗ୍ରାମ ଅଫିସର ସ୍ୱରୂପ ଶତପଥୀ, ନବନିଯୁକ୍ତ ପ୍ରୋଗ୍ରାମ ଅଫିସର ଦିବାକର ନୟାଗମ, ବରିଷ୍ଠ ପ୍ରଧାପକ ଶ୍ରୀକାନ୍ତ ରାଉତ, ଓଡ଼ିଆ ଅଧ୍ୟାପିକା ଚନ୍ଦନା ସାହୁ ଓ ହାଇସ୍କୁଲର ଇଂରାଜୀ ଶିକ୍ଷକ ହରିଶ୍ଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅତିଥିମାନେ ଜାତୀୟ ସେବା ଯୋଜନାର ମୂଳ ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ସମାଜସେବାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କରଞ୍ଜିଆ ଏନ୍‌ଏସିରେ ୨୩ଟି ବୁଥ୍, ଭୋଟର ତାଲିକାରେ ବଡ଼ ପରିବର୍ତ୍ତନ

କରଞ୍ଜିଆ, ୨୬।୯ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପରେ କରଞ୍ଜିଆ ଏନ୍‌ଏସିର ଚୂଡ଼ାନ୍ତ ଭୋଟର ତାଲିକାରେ ବୁଥ୍ ଓ ଭୋଟର ସଂଖ୍ୟାରେ ପରିବର୍ତ୍ତନ ହୋଇଛି। ପୂର୍ବରୁ କରଞ୍ଜିଆ ଏନ୍‌ଏସିର ୧୫ଟି ୱାର୍ଡରେ ୧୭ଟି ବୁଥ୍ ଥିଲା। ସଂଶୋଧନ ପ୍ରକ୍ରିୟା ପରେ ବୁଥ୍ ସଂଖ୍ୟା ବୃଦ୍ଧି ପାଇ ୨୩ଟି ହୋଇଛି। ବୁଥ୍‌ର ପୁନର୍ବିନ୍ୟାସ ସହିତ ଅନେକ ପୁରୁଣା ବୁଥ୍‌ର ଭୋଟର ସଂଖ୍ୟାକୁ ବିଭାଜନ କରି ନୂତନ ବୁଥ୍ ଗଠନ କରାଯାଇଛି। ପୂର୍ବ ତାଲିକାରେ ଏନ୍‌ଏସିରେ ୧୭,୪୫୮ ଜଣ ଭୋଟର ଥିବାବେଳେ ଡ୍ରାଫ୍ଟ ରୋଲ୍ ପର୍ଯ୍ୟାୟରେ ଏହି ସଂଖ୍ୟା ୧୫,୬୯୧କୁ ହ୍ରାସ ପାଇଥିଲା। ପରବର୍ତ୍ତୀ ଚୂଡ଼ାନ୍ତ ତାଲିକାରେ ୧୫,୯୮୧ ଜଣ ଭୋଟର ଥିବା ତଥ୍ୟ ପ୍ରକାଶିତ ହୋଇଛି। ଭୋଟରଙ୍କ ଲିଙ୍ଗଭିତ୍ତିକ ସଂଖ୍ୟାରେ ମଧ୍ୟ ପରିବର୍ତ୍ତନ ହୋଇଛି। ପୂର୍ବରୁ ୮,୪୦୮ ପୁରୁଷ ଓ ୯,୦୫୦ ମହିଳା ଭୋଟର ଥିବାବେଳେ ସଂଶୋଧନ ପରେ ଚୂଡ଼ାନ୍ତ ତାଲିକାରେ ୭,୭୫୦ ପୁରୁଷ ଓ ୮,୨୩୦ ମହିଳା ଭୋଟର ଥିବା ଉଲ୍ଲେଖ ରହିଛି। ୨୦୨୨ ପୌର ନିର୍ବାଚନ ସମୟରେ ୧୭ଟି ବୁଥ୍ ଥିବା କରଞ୍ଜିଆ ଏନ୍‌ଏସିରେ ବର୍ତ୍ତମାନ ୨୩ଟି ବୁଥ୍ ହୋଇଛି। ନୂତନ ବୁଥ୍ ଗଠନ ଫଳରେ ବୁଥ୍ ନମ୍ବରରେ ମଧ୍ୟ ପରିବର୍ତ୍ତନ ହୋଇଛି। ନୂତନ ଭାବେ ଗଠିତ ବୁଥ୍ ମଧ୍ୟରେ ଗଡ଼ସାହି କରଞ୍ଜିଆ, ଗିରିମା, ଗୁଡ଼ିସାହି, ପଟାକାଠ ସାହି, ପାତ୍ରସାହି, ରଜାବନ୍ଦ ସାହି, ମାଣିକଛକ, ସୋରୁବାଲି ଓ କରଞ୍ଜିଆ ଗୋଲେଇ ଅଞ୍ଚଳର ବୁଥ୍ ରହିଛି। ବୁଥ୍ ପୁନର୍ଗଠନ ଯୋଗୁଁ କେତେକ ପୁରୁଣା ବୁଥ୍‌ର ଭୋଟରଙ୍କୁ ବିଭାଜନ କରାଯାଇ ନୂତନ ବୁଥ୍‌ରେ ସାମିଲ କରାଯାଇଛି।

## ଯୁକ୍ତ ତୃତୀୟ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ

# ଏମ୍‌ସିଏମ୍ ଛାତ୍ରଛାତ୍ରୀଙ୍କ ଚମତ୍କାର ସଫଳତା

ବାରିପଦା,୨୬।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମ୍‌ଏସ୍‌ସିବିୟୁ) ପକ୍ଷରୁ ପ୍ରକାଶିତ ଯୁକ୍ତ ତୃତୀୟ ସେମିଷ୍ଟର ପରୀକ୍ଷା ଫଳାଫଳରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍) ଉଲ୍ଲେଖନୀୟ ସଫଳତା ହାସଲ କରିଛି। କଲେଜର ସାମଗ୍ରିକ ପାସ୍ ହାର ପ୍ରାୟ ୯୯ ପ୍ରତିଶତ ରହିଥିବାବେଳେ ଏହାକୁ ନେଇ କଲେଜ କ୍ୟାମ୍ପସ, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। କଳା ବିଭାଗର ବିଭିନ୍ନ ଅନର୍ସରେ ଛାତ୍ରଛାତ୍ରୀ ଉଚ୍ଚ ନମ୍ବର ହାସଲ କରି କଲେଜ ପାଇଁ ଗୌରବ ଆଣିଛନ୍ତି। ଶିକ୍ଷା ବିଭାଗରେ ପଦ୍ମପ୍ରିୟା ଗିରି ୮୦.୪୦ ପ୍ରତିଶତ ନମ୍ବର ଆଣିଥିବାବେଳେ ଦର୍ଶନ ଶାସ୍ତ୍ରରେ ସୋନିଆ ହାଁସଦା ୮୦.୩୦ ପ୍ରତିଶତ, ଇଂରାଜୀରେ ବିଷ୍ଣୁପଦ ଗୌଡ଼ ୭୭.୭୦ ପ୍ରତିଶତ, ସମାଜ ବିଜ୍ଞାନରେ ଗୀତା ବେହେରା ୭୭.୨୦ ପ୍ରତିଶତ, ଅର୍ଥନୀତିରେ ମନୀଷା ମାରାଣ୍ଡି ୭୬.୮ ପ୍ରତିଶତ, ଇତିହାସରେ ସୋନାଲି ହେମ୍ବ୍ରମ ୭୬.୮ ପ୍ରତିଶତ, ରାଜନୀତି ବିଜ୍ଞାନରେ ଦୁଲାରୀ ହାଁସଦା ୭୬.୩ ପ୍ରତିଶତ, ଗୃହ ବିଜ୍ଞାନରେ ହିସି ହେମ୍ବ୍ରମ ୭୩.୧୦ ପ୍ରତିଶତ, ଓଡ଼ିଆରେ ଲଗ୍ନଜିତା ମହାକୁଡ଼ ୭୩.୧୦ ପ୍ରତିଶତ, ସାନ୍ତାଳୀରେ ବାଲା ମୁର୍ମୁ ଓ ଲଡୁ ରାମ ସୋରେନ ୭୧.୮୦ ପ୍ରତିଶତ, ଭୂଗୋଳରେ ମାନସ ନନ୍ଦୀ ୭୦.୬୦ ପ୍ରତିଶତ ନମ୍ବର ଆଣି କଲେଜର ବିଭାଗୀୟ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗର ପ୍ରାଣୀ ବିଜ୍ଞାନରେ ଆଦିତ୍ୟ ବାରିକ ୮୧.୩୦ ପ୍ରତିଶତ, ଉଦ୍ଭିଦ ବିଜ୍ଞାନରେ ଅଞ୍ଜଳି ହାଁସଦା ୮୦ ପ୍ରତିଶତ, ପଦାର୍ଥ ବିଜ୍ଞାନରେ ସ୍ମୃତିରେଖା ନାୟକ ୮୦ ପ୍ରତିଶତ, ସୂଚନା ପ୍ରଯୁକ୍ତି (ଆଇଟି)ରେ ଜଗଦୀଶ ମହାନ୍ତ ୭୮.୬୦ ପ୍ରତିଶତ, ରସାୟନ ବିଜ୍ଞାନରେ ଶ୍ରୁତିରେଖା ସିଂ ୭୮.୧ ପ୍ରତିଶତ, ମାଇକ୍ରୋବାୟୋଲୋଜିରେ ମନୀଷା ମହାନ୍ତି ୭୬.୩୦ ପ୍ରତିଶତ, ବାଣିଜ୍ୟ ବିଭାଗରେ ଆୟୁଷ ଅନ୍ତରୀକ୍ଷ ମହାନ୍ତ ସର୍ବାଧିକ ୮୬ ପ୍ରତିଶତ ନମ୍ବର ରଖି ବିଭାଗୀୟ ଟପ୍ପର ହେବା ସହ କଲେଜର ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ଉଭା ହୋଇଛନ୍ତି। କଲେଜର ଏହି ଐତିହାସିକ ସଫଳତାରେ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଧ୍ୟାପକ ଅଧ୍ୟାପିକାଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଆଗାମୀ ସେମିଷ୍ଟାରରେ ଏହି ଧାରା ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ନିୟମିତ ମାର୍ଗଦର୍ଶନ ଓ ପରୀକ୍ଷାଭିତ୍ତିକ ପ୍ରସ୍ତୁତି କରାଇବାକୁ ସେ ପରାମର୍ଶ ଦେଇଛନ୍ତି।

# ବେଲପାଳ ସରସ୍ୱତୀ ଶିଶୁମନ୍ଦିରରେ ନମାମି ଭାରତମ୍ କାର୍ଯ୍ୟକ୍ରମ

ବଡ଼ସାହି, ୨୬।୯ (ସମିସ): ବନ୍ଦେ ମାତରଂର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବଡସାହି ବ୍ଲକ ବେଲପାଳସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ବନ୍ଦେ ମାତରଂ ଗାନ କାର୍ଯ୍ୟକ୍ରମ "ନମାମି ଭାରତମ୍' ଅନୁଷ୍ଠିତ ହୋଇଛି। ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ନୂଆଦିଲ୍ଲୀ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି



ଭାବେ ବିଦ୍ୟାଳୟର ଉଦ୍ୟୋକ୍ତା ପ୍ରବୋଧ ଭୂୟାଁ ଯୋଗଦେଇ ଏହି ଅଭିଯାନ କେବଳ ସାମୂହିକ ଗାନରେ ସୀମିତ ନୁହେଁ, ବନ୍ଦେ ମାତରଂର ଐତିହାସିକ ଯାତ୍ରା, ଜାତୀୟ ଗୁରୁତ୍ୱ ଓ ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ ଐତିହ୍ୟ ସହ ନୂଆ ପିଢ଼ିକୁ ଯୋଡ଼ିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। "ନମାମି ଭାରତମ୍' ମାଧ୍ୟମରେ ମାତୃଭୂମି ପ୍ରତି ଶ୍ରଦ୍ଧା, ସାଂସ୍କୃତିକ ଏକତା ଓ ଜାତୀୟ ଚେତନାକୁ ଉଜ୍ଜୀବିତ କରିବାର ପ୍ରୟାସ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୩୦ ଜଣ ଛାତ୍ରୀଛାତ୍ରଙ୍କ ସମେତ ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ର, ସମସ୍ତ ଗୁରୁମା ଗୁରୁଜୀ, ସେବିକା ସେବକ, ଅଭିଭାବକ ଯୋଗ ଦେଇଥିଲେ। ବିଦ୍ୟାଳୟର ଅନ୍ୟତମ ଉଦ୍ୟୋକ୍ତା ସଞ୍ଜୟ କୁମାର ଜେନା ଓ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ।

# ଜାହିରା ସାହି ପ୍ରାଥମିକ ସ୍କୁଲକୁ ନିଜସ୍ୱ ଜମି ପଟ୍ଟା ପ୍ରଦାନ ଦାବି

ବାଙ୍ଗିରିପୋଷି, ୨୬।୯ (ସମିସ):

ବାଙ୍ଗିରିପୋଷି ବ୍ଲକର ପାହାଡ଼ ଘେରା ଉପାନ୍ତ ଅଞ୍ଚଳ ବ୍ରାହ୍ମଣ ଗାଁ ପଞ୍ଚାୟତ ଚରାବନ୍ଧ ଗ୍ରାମର ଜାହିରା ସାହି ପ୍ରାଥମିକ ବିଦ୍ୟାଳୟ ନିଜର ବିନା ଜମି ପଟ୍ଟାରେ ସ୍କୁଲ ଚାଲିବା ସହିତ କୋଠା ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ଦୀର୍ଘ ୧୬ ବର୍ଷ ହେଲା ସର୍ବଶିକ୍ଷା ଅଭିଯାନର ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସେଠାରେ ଆଦିବାସୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବାଙ୍ଗିରିପୋଷିରୁ ଚରାବନ୍ଧକୁ ଦୀର୍ଘ ୩୦ କିଲୋମିଟର ଅଙ୍କାବଙ୍କା ଜଙ୍ଗଲ ରାସ୍ତା ହୋଇଥିବାରୁ ବିଭାଗୀୟ ଅଧିକାରୀ ସେହି ବିଦ୍ୟାଳୟକୁ ପରିଦର୍ଶନ କରିବାରେ ମଧ୍ୟ ଅଣଦେଖା କରିଆସିଛନ୍ତି। ଫଳରେ ସେହି ବିଦ୍ୟାଳୟର ଭିତ୍ତିଭୂମି ଆଜି ଶୂନ ହୋଇ ରହିଛି। ବିଦ୍ୟାଳୟ ଚାରି କାନ୍ଥର ପରିସୀମା ଯେତିକି ରହିଛି ସେତିକି ସ୍ଥାନରେ ହିଁ ବିଦ୍ୟାଳୟ ସୀମିତ। କାରଣ ନିଜସ୍ୱ ନାମରେ ପଟ୍ଟା ନ



ଥିବାରୁ ସେଠାକାର ସ୍ଥାୟୀ ବାସିନ୍ଦା ସ୍କୁଲ କାନ୍ଥକୁ ଲଗାଇ ସ୍ଥାୟୀ ବାଡ଼ ଘେରା କରିଛନ୍ତି। ଫଳରେ ଛାତ୍ରଛାତ୍ରୀ ଓ ଶିକ୍ଷକ ବିଦ୍ୟାଳୟକୁ ପଶିବା ଓ ବାହାରିରେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପାଇଖାନା, ପାନୀୟ ଜଳ, ଜାତୀୟ ପତାକା ଉତ୍ତୋଳନ, ରୋଷଇ ଘର, ଖେଳିବାକୁ ଇଞ୍ଚେ ଯାଗା ନ ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ଏଭଳି ଜଟିଳ ପରିସ୍ଥିତି ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଭଦ୍ରା ନାଏକଙ୍କୁ ଏ ବାବଦରେ ଯୋଗାଯୋଗ କରିବାରୁ ସରକାରଙ୍କ ଗାଇଡ଼ଲାଇନ ଅନୁସାରେ ଜାହିରା ସାହି ପ୍ରାଥମିକ ବିଦ୍ୟାଳୟରେ ସେତେବେଳେ (୨୦୧୯) ୨୫ରୁ ବହୁତ କମ ପିଲା ଥିବାରୁ ଏକପ୍ରକାର ସବୁଦିନ ପାଇଁ ବନ୍ଦ ହେବାର ବିଧିବଦ୍ଧ ଭାବେ ଚିଠିରେ ଉଲ୍ଲେଖ ଥିଲା। ସ୍ଥାନୀୟ ସରପଞ୍ଚଙ୍କ ଅନୁରୋଧ ଥିଲା ଯେ ଜାହିରା ସାହି ଜଙ୍ଗଲ ଭିତରେ ଏକମାତ୍ର ସ୍କୁଲ ବ୍ୟବସ୍ଥା ହୋଇଛି। ସେଠାରେ କମ ପିଲା ଥିଲେ ମଧ୍ୟ ବନ୍ଦ କରା ନ ଯାଉ ବୋଲି ଲିଖିତ ଆବେଦନ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିବାରୁ ବନ୍ଦ ହୋଇ ନ ଥିଲା। ସେହିଭଳି ସ୍ଥିତିରେ ଜାହିରା ସାହି ସ୍କୁଲର ବିକାଶ ଦିଗରେ ଘୋର ଅବହେଳା ହୋଇଥିବା ନିଜେ ସ୍ୱୀକାର କରିଥିବା ପ୍ରତିକ୍ରିୟାରେ ମତ ଦେଇଥିଲେ। ଜାହିରା ସାହି ପ୍ରାଥମିକ ବିଦ୍ୟାଳୟ ବର୍ଷେ ପୂର୍ବରୁ ଜଣେ ମାତ୍ର ଛାତ୍ର ଅଧ୍ୟୟନ କରିଥିବା ଦେଖିବାକୁ ମିଳିଥିବାବେଳେ ବର୍ତ୍ତମାନ ସେହି ବିଦ୍ୟାଳୟରେ ୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଭିତ୍ତିଭୂମି ନ ଥିବାରୁ ସେହି ଗ୍ରାମର ଅଧିକାଂଶ ଛାତ୍ରଛାତ୍ରୀ ବିଲ ଓ ବଣ ରାସ୍ତା ଦେଇ ଚରାବନ୍ଧ ସ୍କୁଲକୁ ଯାଉଛନ୍ତି ବୋଲି ଗ୍ରାମବାସୀ ଗଣମାଧ୍ୟମ କହିଛନ୍ତି। ଯଦି ବିଭାଗୀୟ ଅଧିକାରୀ ସ୍କୁଲର ଭିତ୍ତିଭୂମି ବିକାଶ ଦିଗକୁ ଆଣିବାରେ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତି, ତେବେ ଜାହିରା ସାହି ସ୍କୁଲରେ ୩୦ରୁ ଅଧିକ ଆଦିବାସୀ ଛାତ୍ରଛାତ୍ରୀ ଅଧ୍ୟୟନ କରିବାକୁ ଆସିବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ବାଙ୍ଗିରିପୋଷି ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ବିଦ୍ୟାଳୟ ନାମରେ ସତନ୍ତ୍ର ପଟ୍ଟା ଜମି ବ୍ୟବସ୍ଥା କଲେ, ସେଠାରେ ପାଇଖାନା, ରୋଷେଇ ଘର, ବିଶୁଦ୍ଧ ପାନୀୟଜଳ, ଖେଳ ପଡିଆ ନିର୍ମାଣ କରାଯାଇପାରିବ ବୋଲି କୁହାଯାଇଛି।

# ଭାରତ ସରକାର
# ରେଲ୍ ମନ୍ତ୍ରଣାଳୟ
## (ଦକ୍ଷିଣ ପୂର୍ବ ରେଳ – ନିର୍ମାଣ ସଂଗଠନ)

## ଅଧିସୂଚନା

**ଏସ୍.ଓ. 5760(ଇ).**— ରେଳ ଅଧିନିୟମ, 1989 (1989ର 24)ର ଅଧ୍ୟାୟ IV-Aର ଧାରା 20Aର ଉପଧାରା (1) (ଏହାପରେ "ଉକ୍ତ ଅଧିନିୟମ" ଭାବେ ଉଲ୍ଲେଖିତ) ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ, କେନ୍ଦ୍ର ସରକାର ଏହି ମର୍ମରେ ସନ୍ତୁଷ୍ଟ ହୋଇଛନ୍ତି ଯେ, ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ନିମ୍ନସ୍ଥ ଅନୁସୂଚୀରେ ସଂକ୍ଷିପ୍ତ ବିବରଣୀ ଦିଆଯାଇଥିବା ଜମି, ଓଡ଼ିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲାରେ **"ବାଙ୍ଗିରିପୋଷି–ଗୋରୁମହିଷାଣି (85.60 କି.ମି.) ନୂତନ ରେଳପଥ"** ବିଶେଷ ରେଳ ପ୍ରକଳ୍ପର ନିର୍ମାଣ, ରକ୍ଷଣାବେକ୍ଷଣ, ପରିଚାଳନା ଓ ସଞ୍ଚାଳନ ପାଇଁ ଆବଶ୍ୟକ। ତେଣୁ, କେନ୍ଦ୍ର ସରକାର ଉକ୍ତ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଅଭିପ୍ରାୟ ଏହି ଦ୍ୱାରା ଘୋଷଣା କରୁଛନ୍ତି।

ଉକ୍ତ ଜମିରେ ସ୍ୱାର୍ଥ ସଂପୃକ୍ତ ଯେକୌଣସି ବ୍ୟକ୍ତି, ଏହି ବିଜ୍ଞପ୍ତି ସରକାରୀ ରାଜପତ୍ରରେ ପ୍ରକାଶିତ ହେବାର ତାରିଖଠାରୁ **30 (ତିରିଶି)** ଦିନ ମଧ୍ୟରେ, ଉକ୍ତ ଅଧିନିୟମର ଧାରା 20Dର ଉପଧାରା (1) ଅନୁଯାୟୀ, ଉପରୋକ୍ତ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ଓ ବ୍ୟବହାର ସମ୍ପର୍କରେ ଆପତ୍ତି ଦାଖଲ କରିପାରିବେ।

ଏପରି ପ୍ରତ୍ୟେକ ଆପତ୍ତି ଲିଖିତ ଆକାରରେ **ସକ୍ଷମ ପ୍ରାଧିକାରୀ**, ଅର୍ଥାତ୍ **ଭୂମି ଅଧିଗ୍ରହଣ ଅଧିକାରୀ, ମୟୂରଭଞ୍ଜ, ଓଡ଼ିଶା,** ଯାହାଙ୍କ କାର୍ଯ୍ୟାଳୟ **ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟ, ପୋଷ୍ଟ – ବାରିପଦା, ପିନ – 757001**, ଓଡ଼ିଶାରେ ଅବସ୍ଥିତ, ସେଠାରେ ଦାଖଲ କରିବାକୁ ହେବ। ଆପତ୍ତିରେ ଆପତ୍ତିର କାରଣ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବାକୁ ହେବ। ସକ୍ଷମ ପ୍ରାଧିକାରୀ ଆପତ୍ତିକାରୀଙ୍କୁ ବ୍ୟକ୍ତିଗତ ଭାବେ କିମ୍ବା ତାଙ୍କ ଆଇନଜୀବୀଙ୍କ ମାଧ୍ୟମରେ ଶୁଣାଣିର ସୁଯୋଗ ପ୍ରଦାନ କରିବେ। ସମସ୍ତ ଆପତ୍ତି ଶୁଣିବା ପରେ ଏବଂ ଆବଶ୍ୟକ ମନେ କଲେ ଅଧିକ ତଦନ୍ତ କରି, ଉକ୍ତ ଅଧିନିୟମର ଧାରା 20Dର ଉପଧାରା (2) ଅନୁଯାୟୀ ଆଦେଶ ଦ୍ୱାରା ଆପତ୍ତିକୁ ଗ୍ରହଣ କିମ୍ବା ଖାରଜ କରିପାରିବେ।

ଉକ୍ତ ଅଧିନିୟମର ଧାରା 20Dର ଉପଧାରା (2) ଅନୁଯାୟୀ **ଭୂମି ଅଧିଗ୍ରହଣ ଅଧିକାରୀ, ମୟୂରଭଞ୍ଜ, ଓଡ଼ିଶା-ସହ-ସକ୍ଷମ ପ୍ରାଧିକାରୀ**ଙ୍କ ଦ୍ୱାରା ପାରିତ ଆଦେଶ ଚୂଡ଼ାନ୍ତ ବୋଲି ବିବେଚିତ ହେବ।

ଏହି ବିଜ୍ଞପ୍ତି ଅନ୍ତର୍ଭୁକ୍ତ ଜମିର **ନକ୍ସା (Land Plans)** ଏବଂ ଅନ୍ୟାନ୍ୟ ସମସ୍ତ ବିବରଣୀ ଉପରୋକ୍ତ ସକ୍ଷମ ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତିମାନେ କାର୍ଯ୍ୟାଳୟ ସମୟ ମଧ୍ୟରେ ସେଗୁଡ଼ିକ ପରିଦର୍ଶନ କରିପାରିବେ।

ସ୍ୱା./- ଜମି ଅଧିଗ୍ରହଣ ଅଧିକାରୀ, ମୟୁରଭଞ୍ଜ ତଥା ସକ୍ଷମ କର୍ତ୍ତୃପକ୍ଷ

## ଅନୁସୂଚୀ

**ଓଡ଼ିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲାରେ "ବାଙ୍ଗିରିପୋଷି–ଗୋରୁମହିଷାଣି (85.60 କି.ମି.) ନୂତନ ରେଳପଥ" ବିଶେଷ ରେଳ ପ୍ରକଳ୍ପ ପାଇଁ, ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ।**

କ) ମୌଜା : କୁଲେଇଶିଳା ,ଥାନା: ଗୋରୁ ମହିଷାଣି,ଥାନା ନମ୍ବର 45,ତହସିଲ : ରାଇରଙ୍ଗପୁର, ଗ୍ରାମୀଣ, ଜିଲ୍ଲା : ମୟୂରଭଞ୍ଜ, ଓଡିଶା

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ କ୍ଷେତ୍ରଫଳ ( ହେକ୍ଟରରେ ) | ଅଧିଗ୍ରହଣ କରାଯାଉଥିବା ଜମିର କ୍ଷେତ୍ରଫଳ( ହେକ୍ଟରରେ ) | ମାଲିକାନା |
|---|---|---|---|---|---|---|
| 1 | 111 | 306 | ଆଶୁ | 0.0607 | 0.0607 | ନିଜ |
| 2 | 37 | 307 | ଆଶୁ | 0.3521 | 0.2550 | ନିଜ |
| 3 | 308 | 309 | ଆଶୁ | 0.1133 | 0.1133 | ନିଜ |
| 4 | 308 | 310 | ଘରବାରି | 0.0647 | 0.0647 | ନିଜ |
| 5 | 93 | 311 | ଘରବାରି | 0.0405 | 0.0405 | ନିଜ |
| 6 | 93 | 312 | ଆଶୁ | 0.1052 | 0.1052 | ନିଜ |
| 7 | 54 | 313 | ଆଶୁ | 0.0890 | 0.0890 | ନିଜ |
| 8 | 54 | 314 | ଘରବାରି | 0.0486 | 0.0486 | ନିଜ |
| 9 | 54 | 315 | ଘରବାରି | 0.0486 | 0.0486 | ନିଜ |
| 10 | 73 | 316 | ଘରବାରି | 0.0567 | 0.0567 | ନିଜ |
| 11 | 73 | 317 | ଆଶୁ | 0.1416 | 0.1416 | ନିଜ |
| 12 | 195 | 318 | ଆଶୁ | 0.0971 | 0.0971 | ନିଜ |
| 13 | 195 | 319 | ଘରବାରି | 0.0486 | 0.0162 | ନିଜ |
| 14 | 370/26 | 321 | ଆଶୁ | 0.1093 | 0.0769 | ନିଜ |
| 15 | 281 | 322 | ଆଶୁ | 0.0890 | 0.0567 | ନିଜ |
| 16 | 247 | 323 | ଆଶୁ | 0.0243 | 0.0243 | ନିଜ |
| 17 | 247 | 323/1742 | ଘରବାରି | 0.0809 | 0.0243 | ନିଜ |
| 18 | 73 | 329 | ଶାରଦ ଦୁଇ | 0.3440 | 0.3318 | ନିଜ |
| 19 | 370/48 | 330 | ଆଶୁ | 0.2428 | 0.2428 | ନିଜ |
| 20 | 370/48 | 332 | ଆଶୁ | 0.2104 | 0.1862 | ନିଜ |
| 21 | 111 | 333 | ଶାରଦ ତିନି | 0.1052 | 0.0931 | ନିଜ |
| 22 | 181 | 334 | ଶାରଦ ଏକ | 0.4452 | 0.0283 | ନିଜ |
| 23 | 339 | 337 | ଆଶୁ | 0.2509 | 0.0121 | ନିଜ |
| 24 | 298 | 339 | ଶାରଦ ଦୁଇ | 0.1740 | 0.1052 | ନିଜ |
| 25 | 73 | 340 | ଶାରଦ ଦୁଇ | 0.1093 | 0.0647 | ନିଜ |
| 26 | 329 | 341 | ଶାରଦ ତିନି | 0.0486 | 0.0486 | ନିଜ |
| 27 | 370/137 | 342 | ଶାରଦ ଏକ | 0.0809 | 0.0809 | ନିଜ |
| 28 | 220 | 343 | ଶାରଦ ଏକ | 0.1133 | 0.1133 | ନିଜ |
| 29 | 37 | 344 | ଶାରଦ ଏକ | 0.0728 | 0.0728 | ନିଜ |
| 30 | 220 | 345 | ଶାରଦ ତିନି | 0.0202 | 0.0202 | ନିଜ |
| 31 | 103 | 346 | ଶାରଦ ତିନି | 0.0364 | 0.0364 | ନିଜ |
| 32 | 329 | 347 | ଶାରଦ ତିନି | 0.1295 | 0.1295 | ନିଜ |
| 33 | 318 | 348 | ଶାରଦ ଦୁଇ | 0.5423 | 0.1457 | ନିଜ |
| 34 | 37 | 350 | ଶାରଦ ଦୁଇ | 0.2752 | 0.0526 | ନିଜ |
| 35 | 31 | 351 | ଶାରଦ ଏକ | 0.1052 | 0.0971 | ନିଜ |
| 36 | 31 | 352 | ଶାରଦ ଏକ | 0.0607 | 0.0243 | ନିଜ |
| 37 | 108 | 363 | ଶାରଦ ଏକ | 0.2145 | 0.1740 | ନିଜ |
| 38 | 332 | 364 | ଶାରଦ ଏକ | 0.1497 | 0.0809 | ନିଜ |
| 39 | 12 | 365 | ଶାରଦ ଏକ | 0.0728 | 0.0728 | ନିଜ |
| 40 | 220 | 366 | ଶାରଦ ଏକ | 0.0324 | 0.0324 | ନିଜ |
| 41 | 73 | 367 | ଶାରଦ ଏକ | 0.1295 | 0.0728 | ନିଜ |
| 42 | 132 | 518 | ଶାରଦ ଦୁଇ | 1.1857 | 1.0522 | ନିଜ |
| 43 | 370/99 | 519 | ଶାରଦ ଏକ | 0.3197 | 0.2550 | ନିଜ |
| 44 | 293 | 526 | ଶାରଦ ଏକ | 0.5140 | 0.3157 | ନିଜ |
| 45 | 33 | 527 | ଶାରଦ ଏକ | 0.0769 | 0.0769 | ନିଜ |
| 46 | 132 | 528 | ଶାରଦ ଦୁଇ | 0.0486 | 0.0486 | ନିଜ |
| 47 | 33 | 529 | ଶାରଦ ଏକ | 0.6394 | 0.6232 | ନିଜ |
| 48 | 33 | 530 | ଶାରଦ ଏକ | 0.6070 | 0.5585 | ନିଜ |
| 49 | 194 | 531 | ଶାରଦ ଏକ | 0.2104 | 0.1295 | ନିଜ |
| 50 | 71 | 532 | ଶାରଦ ଏକ | 0.6556 | 0.1376 | ନିଜ |
| 51 | 71 | 533 | ଶାରଦ ଏକ | 0.2023 | 0.2023 | ନିଜ |
| 52 | 331 | 534 | ଶାରଦ ଏକ | 0.0890 | 0.0728 | ନିଜ |
| 53 | 1 | 535 | ଶାରଦ ଏକ | 0.0405 | 0.0405 | ନିଜ |
| 54 | 288 | 554 | ଶାରଦ ଦୁଇ | 0.1174 | 0.0486 | ନିଜ |
| 55 | 98 | 555 | ଶାରଦ ଦୁଇ | 0.1659 | 0.0243 | ନିଜ |
| 56 | 370/3 | 557 | ଶାରଦ ଦୁଇ | 0.2347 | 0.0162 | ନିଜ |
| 57 | 333 | 562 | ଘରବାରି | 0.0647 | 0.0121 | ନିଜ |
| 58 | 370/75 | 563 | ଶାରଦ ଏକ | 0.0445 | 0.0121 | ନିଜ |
| 59 | 137 | 564 | ଶାରଦ ଦୁଇ | 0.1052 | 0.0040 | ନିଜ |
| 60 | 36 | 566 | ଶାରଦ ଦୁଇ | 0.5585 | 0.0020 | ନିଜ |
| 61 | 174 | 592 | ଆଶୁ | 0.0243 | 0.0121 | ନିଜ |
| 62 | 370/128 | 592/1691 | ଘରବାରି | 0.0162 | 0.0162 | ନିଜ |
| 63 | 370/129 | 592/1692 | ଘରବାରି | 0.0162 | 0.0162 | ନିଜ |
| 64 | 370/130 | 592/1693 | ଘରବାରି | 0.0162 | 0.0162 | ନିଜ |
| 65 | 134 | 706 | ଆଡି | 0.1902 | 0.1659 | ନିଜ |
| 66 | 134 | 707 | ଜଳାଶୟ ଏକ | 0.7082 | 0.3561 | ନିଜ |
| 67 | 141 | 801 | ଜଳାଶୟ ଦୁଇ | 0.0486 | 0.0243 | ନିଜ |
| 68 | 132 | 802 | ଘରବାରି | 0.1781 | 0.0243 | ନିଜ |
| 69 | 348 | 803 | ଘରବାରି | 0.1335 | 0.0364 | ନିଜ |
| 70 | 121 | 807 | ଶାରଦ ତିନି | 0.0850 | 0.0405 | ନିଜ |
| 71 | 292 | 808 | ଶାରଦ ତିନି | 0.1012 | 0.0607 | ନିଜ |
| 72 | 370/149 | 810 | ଶାରଦ ତିନି | 0.0728 | 0.0688 | ନିଜ |
| 73 | 132 | 811 | ଶାରଦ ଦୁଇ | 0.1376 | 0.1376 | ନିଜ |
| 74 | 370/149 | 812 | ଶାରଦ ଦୁଇ | 0.3157 | 0.3157 | ନିଜ |
| 75 | 370/149 | 813/1720 | ଶାରଦ ଏକ | 0.0607 | 0.0607 | ନିଜ |
| 76 | 370/148 | 813 | ଶାରଦ ଏକ | 1.0643 | 0.3399 | ନିଜ |
| 77 | 370/149 | 822 | ଶାରଦ ଦୁଇ | 0.3157 | 0.1902 | ନିଜ |
| 78 | 243 | 823 | ଶାରଦ ଦୁଇ | 0.4128 | 0.3925 | ନିଜ |
| 79 | 132 | 824 | ଆଶୁ | 0.0445 | 0.0445 | ନିଜ |
| 80 | 370/149 | 825 | ଶାରଦ ଦୁଇ | 0.0324 | 0.0324 | ନିଜ |
| 81 | 370/148 | 825/1716 | ଶାରଦ ଦୁଇ | 0.0081 | 0.0081 | ନିଜ |
| 82 | 140 | 827 | ଶାରଦ ଦୁଇ | 0.0607 | 0.0486 | ନିଜ |
| 83 | 370/148 | 828 | ଶାରଦ ଦୁଇ | 0.3157 | 0.2104 | ନିଜ |
| 84 | 350 | 829 | ଶାରଦ ତିନି | 0.4411 | 0.2630 | ନିଜ |
| 85 | 96 | 861 | ଶାରଦ ଦୁଇ | 0.3197 | 0.1942 | ନିଜ |
| 86 | 193 | 862 | ଶାରଦ ଦୁଇ | 0.2550 | 0.1821 | ନିଜ |
| 87 | 46 | 863 | ଶାରଦ ଦୁଇ | 0.6435 | 0.3480 | ନିଜ |
| 88 | 113 | 867 | ଶାରଦ ଦୁଇ | 1.0441 | 0.5059 | ନିଜ |
| 89 | 39 | 873 | ଶାରଦ ଦୁଇ | 0.5585 | 0.4128 | ନିଜ |
| 90 | 370/116 | 878 | ଶାରଦ ଦୁଇ | 0.1214 | 0.1174 | ନିଜ |
| 91 | 215 | 879 | ଶାରଦ ଦୁଇ | 0.1012 | 0.1012 | ନିଜ |
| 92 | 370/116 | 880 | ଶାରଦ ଦୁଇ | 0.0486 | 0.0486 | ନିଜ |
| 93 | 370/148 | 881 | ଶାରଦ ଦୁଇ | 0.0243 | 0.0243 | ନିଜ |
| 94 | 140 | 882 | ଶାରଦ ଦୁଇ | 0.3116 | 0.2104 | ନିଜ |
| 95 | 370/116 | 883 | ଶାରଦ ଦୁଇ | 0.2833 | 0.1538 | ନିଜ |
| 96 | 140 | 886 | ଶାରଦ ଦୁଇ | 0.1821 | 0.0243 | ନିଜ |
| 97 | 215 | 887 | ଶାରଦ ଦୁଇ | 0.1376 | 0.0162 | ନିଜ |
| 98 | 39 | 888 | ଶାରଦ ଦୁଇ | 0.1942 | 0.1942 | ନିଜ |
| 99 | 370/116 | 889 | ଶାରଦ ଦୁଇ | 0.0809 | 0.0809 | ନିଜ |
| 100 | 160 | 890 | ଶାରଦ ଦୁଇ | 0.0405 | 0.0405 | ନିଜ |
| 101 | 16 | 891 | ଶାରଦ ଦୁଇ | 0.0526 | 0.0486 | ନିଜ |
| 102 | 93 | 893 | ଶାରଦ ତିନି | 0.0607 | 0.0607 | ନିଜ |
| 103 | 39 | 894 | ଶାରଦ ତିନି | 0.0890 | 0.0728 | ନିଜ |
| 104 | 39 | 895 | ଶାରଦ ତିନି | 0.1214 | 0.0405 | ନିଜ |
| 105 | 39 | 929 | ଶାରଦ ଦୁଇ | 0.0324 | 0.0081 | ନିଜ |
| 106 | 39 | 930 | ଶାରଦ ଦୁଇ | 0.3764 | 0.3561 | ନିଜ |
| 107 | 370/162 | 931 | ଶାରଦ ଦୁଇ | 0.1416 | 0.1416 | ନିଜ |
| 108 | 39 | 932 | ଶାରଦ ଦୁଇ | 0.0405 | 0.0405 | ନିଜ |
| 109 | 370/162 | 933 | ଶାରଦ ଦୁଇ | 0.0809 | 0.0809 | ନିଜ |
| 110 | 258 | 934 | ଶାରଦ ଦୁଇ | 0.0405 | 0.0405 | ନିଜ |
| 111 | 258 | 935 | ଶାରଦ ଦୁଇ | 0.2954 | 0.0486 | ନିଜ |
| 112 | 258 | 1004 | ଶାରଦ ଦୁଇ | 0.4128 | 0.0162 | ନିଜ |
| 113 | 370/162 | 1005 | ଶାରଦ ତିନି | 0.0728 | 0.0728 | ନିଜ |
| 114 | 370/162 | 1006 | ଶାରଦ ତିନି | 0.5342 | 0.5059 | ନିଜ |
| 115 | 39 | 1007 | ଶାରଦ ଦୁଇ | 0.0162 | 0.0162 | ନିଜ |
| 116 | 268 | 1008 | ଶାରଦ ଦୁଇ | 0.2185 | 0.2185 | ନିଜ |
| 117 | 268 | 1009 | ଶାରଦ ଦୁଇ | 0.0202 | 0.0202 | ନିଜ |
| 118 | 333 | 1010 | ଘରବାରି | 0.0405 | 0.0384 | ନିଜ |
| 119 | 333 | 1011 | ଘରବାରି | 0.0567 | 0.0283 | ନିଜ |
| 120 | 150 | 1023 | ଘରବାରି | 0.0121 | 0.0121 | ନିଜ |
| 121 | 211 | 1024 | ଘରବାରି | 0.0081 | 0.0081 | ନିଜ |
| 122 | 232 | 1025 | ଘରବାରି | 0.0081 | 0.0081 | ନିଜ |
| 123 | 214 | 1026 | ଘରବାରି | 0.0162 | 0.0162 | ନିଜ |
| 124 | 364 | 1027 | ଘରବାରି | 0.0121 | 0.0121 | ନିଜ |
| 125 | 64 | 1028 | ଘରବାରି | 0.0202 | 0.0202 | ନିଜ |
| 126 | 351 | 1032 | ଘରବାରି | 0.0162 | 0.0162 | ନିଜ |
| 127 | 63 | 1033 | ଘରବାରି | 0.0081 | 0.0081 | ନିଜ |
| 128 | 196 | 1034 | ଘରବାରି | 0.0081 | 0.0081 | ନିଜ |
| 129 | 138 | 1035 | ଘରବାରି | 0.0121 | 0.0121 | ନିଜ |
| 130 | 268 | 1038 | ଶାରଦ ଦୁଇ | 0.2590 | 0.2590 | ନିଜ |
| 131 | 370/115 | 1039 | ଶାରଦ ଦୁଇ | 0.1012 | 0.0971 | ନିଜ |
| 132 | 370/115 | 1040 | ଶାରଦ ଦୁଇ | 0.0526 | 0.0526 | ନିଜ |
| 133 | 370/115 | 1040/1728 | ଘରବାରି | 0.0202 | 0.0121 | ନିଜ |
| 134 | 248 | 1073 | ଶାରଦ ତିନି | 0.0526 | 0.0526 | ନିଜ |
| 135 | 356 | 1074 | ଶାରଦ ତିନି | 0.0040 | 0.0040 | ନିଜ |
| 136 | 15 | 1075 | ଘରବାରି | 0.0202 | 0.0182 | ନିଜ |
| 137 | 39 | 1077 | ଘରବାରି | 0.0567 | 0.0263 | ନିଜ |
| 138 | 82 | 538/1525 | ଶାରଦ ଏକ | 0.0081 | 0.0081 | ନିଜ |
| 139 | 183 | 329/1566 | ଶାରଦ ଦୁଇ | 0.1133 | 0.0040 | ନିଜ |
| 140 | 73 | 329/1567 | ଶାରଦ ଦୁଇ | 0.2266 | 0.0688 | ନିଜ |
| 141 | 298 | 329/1568 | ଶାରଦ ଦୁଇ | 0.1700 | 0.1093 | ନିଜ |
| 142 | 183 | 329/1569 | ଶାରଦ ଦୁଇ | 0.3440 | 0.3440 | ନିଜ |
| 143 | 73 | 329/1570 | ଶାରଦ ଦୁଇ | 0.1740 | 0.1740 | ନିଜ |
| 144 | 298 | 329/1571 | ଶାରଦ ଦୁଇ | 0.2023 | 0.2023 | ନିଜ |
| 145 | 73 | 321/1572 | ଶାରଦ ଦୁଇ | 0.1740 | 0.1740 | ନିଜ |
| 146 | 73 | 339/1573 | ଶାରଦ ଦୁଇ | 0.0931 | 0.0081 | ନିଜ |
| 147 | 370/155 | 518/1582 | ଶାରଦ ଦୁଇ | 0.6475 | 0.4249 | ନିଜ |
| 148 | 370/98 | 1074/1659 | ଶାରଦ ତିନି | 0.0162 | 0.0162 | ନିଜ |
| 149 | 370/98 | 1074/1659 /1660 | ଘରବାରି | 0.0405 | 0.0405 | ନିଜ |
| 150 | 370/67 | 331/1643 | ଘରବାରି | 0.0162 | 0.0162 | ନିଜ |
| ମୋଟ | | | | | 16.8951 | |

ଖ) ମୌଜା : ଶମ୍ବରଦଫା , ଥାନା : ରାଇରଙ୍ଗପୁର,ଥାନା ନମ୍ବର 109, ତହସିଲ :ରାଇରଙ୍ଗପୁର , ଗ୍ରାମୀଣ , ଜିଲ୍ଲା : ମୟୂରଭଞ୍ଜ,ଓଡିଶା

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ କ୍ଷେତ୍ରଫଳ ( ହେକ୍ଟରରେ ) | ଅଧିଗ୍ରହଣ କରାଯାଉଥିବା ଜମିର କ୍ଷେତ୍ରଫଳ( ହେକ୍ଟରରେ ) | ମାଲିକାନା |
|---|---|---|---|---|---|---|
| 1 | 4 | 36 | ଡାହି ଏକ | 0.0162 | 0.0121 | ନିଜ |
| 2 | 23 | 17 | ଶାରଦ ତିନି | 0.2307 | 0.2307 | ନିଜ |
| 3 | 23 | 18 | ଡାହି ଏକ | 0.0324 | 0.0324 | ନିଜ |
| 4 | 23 | 27 | ଡାହି ଏକ | 0.0931 | 0.0445 | ନିଜ |
| 5 | 23 | 28 | ଶାରଦ ଏକ | 0.2873 | 0.0162 | ନିଜ |
| 6 | 23 | 29 | ଡାହି ଦୁଇ | 0.0445 | 0.0081 | ନିଜ |
| 7 | 23 | 32 | ଶାରଦ ଏକ | 0.2064 | 0.0607 | ନିଜ |
| 8 | 23 | 34 | ଡାହି ଏକ | 0.1821 | 0.1781 | ନିଜ |
| 9 | 14 | 5 | ଶାରଦ ଦୁଇ | 0.1578 | 0.0688 | ନିଜ |
| 10 | 14 | 6 | ଶାରଦ ଦୁଇ | 0.0850 | 0.0283 | ନିଜ |
| 11 | 14 | 7 | ଶାରଦ ଦୁଇ | 0.0405 | 0.0405 | ନିଜ |
| 12 | 14 | 8 | ଶାରଦ ଦୁଇ | 0.0728 | 0.0728 | ନିଜ |
| 13 | 14 | 9 | ଶାରଦ ଏକ | 0.2550 | 0.2266 | ନିଜ |
| 14 | 38 | 11 | ଡାହି ଏକ | 0.0081 | 0.0081 | ନିଜ |
| 15 | 38 | 13 | ଡାହି ଏକ | 0.1902 | 0.1902 | ନିଜ |
| 16 | 38 | 24 | ଡାହି ଏକ | 0.0324 | 0.0324 | ନିଜ |
| 17 | 38 | 30 | ଶାରଦ ଏକ | 0.2833 | 0.2833 | ନିଜ |
| 18 | 38 | 31 | ଶାରଦ ଏକ | 0.0971 | 0.0971 | ନିଜ |
| 19 | 33 | 15 | ଶାରଦ ତିନି | 0.2914 | 0.2469 | ନିଜ |
| 20 | 33 | 16 | ଶାରଦ ତିନି | 0.0486 | 0.0486 | ନିଜ |
| 21 | 37 | 12 | ଡାହି ଏକ | 0.0607 | 0.0607 | ନିଜ |
| 22 | 37 | 14 | ଡାହି ଏକ | 0.0526 | 0.0526 | ନିଜ |
| 23 | 37 | 19 | ଶାରଦ ଏକ | 0.0283 | 0.0283 | ନିଜ |
| 24 | 37 | 21 | ଶାରଦ ଏକ | 0.0850 | 0.0850 | ନିଜ |
| 25 | 37 | 23 | ଡାହି ଏକ | 0.2023 | 0.1214 | ନିଜ |
| 26 | 42/10 | 10 | ଡାହି ଏକ | 0.0728 | 0.0728 | ନିଜ |
| 27 | 42/10 | 22 | ଶାରଦ ଦୁଇ | 0.1255 | 0.0486 | ନିଜ |
| 28 | 42/10 | 25 | ଶାରଦ ଏକ | 0.2104 | 0.0405 | ନିଜ |
| ମୋଟ | | | | | 2.4363 | |

ଗ)ମୌଜା : ବଡାଦର , ଥାନା : ରାଇରଙ୍ଗପୁର, ଥାନା ନମ୍ବର. 115,ତହସିଲ : ରାଇରଙ୍ଗପୁର ,ଗ୍ରାମୀଣ , ଜିଲ୍ଲା : ମୟୂରଭଞ୍ଜ,ଓଡିଶା

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ କ୍ଷେତ୍ରଫଳ ( ହେକ୍ଟରରେ ) | ଅଧିଗ୍ରହଣ କରାଯାଉଥିବା ଜମିର କ୍ଷେତ୍ରଫଳ( ହେକ୍ଟରରେ ) | ମାଲିକାନା |
|---|---|---|---|---|---|---|
| 1 | 12 | 130 | ଶାରଦ ଜଳ ଦୁଇ | 0.9429 | 0.0202 | ନିଜ |
| 2 | 93 | 279 | ଘରବାରି | 0.0324 | 0.0040 | ନିଜ |
| 3 | 93 | 285 | ଶାରଦ ତିନି | 0.0283 | 0.0081 | ନିଜ |
| 4 | 80 | 288 | ଶାରଦ ଜଳ ତିନି | 0.0364 | 0.0202 | ନିଜ |
| 5 | 93 | 289 | ଶାରଦ ଦୁଇ | 0.0445 | 0.0324 | ନିଜ |
| 6 | 146/34 | 292 | ଘରବାରି | 0.0405 | 0.0405 | ନିଜ |
| 7 | 144 | 293 | ଶାରଦ ଏକ | 0.0850 | 0.0850 | ନିଜ |
| 8 | 77 | 294 | ଶାରଦ ଦୁଇ | 0.0405 | 0.0405 | ନିଜ |
| 9 | 144 | 296 | ଶାରଦ ତିନି | 0.4087 | 0.4087 | ନିଜ |
| 10 | 144 | 297 | ଶାରଦ ଜଳ ତିନି | 0.2833 | 0.2833 | ନିଜ |
| 11 | 88 | 300 | ଶାରଦ ଜଳ ତିନି | 0.2469 | 0.2469 | ନିଜ |
| 12 | 88 | 301 | ଶାରଦ ଜଳ ତିନି | 0.4249 | 0.4249 | ନିଜ |
| 13 | 77 | 302 | ଶାରଦ ଜଳ ଦୁଇ | 0.1902 | 0.1902 | ନିଜ |
| 14 | 77 | 303 | ଶାରଦ ଜଳ ଦୁଇ | 0.0890 | 0.0890 | ନିଜ |
| 15 | 101 | 304 | ଶାରଦ ଜଳ ତିନି | 0.1093 | 0.1093 | ନିଜ |
| 16 | 96 | 305 | ଶାରଦ ଜଳ ତିନି | 0.1012 | 0.1012 | ନିଜ |
| 17 | 45 | 307 | ଶାରଦ ଜଳ ତିନି | 0.0890 | 0.0890 | ନିଜ |
| 18 | 102 | 308 | ଘରବାରି | 0.0769 | 0.0769 | ନିଜ |
| 19 | 5 | 311 | ଡାହି ଦୁଇ | 0.0243 | 0.0243 | ନିଜ |
| 20 | 5 | 312 | ଶାରଦ ଦୁଇ | 0.0728 | 0.0728 | ନିଜ |
| 21 | 104 | 317 | ଶାରଦ ଦୁଇ | 0.0364 | 0.0364 | ନିଜ |
| 22 | 5 | 318 | ଶାରଦ ଦୁଇ | 0.0405 | 0.0405 | ନିଜ |
| 23 | 91 | 319 | ଶାରଦ ଦୁଇ | 0.0283 | 0.0283 | ନିଜ |
| 24 | 5 | 320 | ଶାରଦ ଦୁଇ | 0.0405 | 0.0405 | ନିଜ |
| 25 | 139 | 326 | ଜଳାଶୟ ଏକ | 0.1497 | 0.1497 | ନିଜ |
| 26 | 139 | 327 | ଆଡି | 0.0243 | 0.0243 | ନିଜ |
| 27 | 7 | 331 | ଶାରଦ ଦୁଇ | 0.0486 | 0.0486 | ନିଜ |
| 28 | 144 | 332 | ଆଡି | 0.0243 | 0.0243 | ନିଜ |
| 29 | 144 | 333 | ଶାରଦ ଦୁଇ | 0.0850 | 0.0850 | ନିଜ |
| 30 | 144 | 334 | ଶାରଦ ଦୁଇ | 0.0364 | 0.0364 | ନିଜ |
| 31 | 144 | 335 | ଶାରଦ ଦୁଇ | 0.1821 | 0.1821 | ନିଜ |
| 32 | 146/37 | 340 | ଘରବାରି | 0.0445 | 0.0445 | ନିଜ |
| 33 | 89 | 343 | ଶାରଦ ଜଳ ତିନି | 0.0728 | 0.0728 | ନିଜ |
| 34 | 89 | 344 | ଶାରଦ ଜଳ ଏକ | 0.1295 | 0.1295 | ନିଜ |
| 35 | 89 | 345 | ଶାରଦ ଜଳ ଏକ | 0.1295 | 0.1295 | ନିଜ |
| 36 | 146/36 | 346 | ଘରବାରି | 0.0364 | 0.0364 | ନିଜ |
| 37 | 89 | 347 | ଶାରଦ ଜଳ ଏକ | 0.2954 | 0.0607 | ନିଜ |
| 38 | 139 | 358 | ଶାରଦ ଜଳ ଏକ | 0.5666 | 0.5666 | ନିଜ |
| 39 | 139 | 362 | ଶାରଦ ଜଳ ତିନି | 0.4290 | 0.4290 | ନିଜ |
| 40 | 139 | 363 | ଘରବାରି | 0.0688 | 0.0688 | ନିଜ |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ...

| | | | | | | |
|---|---|---|---|---|---|---|
| 41 | 139 | 364 | ଘରବାରି | 0.0688 | 0.0688 | ନିଜ |
| 42 | 139 | 365 | ଶାରଦ ଜଳ ତିନି | 1.1210 | 1.0643 | ନିଜ |
| 43 | 139 | 366 | ରାସ୍ତା | 0.0769 | 0.0769 | ନିଜ |
| 44 | 46 | 368 | ଘରବାରି | 0.1052 | 0.0324 | ନିଜ |
| 45 | 91 | 372 | ରାସ୍ତା | 0.0405 | 0.0202 | ନିଜ |
| 46 | 91 | 392 | ଶାରଦ ଜଳ ଦୁଇ | 0.2914 | 0.2104 | ନିଜ |
| 47 | 57 | 393 | ଶାରଦ ଜଳ ଦୁଇ | 0.0890 | 0.0890 | ନିଜ |
| 48 | 91 | 394 | ଶାରଦ ଜଳ ଦୁଇ | 0.0486 | 0.0081 | ନିଜ |
| 49 | 91 | 395 | ଶାରଦ ଜଳ ଏକ | 1.0927 | 0.0081 | ନିଜ |
| 50 | 8 | 398 | ଶାରଦ ଜଳ ଦୁଇ | 0.0486 | 0.0162 | ନିଜ |
| 51 | 91 | 399 | ଶାରଦ ଜଳ ଦୁଇ | 0.2509 | 0.0243 | ନିଜ |
| 52 | 57 | 400 | ଶାରଦ ଜଳ ଦୁଇ | 0.3197 | 0.3197 | ନିଜ |
| 53 | 57 | 401 | ଶାରଦ ଜଳ ଏକ | 0.2226 | 0.2064 | ନିଜ |
| 54 | 80 | 402 | ଶାରଦ ଜଳ ଏକ | 0.2064 | 0.2064 | ନିଜ |
| 55 | 80 | 403 | ଶାରଦ ଜଳ ଦୁଇ | 0.0526 | 0.0526 | ନିଜ |
| 56 | 80 | 404 | ଶାରଦ ଜଳ ତିନି | 0.0283 | 0.0283 | ନିଜ |
| 57 | 146/10 | 405 | ଶାରଦ ଜଳ ତିନି | 0.0486 | 0.0486 | ନିଜ |
| 58 | 146/10 | 406 | ଶାରଦ ଜଳ ଦୁଇ | 0.0728 | 0.0728 | ନିଜ |
| 59 | 138 | 407 | ଶାରଦ ଜଳ ତିନି | 0.0607 | 0.0607 | ନିଜ |
| 60 | 8 | 408 | ଶାରଦ ଜଳ ତିନି | 0.1214 | 0.1214 | ନିଜ |
| 61 | 42 | 409 | ଶାରଦ ଜଳ ତିନି | 0.0243 | 0.0243 | ନିଜ |
| 62 | 42 | 410 | ଶାରଦ ଜଳ ତିନି | 0.0971 | 0.0971 | ନିଜ |
| 63 | 42 | 411 | ଶାରଦ ଜଳ ତିନି | 0.5463 | 0.5463 | ନିଜ |
| 64 | 42 | 412 | ଶାରଦ ଏକ | 0.0324 | 0.0324 | ନିଜ |
| 65 | 42 | 413 | ଶାରଦ ଜଳ ଏକ | 0.0364 | 0.0364 | ନିଜ |
| 66 | 118 | 414 | ଶାରଦ ଜଳ ଏକ | 0.0809 | 0.0809 | ନିଜ |
| 67 | 118 | 415 | ଶାରଦ ଜଳ ତିନି | 0.1902 | 0.1902 | ନିଜ |
| 68 | 53 | 416 | ଶାରଦ ଜଳ ଦୁଇ | 0.1821 | 0.1821 | ନିଜ |
| 69 | 146/17 | 417 | ଶାରଦ ଜଳ ତିନି | 0.0769 | 0.0769 | ନିଜ |
| 70 | 146/17 | 418 | ଶାରଦ ଜଳ ଦୁଇ | 0.0809 | 0.0809 | ନିଜ |
| 71 | 146/17 | 422 | ଶାରଦ ଜଳ ଦୁଇ | 0.1052 | 0.1052 | ନିଜ |
| 72 | 146/17 | 423 | ଶାରଦ ଜଳ ତିନି | 0.0971 | 0.0971 | ନିଜ |
| 73 | 146/16 | 424 | ଶାରଦ ଜଳ ଏକ | 0.1133 | 0.1133 | ନିଜ |
| 74 | 75 | 426 | ଶାରଦ ଜଳ ଏକ | 0.0850 | 0.0850 | ନିଜ |
| 75 | 146/15 | 427 | ଶାରଦ ଜଳ ଏକ | 0.0526 | 0.0526 | ନିଜ |
| 76 | 146/15 | 428 | ଶାରଦ ଜଳ ତିନି | 0.0809 | 0.0809 | ନିଜ |
| 77 | 146/15 | 429 | ଶାରଦ ଜଳ ଏକ | 0.1133 | 0.1133 | ନିଜ |
| 78 | 47 | 431 | ଶାରଦ ଜଳ ଏକ | 0.1174 | 0.1174 | ନିଜ |
| 79 | 146/17 | 432 | ଶାରଦ ଜଳ ଏକ | 0.0769 | 0.0769 | ନିଜ |
| 80 | 146/15 | 433 | ଶାରଦ ଜଳ ଏକ | 0.0971 | 0.0971 | ନିଜ |
| 81 | 51 | 434 | ଶାରଦ ଜଳ ଏକ | 0.1093 | 0.1093 | ନିଜ |
| 82 | 146/43 | 436 | ଶାରଦ ଜଳ ଏକ | 0.2752 | 0.2752 | ନିଜ |
| 83 | 146/43 | 437 | ଶାରଦ ଜଳ ଏକ | 0.1619 | 0.1619 | ନିଜ |
| 84 | 127 | 439 | ଶାରଦ ଜଳ ଏକ | 0.1255 | 0.1255 | ନିଜ |
| 85 | 146/38 | 440 | ଘରବାରି | 0.1093 | 0.1093 | ନିଜ |
| 86 | 127 | 441 | ଶାରଦ ଜଳ ଏକ | 0.5099 | 0.5099 | ନିଜ |
| 87 | 127 | 443 | ଶାରଦ ଜଳ ଦୁଇ | 0.1862 | 0.1862 | ନିଜ |
| 88 | 127 | 444 | ଶାରଦ ଜଳ ଏକ | 0.0971 | 0.0971 | ନିଜ |
| 89 | 127 | 446 | ଶାରଦ ଜଳ ଦୁଇ | 0.1376 | 0.1376 | ନିଜ |
| 90 | 67 | 447 | ଶାରଦ ଜଳ ଦୁଇ | 0.1942 | 0.1942 | ନିଜ |
| 91 | 146/15 | 448 | ଶାରଦ ଜଳ ଏକ | 0.1821 | 0.1821 | ନିଜ |
| 92 | 146/16 | 449 | ଶାରଦ ଜଳ ଏକ | 0.0283 | 0.0283 | ନିଜ |
| 93 | 67 | 450 | ଶାରଦ ଜଳ ଦୁଇ | 0.0809 | 0.0809 | ନିଜ |
| 94 | 67 | 451 | ଶାରଦ ଜଳ ଦୁଇ | 0.1578 | 0.1578 | ନିଜ |
| 95 | 54 | 452 | ଶାରଦ ଜଳ ଦୁଇ | 0.3157 | 0.2104 | ନିଜ |
| 96 | 54 | 454 | ଶାରଦ ଜଳ ଦୁଇ | 0.0688 | 0.0202 | ନିଜ |
| 97 | 110 | 456 | ଶାରଦ ଜଳ ଏକ | 0.1416 | 0.0405 | ନିଜ |
| 98 | 139 | 461 | ଶାରଦ ଜଳ ଦୁଇ | 0.0890 | 0.0890 | ନିଜ |
| 99 | 5 | 462 | ଶାରଦ ଜଳ ଦୁଇ | 0.1538 | 0.1538 | ନିଜ |
| 100 | 139 | 463 | ଶାରଦ ଜଳ ଦୁଇ | 0.3683 | 0.1983 | ନିଜ |
| 101 | 5 | 464 | ଶାରଦ ଜଳ ତିନି | 0.0647 | 0.0647 | ନିଜ |
| 102 | 139 | 465 | ଶାରଦ ଜଳ ଦୁଇ | 0.2023 | 0.2023 | ନିଜ |
| 103 | 92 | 466 | ଶାରଦ ଜଳ ଦୁଇ | 0.2711 | 0.2711 | ନିଜ |
| 104 | 92 | 467 | ଶାରଦ ଜଳ ଦୁଇ | 0.0728 | 0.0728 | ନିଜ |
| 105 | 92 | 468 | ଶାରଦ ଜଳ ତିନି | 0.1781 | 0.1781 | ନିଜ |
| 106 | 42 | 469 | ଶାରଦ ଜଳ ଦୁଇ | 0.0931 | 0.0931 | ନିଜ |
| 107 | 146/4 | 470 | ଶାରଦ ଦୁଇ | 0.0324 | 0.0324 | ନିଜ |
| 108 | 146/4 | 471 | ଶାରଦ ଦୁଇ | 0.0890 | 0.0890 | ନିଜ |
| 109 | 4 | 472 | ଶାରଦ ଜଳ ଦୁଇ | 0.0243 | 0.0243 | ନିଜ |
| 110 | 47 | 473 | ଶାରଦ ଜଳ ଦୁଇ | 0.0567 | 0.0567 | ନିଜ |
| 111 | 4 | 474 | ଶାରଦ ଜଳ ଦୁଇ | 0.1052 | 0.1052 | ନିଜ |
| 112 | 47 | 475 | ଶାରଦ ଜଳ ଦୁଇ | 0.0809 | 0.0809 | ନିଜ |
| 113 | 10 | 476 | ଶାରଦ ଜଳ ଦୁଇ | 0.1457 | 0.1457 | ନିଜ |
| 114 | 32 | 477 | ଶାରଦ ଜଳ ଦୁଇ | 0.3602 | 0.3602 | ନିଜ |
| 115 | 47 | 478 | ଶାରଦ ଜଳ ଦୁଇ | 0.0486 | 0.0486 | ନିଜ |
| 116 | 106 | 479 | ଶାରଦ ଜଳ ଦୁଇ | 0.1335 | 0.1335 | ନିଜ |
| 117 | 92 | 480 | ଶାରଦ ଜଳ ଦୁଇ | 0.3440 | 0.3440 | ନିଜ |
| 118 | 10 | 481 | ଶାରଦ ଜଳ ଦୁଇ | 0.2954 | 0.2954 | ନିଜ |
| 119 | 139 | 482 | ଶାରଦ ଜଳ ଦୁଇ | 0.2185 | 0.2185 | ନିଜ |
| 120 | 143 | 483 | ଶାରଦ ଜଳ ଦୁଇ | 0.0850 | 0.0850 | ନିଜ |
| 121 | 143 | 484 | ଶାରଦ ଜଳ ତିନି | 0.0971 | 0.0971 | ନିଜ |
| 122 | 32 | 485 | ଶାରଦ ଜଳ ଦୁଇ | 0.0728 | 0.0728 | ନିଜ |
| 123 | 10 | 486 | ଶାରଦ ଜଳ ଦୁଇ | 0.0445 | 0.0445 | ନିଜ |
| 124 | 10 | 487 | ଶାରଦ ଜଳ ତିନି | 0.0486 | 0.0486 | ନିଜ |
| 125 | 139 | 493 | ଶାରଦ ଜଳ ଏକ | 1.1412 | 1.1007 | ନିଜ |
| 126 | 61 | 494 | ଶାରଦ ଜଳ ଦୁଇ | 0.0324 | 0.0324 | ନିଜ |
| 127 | 61 | 495 | ଶାରଦ ଜଳ ଦୁଇ | 0.3561 | 0.3561 | ନିଜ |
| 128 | 61 | 496 | ଶାରଦ ଜଳ ଦୁଇ | 0.1700 | 0.1700 | ନିଜ |
| 129 | 139 | 497 | ଶାରଦ ଜଳ ଦୁଇ | 0.2954 | 0.1619 | ନିଜ |
| 130 | 139 | 498 | ଶାରଦ ଜଳ ଦୁଇ | 0.3804 | 0.2752 | ନିଜ |
| 131 | 139 | 499 | ଶାରଦ ଜଳ ଦୁଇ | 0.0647 | 0.0647 | ନିଜ |
| 132 | 139 | 504 | ଶାରଦ ଜଳ ଦୁଇ | 0.1619 | 0.0162 | ନିଜ |
| 133 | 139 | 505 | ଶାରଦ ଜଳ ଦୁଇ | 0.2630 | 0.0405 | ନିଜ |
| 134 | 139 | 506 | ଶାରଦ ଜଳ ଦୁଇ | 0.2388 | 0.0486 | ନିଜ |
| 135 | 139 | 507 | ଶାରଦ ଜଳ ଏକ | 0.0486 | 0.0486 | ନିଜ |
| 136 | 111 | 508 | ଶାରଦ ଜଳ ଦୁଇ | 0.1619 | 0.0688 | ନିଜ |
| 137 | 19 | 514 | ଶାରଦ ଦୁଇ | 0.2023 | 0.0081 | ନିଜ |
| 138 | 62 | 587 | ଶାରଦ ଜଳ ଦୁଇ | 0.1700 | 0.0040 | ନିଜ |
| 139 | 62 | 588 | ଶାରଦ ଜଳ ଦୁଇ | 0.0647 | 0.0647 | ନିଜ |
| 140 | 139 | 590 | ଶାରଦ ଜଳ ଏକ | 0.4775 | 0.4411 | ନିଜ |
| 141 | 139 | 593 | ଘରବାରି | 0.0405 | 0.0405 | ନିଜ |
| 142 | 139 | 594 | ଘରବାରି | 0.0202 | 0.0202 | ନିଜ |
| 143 | 7 | 830 | ଶାରଦ ଜଳ ଏକ | 0.0931 | 0.0931 | ନିଜ |
| 144 | 7 | 831 | ଶାରଦ ଜଳ ଏକ | 0.0526 | 0.0445 | ନିଜ |
| 145 | 77 | 835 | ଶାରଦ ଜଳ ଏକ | 0.2226 | 0.2226 | ନିଜ |
| 146 | 77 | 836 | ଶାରଦ ଜଳ ତିନି | 0.3561 | 0.3561 | ନିଜ |
| 147 | 127 | 438/917 | ଶାରଦ ଦୁଇ | 0.0162 | 0.0162 | ନିଜ |
| 148 | 62 | 589/923 | ଶାରଦ ଦୁଇ | 0.1619 | 0.0647 | ନିଜ |
| 149 | 90 | 454/925 | ଶାରଦ ଜଳ ଏକ | 0.0405 | 0.0162 | ନିଜ |
| 150 | 90 | 452/926 | ଶାରଦ ଜଳ ଏକ | 0.0405 | 0.0405 | ନିଜ |
| 151 | 90 | 452/927 | ଶାରଦ ଜଳ ତିନି | 0.0405 | 0.0405 | ନିଜ |
| 152 | 144 | 317/930 | ଶାରଦ ଦୁଇ | 0.0121 | 0.0121 | ନିଜ |
| 153 | 32 | 483/938 | ଶାରଦ ଜଳ ଦୁଇ | 0.0647 | 0.0647 | ନିଜ |
| 154 | 94 | 414/950 | ଶାରଦ ଜଳ ଏକ | 0.1214 | 0.1174 | ନିଜ |
| 155 | 138 | 414/951 | ଶାରଦ ଜଳ ଏକ | 0.1214 | 0.0162 | ନିଜ |
| 156 | 138 | 415/952 | ଶାରଦ ତିନି | 0.0567 | 0.0486 | ନିଜ |
| 157 | 94 | 415/953 | ଶାରଦ ଜଳ ତିନି | 0.0769 | 0.0769 | ନିଜ |
| 158 | 49 | 397/954 | ଶାରଦ ତିନି | 0.1619 | 0.0607 | ନିଜ |
| 159 | 95 | 411/955 | ଶାରଦ ଜଳ ତିନି | 0.1902 | 0.1902 | ନିଜ |
| 160 | 95 | 469/958 | ଶାରଦ ଦୁଇ | 0.0728 | 0.0728 | ନିଜ |
| 161 | 146/16 | 448/1032 | ଶାରଦ ଜଳ ଏକ | 0.1619 | 0.1619 | ନିଜ |
| 162 | 146/16 | 418/1030 | ଶାରଦ ଜଳ ଦୁଇ | 0.1133 | 0.1133 | ନିଜ |
| 163 | 146/15 | 417/1028 | ଶାରଦ ଜଳ ତିନି | 0.1012 | 0.1012 | ନିଜ |
| 164 | 146/15 | 418/1029 | ଶାରଦ ଜଳ ଦୁଇ | 0.0445 | 0.0445 | ନିଜ |
| 165 | 146/15 | 448/1031 | ଶାରଦ ଜଳ ଏକ | 0.0445 | 0.0445 | ନିଜ |
| 166 | 146/15 | 449/1033 | ଶାରଦ ଜଳ ଏକ | 0.0486 | 0.0486 | ନିଜ |
| 167 | 146/42 | 478/1047 | ଶାରଦ ଜଳ ଦୁଇ | 0.0445 | 0.0445 | ନିଜ |
| ମୋଟ | | | | | 20.9300 | |

ଘ)ମୌଜା : ନୋଧବଣି , ଥାନା : ଗୋରୁ ମହିଷାଣି, ଥାନା ନମ୍ବର. 46, ତହସିଲ : ରାଇରଙ୍ଗପୁର, ଗ୍ରାମୀଣ , ଜିଲ୍ଲା : ମୟୂରଭଞ୍ଜ, ଓଡିଶା

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ କ୍ଷେତ୍ରଫଳ ( ହେକ୍ଟରରେ ) | ଅଧିଗ୍ରହଣ କରାଯାଉଥିବା ଜମିର କ୍ଷେତ୍ରଫଳ( ହେକ୍ଟରରେ ) | ମାଲିକାନା |
|---|---|---|---|---|---|---|
| 1 | 88 | 588 | ଶାରଦ ଦୁଇ | 0.0850 | 0.0688 | ନିଜ |
| 2 | 120 | 589 | ଶାରଦ ତିନି | 0.1497 | 0.1497 | ନିଜ |
| 3 | 10 | 594 | ଶାରଦ ଦୁଇ | 0.4047 | 0.0526 | ନିଜ |
| 4 | 38 | 794 | ଡାହି ଦୁଇ | 0.0647 | 0.0647 | ନିଜ |
| 5 | 38 | 795 | ଡାହି ଦୁଇ | 0.0364 | 0.0364 | ନିଜ |
| 6 | 7 | 798 | ଶାରଦ ଏକ | 0.4613 | 0.2914 | ନିଜ |
| 7 | 80 | 805 | ଶାରଦ ଏକ | 0.0526 | 0.0243 | ନିଜ |
| 8 | 103 | 828 | ଶାରଦ ଏକ | 0.5544 | 0.3966 | ନିଜ |
| 9 | 68 | 830 | ଶାରଦ ଦୁଇ | 0.7122 | 0.1538 | ନିଜ |
| 10 | 57 | 831 | ଶାରଦ ଦୁଇ | 0.1902 | 0.0081 | ନିଜ |
| 11 | 35 | 834 | ଶାରଦ ଦୁଇ | 0.0647 | 0.0607 | ନିଜ |
| 12 | 57 | 835 | ଶାରଦ ଦୁଇ | 0.0931 | 0.0850 | ନିଜ |
| 13 | 57 | 836 | ଡାହି ଦୁଇ | 0.0445 | 0.0283 | ନିଜ |
| 14 | 35 | 838 | ଡାହି ଦୁଇ | 0.0202 | 0.0202 | ନିଜ |
| 15 | 57 | 839 | ଡାହି ଦୁଇ | 0.0243 | 0.0243 | ନିଜ |
| 16 | 35 | 840 | ଶାରଦ ଦୁଇ | 0.6515 | 0.2509 | ନିଜ |
| 17 | 57 | 841 | ଜଳାଶୟ ଦୁଇ | 0.0364 | 0.0364 | ନିଜ |
| 18 | 68 | 846 | ଶାରଦ ତିନି | 0.1821 | 0.0728 | ନିଜ |
| 19 | 68 | 847 | ଶାରଦ ଦୁଇ | 0.0647 | 0.0647 | ନିଜ |
| 20 | 68 | 848 | ଶାରଦ ତିନି | 0.1093 | 0.1093 | ନିଜ |
| 21 | 57 | 851 | ଶାରଦ ଏକ | 0.4047 | 0.0647 | ନିଜ |
| 22 | 103 | 852 | ଶାରଦ ଦୁଇ | 0.0364 | 0.0364 | ନିଜ |
| 23 | 51 | 854 | ଶାରଦ ଦୁଇ | 0.0486 | 0.0405 | ନିଜ |
| 24 | 51 | 855 | ଶାରଦ ଦୁଇ | 0.0121 | 0.0081 | ନିଜ |
| 25 | 51 | 856 | ଡାହି ଦୁଇ | 0.0890 | 0.0243 | ନିଜ |
| 26 | 116 | 857 | ଡାହି ଦୁଇ | 0.0688 | 0.0202 | ନିଜ |
| 27 | 103 | 858 | ଡାହି ଦୁଇ | 0.1012 | 0.1012 | ନିଜ |
| 28 | 103 | 859 | ଶାରଦ ଦୁଇ | 0.0162 | 0.0162 | ନିଜ |
| 29 | 116 | 860 | ଶାରଦ ଦୁଇ | 0.0688 | 0.0688 | ନିଜ |
| 30 | 32 | 861 | ଶାରଦ ଏକ | 0.0202 | 0.0202 | ନିଜ |
| 31 | 116 | 862 | ଶାରଦ ଦୁଇ | 0.0486 | 0.0486 | ନିଜ |
| 32 | 101 | 863 | ଶାରଦ ଦୁଇ | 0.0647 | 0.0647 | ନିଜ |
| 33 | 103 | 865 | ଶାରଦ ଦୁଇ | 0.0202 | 0.0202 | ନିଜ |
| 34 | 51 | 866 | ଶାରଦ ଦୁଇ | 0.1214 | 0.1052 | ନିଜ |
| 35 | 9 | 884 | ଶାରଦ ଦୁଇ | 0.0688 | 0.0526 | ନିଜ |
| 36 | 103 | 887 | ଶାରଦ ଦୁଇ | 0.2064 | 0.1942 | ନିଜ |
| 37 | 103 | 888 | ଶାରଦ ଦୁଇ | 0.1619 | 0.1578 | ନିଜ |
| 38 | 35 | 890 | ଶାରଦ ଏକ | 0.2266 | 0.0283 | ନିଜ |
| 39 | 46 | 891 | ଶାରଦ ଏକ | 0.2873 | 0.0688 | ନିଜ |
| 40 | 57 | 899 | ଶାରଦ ଏକ | 0.5301 | 0.0040 | ନିଜ |
| 41 | 68 | 843/940 | ଶାରଦ ଦୁଇ | 0.0931 | 0.0567 | ନିଜ |
| 42 | 101 | 863/1025 | ଘରବାରି | 0.0405 | 0.0405 | ନିଜ |
| 43 | 88 | 856/983 | ଡାହି ଦୁଇ | 0.0647 | 0.0283 | ନିଜ |
| 44 | 116 | 588/987 | ଶାରଦ ଦୁଇ | 0.0850 | 0.0040 | ନିଜ |
| ମୋଟ | | | | | 3.2735 | |

ଙ) ମୌଜା : ତୁଳସିବଣି , ଥାନା : ରାଇରଙ୍ଗପୁର,ଥାନା ନମ୍ବର 103,ତହସିଲ: ରାଇରଙ୍ଗପୁର ,ଗ୍ରାମୀଣ , ଜିଲ୍ଲା : ମୟୂରଭଞ୍ଜ ,ଓଡିଶା

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ କ୍ଷେତ୍ରଫଳ ( ହେକ୍ଟରରେ ) | ଅଧିଗ୍ରହଣ କରାଯାଉଥିବା ଜମିର କ୍ଷେତ୍ରଫଳ( ହେକ୍ଟରରେ ) | ମାଲିକାନା |
|---|---|---|---|---|---|---|
| 1 | 15 | 444 | ଶାରଦ ଏକ | 0.1093 | 0.1093 | ନିଜ |
| 2 | 80 | 447 | ଶାରଦ ଦୁଇ | 0.1457 | 0.1457 | ନିଜ |
| 3 | 15 | 446 | ଶାରଦ ଦୁଇ | 0.0202 | 0.0202 | ନିଜ |
| 4 | 15 | 444/570 | ଶାରଦ ଏକ | 0.0121 | 0.0121 | ନିଜ |
| 5 | 24 | 439 | ଶାରଦ ଜଳ ଦୁଇ | 0.7689 | 0.5585 | ନିଜ |
| 6 | 24 | 439/603 | ଶାରଦ ଜଳ ଦୁଇ | 0.0486 | 0.0202 | ନିଜ |
| 7 | 73 | 409 | ରାସ୍ତା | 0.0647 | 0.0647 | ନିଜ |
| 8 | 73 | 398 | ଶାରଦ ଜଳ ଦୁଇ | 1.0481 | 1.0481 | ନିଜ |
| 9 | 21 | 421 | ଶାରଦ ଦୁଇ | 0.1497 | 0.0243 | ନିଜ |
| 10 | 21 | 441 | ଶାରଦ ଜଳ ତିନି | 0.0728 | 0.0728 | ନିଜ |
| 11 | 21 | 442 | ଶାରଦ ଜଳ ତିନି | 0.0486 | 0.0486 | ନିଜ |
| 12 | 21 | 443 | ଶାରଦ ଜଳ ଦୁଇ | 0.0202 | 0.0202 | ନିଜ |
| 13 | 21 | 442/578 | ଶାରଦ ଜଳ ତିନି | 0.0162 | 0.0162 | ନିଜ |
| 14 | 80 | 460 | ଶାରଦ ଜଳ ତିନି | 0.2752 | 0.2145 | ନିଜ |
| 15 | 71 | 458 | ଶାରଦ ଜଳ ଦୁଇ | 0.0647 | 0.0647 | ନିଜ |
| 16 | 84 | 466 | ଶାରଦ ଦୁଇ | 0.2711 | 0.1538 | ନିଜ |
| 17 | 71 | 457 | ଶାରଦ ଦୁଇ | 0.1578 | 0.1578 | ନିଜ |
| 18 | 80 | 469 | ଶାରଦ ତିନି | 0.0567 | 0.0486 | ନିଜ |
| 19 | 80 | 470 | ଶାରଦ ଦୁଇ | 0.0243 | 0.0121 | ନିଜ |
| 20 | 80 | 451 | ଶାରଦ ଦୁଇ | 0.1052 | 0.1052 | ନିଜ |
| 21 | 80 | 456 | ଶାରଦ ଦୁଇ | 0.1538 | 0.1052 | ନିଜ |
| 22 | 80 | 467 | ଶାରଦ ଦୁଇ | 0.0405 | 0.0405 | ନିଜ |
| 23 | 30 | 468 | ଶାରଦ ଦୁଇ | 0.1295 | 0.1295 | ନିଜ |
| 24 | 8 | 403 | ଶାରଦ ଜଳ ତିନି | 0.0688 | 0.0364 | ନିଜ |
| 25 | 30 | 404 | ଶାରଦ ଜଳ ଦୁଇ | 0.1659 | 0.1497 | ନିଜ |
| 26 | 24 | 406 | ଶାରଦ ଦୁଇ | 0.0364 | 0.0364 | ନିଜ |
| 27 | 24 | 408 | ଶାରଦ ଜଳ ତିନି | 0.4492 | 0.4492 | ନିଜ |
| 28 | 24 | 408/601 | ଶାରଦ ଜଳ ତିନି | 0.0243 | 0.0243 | ନିଜ |
| 29 | 73 | 397 | ଶାରଦ ଜଳ ଦୁଇ | 0.2550 | 0.2550 | ନିଜ |
| 30 | 16 | 407 | ଘରବାରି | 0.1093 | 0.1093 | ନିଜ |
| 31 | 80 | 448 | ଶାରଦ ଦୁଇ | 0.1902 | 0.1902 | ନିଜ |
| 32 | 30 | 411 | ଶାରଦ ଜଳ ଦୁଇ | 0.0121 | 0.0121 | ନିଜ |
| 33 | 15 | 412 | ଶାରଦ ଜଳ ଦୁଇ | 0.1255 | 0.1255 | ନିଜ |
| 34 | 15 | 414 | ଶାରଦ ଜଳ ଦୁଇ | 0.1012 | 0.1012 | ନିଜ |
| 35 | 21 | 419 | ଶାରଦ ଜଳ ଦୁଇ | 0.0607 | 0.0526 | ନିଜ |
| 36 | 30 | 410 | ଶାରଦ ଜଳ ଦୁଇ | 0.1659 | 0.1659 | ନିଜ |
| 37 | 15 | 416 | ଶାରଦ ଜଳ ଦୁଇ | 0.0445 | 0.0445 | ନିଜ |
| 38 | 30 | 417 | ଶାରଦ ଜଳ ଦୁଇ | 0.0243 | 0.0243 | ନିଜ |
| ମୋଟ | | | | | 4.9694 | |

ଚ) ମୌଜା : ଗଣ୍ଡିଦା , ଥାନା : ରାଇରଙ୍ଗପୁର,ଥାନା ନମ୍ବର . 107,ତହସିଲ : ରାଇରଙ୍ଗପୁର,ଗ୍ରାମୀଣ , ଜିଲ୍ଲା : ମୟୂରଭଞ୍ଜ,ଓଡିଶା

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ କ୍ଷେତ୍ରଫଳ ( ହେକ୍ଟରରେ ) | ଅଧିଗ୍ରହଣ କରାଯାଉଥିବା ଜମିର କ୍ଷେତ୍ରଫଳ( ହେକ୍ଟରରେ ) | ମାଲିକାନା |
|---|---|---|---|---|---|---|
| 1 | 165 | 890 | ଶାରଦ ଜଳ ତିନି | 0.0688 | 0.0202 | ନିଜ |
| 2 | 89 | 891 | ଶାରଦ ଜଳ ତିନି | 0.0809 | 0.0728 | ନିଜ |
| 3 | 90 | 892 | ଶାରଦ ଜଳ ତିନି | 0.0486 | 0.0486 | ନିଜ |
| 4 | 47 | 893 | ଶାରଦ ଜଳ ତିନି | 0.0243 | 0.0243 | ନିଜ |
| 5 | 168 | 894 | ଶାରଦ ଜଳ ତିନି | 0.5180 | 0.5059 | ନିଜ |
| 6 | 67 | 895 | ଡାହି ଦୁଇ | 0.0081 | 0.0081 | ନିଜ |
| 7 | 135 | 896 | ଶାରଦ ଦୁଇ | 0.2671 | 0.0486 | ନିଜ |
| 8 | 141 | 901 | ଶାରଦ ଜଳ ଦୁଇ | 0.1295 | 0.0890 | ନିଜ |
| 9 | 128 | 902 | ଶାରଦ ଜଳ ଦୁଇ | 0.1902 | 0.1012 | ନିଜ |
| 10 | 92 | 903 | ଶାରଦ ଦୁଇ | 0.2428 | 0.2428 | ନିଜ |
| 11 | 136 | 905 | ଶାରଦ ଜଳ ଦୁଇ | 0.1052 | 0.0769 | ନିଜ |
| 12 | 122 | 906 | ଶାରଦ ଜଳ ଦୁଇ | 0.2711 | 0.2104 | ନିଜ |
| 13 | 168/71 | 929/1248 | ଶାରଦ ଏକ | 0.2226 | 0.2226 | ନିଜ |
| 14 | 168/72 | 929/1249 | ଶାରଦ ଏକ | 0.1214 | 0.1133 | ନିଜ |
| 15 | 168/73 | 929/1251 | ଶାରଦ ଏକ | 0.1821 | 0.0364 | ନିଜ |
| 16 | 168/74 | 929/1253 | ଶାରଦ ଏକ | 0.0324 | 0.0324 | ନିଜ |
| 17 | 168/75 | 929/1256 | ଶାରଦ ଏକ | 0.0324 | 0.0081 | ନିଜ |
| 18 | 168/76 | 929/1259 | ଶାରଦ ଏକ | 0.0607 | 0.0607 | ନିଜ |
| 19 | 168/78 | 929 | ଶାରଦ ଏକ | 0.1416 | 0.1416 | ନିଜ |
| 20 | 168/77 | 929/1261 | ଶାରଦ ଏକ | 0.1416 | 0.1416 | ନିଜ |
| 21 | 168/77 | 908 | ଶାରଦ ଜଳ ଏକ | 0.4532 | 0.0121 | ନିଜ |
| 22 | 168/71 | 909 | ଶାରଦ ଜଳ ତିନି | 0.2185 | 0.0081 | ନିଜ |
| 23 | 109 | 911 | ଶାରଦ ଦୁଇ | 0.0769 | 0.0526 | ନିଜ |
| 24 | 168/85 | 922/1272 | ଶାରଦ ଦୁଇ | 0.2792 | 0.1619 | ନିଜ |
| 25 | 168/88 | 922 | ଶାରଦ ଦୁଇ | 0.7122 | 0.0890 | ନିଜ |
| 26 | 164 | 923 | ଶାରଦ ଏକ | 0.2995 | 0.2185 | ନିଜ |
| 27 | 128 | 925 | ଶାରଦ ଏକ | 0.0971 | 0.0324 | ନିଜ |
| 28 | 89 | 926 | ଶାରଦ ଏକ | 0.2185 | 0.2185 | ନିଜ |
| 29 | 124 | 927 | ଶାରଦ ଏକ | 0.4128 | 0.2266 | ନିଜ |
| 30 | 124 | 928 | ଶାରଦ ଏକ | 0.2873 | 0.2792 | ନିଜ |
| 31 | 168/19 | 937/1126 | ଶାରଦ ଏକ | 0.1335 | 0.1335 | ନିଜ |
| 32 | 168/3 | 937/1123 | ଶାରଦ ଏକ | 0.2347 | 0.2347 | ନିଜ |
| 33 | 168/18 | 937/1127 | ଶାରଦ ଏକ | 0.1335 | 0.1335 | ନିଜ |
| 34 | 168/8 | 930/1109 | ଶାରଦ ଏକ | 0.0931 | 0.0486 | ନିଜ |
| 35 | 168/62 | 930 | ଶାରଦ ଏକ | 0.0931 | 0.0324 | ନିଜ |
| 36 | 140 | 931 | ଶାରଦ ଏକ | 0.4047 | 0.0364 | ନିଜ |
| 37 | 4 | 937 | ଶାରଦ ଏକ | 0.1295 | 0.0971 | ନିଜ |
| 38 | 90 | 891/1041 | ଶାରଦ ଜଳ ତିନି | 0.0809 | 0.0809 | ନିଜ |
| 39 | 90 | 926/1042 | ଶାରଦ ଏକ | 0.0405 | 0.0405 | ନିଜ |
| 40 | 90 | 926/1043 | ଶାରଦ ଏକ | 0.0405 | 0.0405 | ନିଜ |
| 41 | 161 | 896/1045 | ଶାରଦ ଜଳ ଦୁଇ | 0.2995 | 0.0769 | ନିଜ |
| 42 | 138 | 893/1054 | ଶାରଦ ଜଳ ତିନି | 0.0243 | 0.0243 | ନିଜ |
| 43 | 113 | 931/1096 | ଶାରଦ ଏକ | 0.4168 | 0.2023 | ନିଜ |
| ମୋଟ | | | | | 4.6860 | |

### ମୋହନ ସାହି ପ୍ରାଥମିକ ବିଦ୍ୟାଳୟ

# ଶ୍ରେଣୀ ଗୃହ ଜରାଜୀର୍ଣ୍ଣ, ବିପଦରେ ଛାତ୍ରଛାତ୍ରୀଙ୍କ ଜୀବନ

ରାସଗୋବିନ୍ଦପୁର, ୨୬।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ କାନପୁର ଗ୍ରାମର ମୋହନ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଜରାଜୀର୍ଣ୍ଣ ହୋଇପଡ଼ିଛି । କେତେବେଳେ ଯେ ଭୁଶୁଡ଼ି ପଡ଼ିବ, ତାହା କହିବା ମୁସ୍କିଲ । ଏଭଳି ବିପଦସଙ୍କୁଳ ପରିବେଶ ମଧ୍ୟରେ କୁନିକୁନି ପିଲାଙ୍କୁ ନେଇ ପାଠପଢ଼ା ଚାଲିଛି । ଶୌଚାଳୟର ଅବସ୍ଥା ମଧ୍ୟ ଦୟନୀୟ। ବିଦ୍ୟାଳୟ ପରିସର ଘାସବନରେ ପରିଣତ ହୋଇଥିବାରୁ ସରୀସୃପଙ୍କ ଭୟ ଲାଗି ରହିଛି । ଉକ୍ତ ବିଦ୍ୟାଳୟକୁ ସରାସରି ମରାମତି କରାଯିବାକୁ ପୂର୍ବରୁ ଦାବି ହୋଇଆସୁଥିବାବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି ।

■ ଛାତ ଦୁର୍ବଳ, ହେଲାନି ମରାମତି
■ ଶ୍ରେଣୀ ଗୃହ ଅଭାବ, ନାହାନ୍ତି ଆବଶ୍ୟକ ଶିକ୍ଷକ

ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏତେ ସଂଖ୍ୟକ ପିଲାଙ୍କ ପାଇଁ ମାତ୍ର ଦୁଇଜଣ ଶିକ୍ଷୟିତ୍ରୀ ଅଛନ୍ତି । ତା'ଠାରୁ ବଡ଼ ସମସ୍ୟା ହେଉଛି ଶ୍ରେଣୀଗୃହ ଅଭାବ । ଫଳରେ ଏକାଧିକ ଶ୍ରେଣୀର ପିଲାଙ୍କୁ ଏକାଠି ବସାଇ ପାଠ ପଢ଼ାଇବାକୁ ପଡୁଛି । ବିଦ୍ୟାଳୟ ଗୃହର ଅବସ୍ଥା ମଧ୍ୟ ଶୋଚନୀୟ। ଅନେକ ଝରକା ଠିକ୍ ଭାବେ ଖୋଲୁନାହିଁ,






ଖୋଲିଲେ ପୁଣି ବନ୍ଦ କରିବା କଷ୍ଟକର ହେଉଛି । ବର୍ଷା ଓ ବାତ୍ୟା ସମୟରେ ଭୁଶୁଡ଼ି ଯିବାର ଗମ୍ଭୀର ଆଶଙ୍କା ରହିଛି । ସ୍ଥାନୀୟଲୋକଙ୍କ କହିବାଅନୁସାରେ, ବିପର୍ଯ୍ୟୟସମୟରେ ଗ୍ରାମବାସୀ ମଧ୍ୟ ଏହି ବିଦ୍ୟାଳୟରେ ଆଶ୍ରୟ ନେଇଥା'ନ୍ତି । ତେଣୁ ବିଦ୍ୟାଳୟର ଦୁର୍ବଳ ଭିତ୍ତିଭୂମି କେବଳ ଛାତ୍ରଛାତ୍ରୀ ନୁହେଁ, ଗ୍ରାମବାସୀଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି ।

ପ୍ରଧାନଶିକ୍ଷୟିତ୍ରୀଙ୍କ କାର୍ଯ୍ୟାଳୟ ଗୃହ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଫଳରେ ସେ ବାଧ ହୋଇ ବାରଣ୍ଡାରେ ବସି ଅଫିସ କାମ ସହ ପାଠପଢ଼ା ସମ୍ପର୍କିତ କାମ କରୁଛନ୍ତି । ଅନ୍ୟପଟରେ ବିଦ୍ୟାଳୟର ରୋଷେଇ ଘରର ଛାତରୁ ପାଣି ଗଳୁଥିବାରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ରୋଷେଇଆଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ନେଇ ରୋଷେଇଆ ନିଜ ଅସୁବିଧା ପ୍ରକାଶ କରିଛନ୍ତି । ବିଦ୍ୟାଳୟର ଏଭଳି ଅବସ୍ଥା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି । ଏପରିକି ବିଭାଗୀୟ ଯନ୍ତ୍ରୀ ୮ ଦିନ ମଧ୍ୟରେ ମରାମତି କାମ କରାଯିବ ବୋଲି କହିଥିବା ସତ୍ତ୍ୱେ ଏହାରି ମଧ୍ୟରେ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି । ହେଲେ ଏଯାଏଁ ମରାମତି କାମ ଆରମ୍ଭ ହୋଇନଥିବାରୁ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ବିଦ୍ୟାଳୟଟି ନାକିଚୁଆ ସରପଞ୍ଚଙ୍କ ନିଜ ଗାଁ ଓ ସାହିରେ ଅବସ୍ଥିତ ହୋଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହେଉ ନ ଥିବା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଉଛନ୍ତି । ବିଦ୍ୟାଳୟର ଦୁର୍ବଳ ଛାତ, ଅସୁରକ୍ଷିତ ଘର, ଅପରିଚ୍ଛନ୍ନ ପରିବେଶ ଓ ରୋଷେଇ ଘରର ସମସ୍ୟାକୁ ତୁରନ୍ତ ଦୂର କରିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ବୁଦ୍ଧିଜୀବୀ ଓ ଅଭିଭାବକ ଦାବି କରିଛନ୍ତି । କୌଣସି ଅଘଟଣ ଘଟିବା ପୂର୍ବରୁ ଶିକ୍ଷା ବିଭାଗ ଓ ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ବିଦ୍ୟାଳୟର ଭିତ୍ତିଭୂମି ମରାମତି ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବା ଜରୁରୀ ହୋଇପଡ଼ିଛି ।

## ଭୁଶୁଡ଼ିଲା ଦୁଇ ବଖରା ଖପର ଘର



ମହୁଲଡିହା, ୨୬।୯ (ସମିସ): ଲଘୁଚାପଜନିତ ଲଗାଣ ବର୍ଷାରେ ଏବେ ଜନଜୀବନ ଅସ୍ତବ୍ୟସ୍ତ । ଅବିଶ୍ରାନ୍ତ ଦିନରାତି ବର୍ଷା ଯୋଗୁଁ ଦୁର୍ବଳ ଘରକ ପ୍ରତି ବିପଦ ବଢ଼ିବାରେ ଲାଗିଛି । ଏଭଳି ଅଘଟଣ ଘଟିଛି ଠାକୁରମୁଣ୍ଡା ତହସିଲ ଅଧୀନରେ ଥିବା ସାତକୋଶିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ମହୁଲଡିହା ପଞ୍ଚାୟତର ମହୁଲଡିହା ଗ୍ରାମରେ । ଲଗାଣ ବର୍ଷାରେ ମାଳତୀ ମହାନ୍ତଙ୍କ ଦୁଇ ବଖରା ଖପର ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ତେବେ ଏହି ସମୟରେ ପରିବାର ସଦସ୍ୟ ବାହାରେ ଥିବାରୁ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି । ମାଳତୀଙ୍କ ପରିବାର ଘର ବାହାରେ କୌଣସି କାମରେ ବ୍ୟସ୍ତ ଥିବା ସମୟରେ ହଠାତ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଫଳରେ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା । ମାଳତୀଙ୍କ କହିଛନ୍ତି, ଆବାସ ଯୋଜନାରେ ତାଙ୍କ ପରିବାରରେ ଘର ମିଳିନାହିଁ । ସେ ଅନଲାଇନରେ ଆବାସ ଆବେଦନ କରିଥିଲେ ଓ ତାଲିକାରେ ନାମ ମଧ୍ୟ ରହିଛି । ତେବେ ଏ ପର୍ଯ୍ୟନ୍ତ ତାଙ୍କ ନାମରେ ୱାର୍କ ଅର୍ଡର ମିଳିନାହିଁ । ତାଙ୍କୁ ଆବାସ ଯୋଗାଇ ଦେବାକୁ ଦାବି ହେଉଛି ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକ ଗୁରୁତର



ରାଇରଙ୍ଗପୁର, ୨୬।୯ (ସମିସ): ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଅଁଳାଡୁବାଠାରେ ଯୁବକଙ୍କୁ ଆକ୍ରମଣ କରାଯାଇଥିଲା । ଆକ୍ରମଣର ଶିକାର ଯୁବକ ଅଁଳାଡୁବା ଗ୍ରାମର ଅଞ୍ଜୟ ପରିଡ଼ା । ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଅଞ୍ଜୟ ପରିଡ଼ା ଲିଖିତ ଅଭିଯୋଗ କରିବାରୁ ରାଇରଙ୍ଗପୁର ଟାଉନ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଖୋଜୁଛି । ଅଞ୍ଜୟ ପରିଡ଼ା ଚାଲି ଚାଲି ନିଜ ଦୋକାନକୁ ଯାଉଥିବା ସମୟରେ ଦିନ ପ୍ରାୟ ୩ଟା ସମୟରେ ହଠାତ ସେହି ଅଁଳାଡୁବାର ସୁମିତ ଦାସ ଏକ ଲୁହା ଫାଇବର ସାହାଯ୍ୟରେ ଅଞ୍ଜୟଙ୍କ ମୁଣ୍ଡ, କାନ ଓ ମୁହଁକୁ ମାରି ଫଟାଇ ଦେଇ ରକ୍ତାକ୍ତ କରି ଦେଇଥିଲେ । ପରେ ଅଞ୍ଜୟଙ୍କୁ ଟଣା ଘୋଷରା କରି ପକେଟ୍‌ରୁ ୫୦୦୦ ଟଙ୍କା ଲୁଟି ନେଇଥିଲେ । ସେ କୌଣସି ମତେ ଜୀବନ ବଞ୍ଚାଇ ସେଠାରୁ ପଳାଇ ଆସି ମେଡିକାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ମୁଣ୍ଡରେ ୬ରୁ ୮ଟି ଷ୍ଟିଚ ପଡ଼ିଥିବା ଜଣାପଡ଼ିଛି । ଦୁର୍ବୃତ୍ତଙ୍କ ବିରୁଦ୍ଧରେ ରାଇରଙ୍ଗପୁର ଟାଉନ ଥାନା ପୁଲିସ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଦେଖିବାକୁ ବାକି ରହିଲା ।

## ଶ୍ରୀସତ୍ୟସାଇ ଦିବ୍ୟ ପ୍ରେମବାହିନୀ ରଥକୁ ସ୍ୱାଗତ

ବାରିପଦା, ୨୬।୯ (ସମିସ): ଶ୍ରୀସତ୍ୟସାଇ ବାବାଙ୍କର ପ୍ରେମ, ଶାନ୍ତି ଓ ସେବାର ବାର୍ତ୍ତା ନେଇ ସମଗ୍ର ଭାରତବର୍ଷ ପରିକ୍ରମା କରୁଥିବା ଦିବ୍ୟ ପ୍ରେମବାହିନୀ ରଥଯାତ୍ରା ତିନିଦିନ ଧରି ମୟୂରଭଞ୍ଜ ଜିଲ୍ଲାର ୧୦ଟି ସମିତି ପରିକ୍ରମା କରିଛି । ବାଲେଶ୍ୱର ଜିଲ୍ଲା ପରିକ୍ରମା ସାରି ଅମର୍ଦ୍ଦାରୋଡରେ ମୟୂରଭଞ୍ଜ ଜିଲ୍ଲା ଶ୍ରୀସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇ ପାଛୋଟି ନିଆଯାଇଥିଲା । ପରେ ତିନିଦିନ ଧରି ମୟୂରଭଞ୍ଜ ଜିଲ୍ଲା ପରିକ୍ରମା ଅବସରରେ ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ସଂଯୋଜକ ଅମ୍ବିକା ପ୍ରସାଦ ମହାନ୍ତି, ଆବାହକ ମାନସ ମହାପାତ୍ର, ସନ୍ଦୀପ ଆଚାର୍ଯ୍ୟ, ଭାଗ୍ୟଧର ନନ୍ଦ, ରାହାସବିହାରୀ ଦାସ, ତାପସ ମହାପାତ୍ର, ଦେବାଶିଷ ମହାପାତ୍ର, ମାନସ ଦାସ, ରୂପେଶ ମହାନ୍ତି, ସତ୍ୟବ୍ରତ ଜେନା, ରାଘବେନ୍ଦ୍ର ରାମ, ସଞ୍ଜୟ ମହାନ୍ତି, ଲିଟୁ ମହାନ୍ତ, କଳ୍ପନା ମହାନ୍ତି, ସସ୍ମିତା ମହାପାତ୍ର, ମିନାକ୍ଷୀ ମହାପାତ୍ର ଓ ସତ୍ୟବତୀ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିକ୍ରମା ସାରିବା ପରେ କେନ୍ଦୁଝର ଜିଲ୍ଲା ପ୍ରବେଶ କରିବା ଅବସରରେ ତୁରମୁଙ୍ଗାଠାରେ ମୟୂରଭଞ୍ଜ ଜିଲ୍ଲା ସଂଗଠନର ଜିଲ୍ଲା ସଭାପତି ଶ୍ରୀ ସାହୁଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲା ସଙ୍ଗଠନର ସଭାପତି ରାଜେନ୍ଦ୍ର ବାରିକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏପ୍ରିଲ ୨୪ ତାରିଖରେ ଆରାଧନା ମହୋତ୍ସବରେ ପୁଟ୍ଟପର୍ତିଠାରୁ ଆରମ୍ଭ ହୋଇଥିବା ୫ଟି ଦିବ୍ୟ ପ୍ରେମବାହିନୀ ରଥ ମଧ୍ୟରୁ ପୂର୍ବ ପ୍ରାନ୍ତକୁ ଆସିଥିବା ରଥଟି ଓଡ଼ିଶା ରାଜ୍ୟରେ ପରିକ୍ରମା ସାରି ଆଗାମୀ ନଭେମ୍ବର ୨୩ରେ ସତ୍ୟସାଇ ବାବାଙ୍କ ଜନ୍ମଦିନରେ ପ୍ରଶାନ୍ତି ନିଲୟମଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ।

## ସରସ୍ୱତୀ ଶିଶୁମନ୍ଦିରରେ ନମାମୀ ଭାରତମ୍ କାର୍ଯ୍ୟକ୍ରମ



ବୈଶିଙ୍ଗା, ୨୬।୯ (ସମିସ): ବୈଶିଙ୍ଗା ଉପକଣ୍ଠ ବରଦାବିହାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ 'ନମାମୀ ଭାରତମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା କଳ୍ପଲତା ହାଜରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବୋତ୍ତର ସମ୍ଭାଗର ବିଦ୍ୟୁତ ପରିଷଦ ବିଭାଗ ସମ୍ପାଦକ ଶରତ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା କମିଟି ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଓ କୋଷାଧ୍ୟକ୍ଷ ସରୋଜ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଭାରତମାତାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ, ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପରେ ଅତିଥି, ଛାତ୍ରଛାତ୍ରୀ ଓ ଗୁରୁଜୀ-ଗୁରୁମା ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିଥିଲେ । ଏ ଅବସରରେ ମୁଖ୍ୟଅତିଥି ଶ୍ରୀ ମଲ୍ଲିକ କହିଥିଲେ, ଯୁବପିଢ଼ିଙ୍କ ମନରେ ଦେଶପ୍ରେମ, ଶୃଙ୍ଖଳା, ସଚ୍ଚୋଟତା, ପରିଶ୍ରମ, ସେବା ଓ ଦାୟିତ୍ୱବୋଧ ଜାଗ୍ରତ କରିବା ସମସ୍ତଙ୍କ ଦାୟିତ୍ୱ । 'ବନ୍ଦେ ମାତରମ୍' ଗାନ କେବଳ ସ୍ୱରର ସମନ୍ୱୟ ନୁହେଁ, ବରଂ ହୃଦୟକୁ ଏକତାର ସୂତ୍ରରେ ବାନ୍ଧିବାର ଏକ ପ୍ରେରଣା ବୋଲି ସେ ପ୍ରକାଶ କରିଥିଲେ । ପରିଶେଷରେ ଗୁରୁଜୀ ଅକ୍ଷୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଆରଏମ୍‌ରେ ବିଶ୍ୱ ଫାର୍ମାସିଷ୍ଟ ଦିବସ




ବାରିପଦା, ୨୬।୯ (ସମିସ): ବିଶ୍ୱ ଫାର୍ମାସିଷ୍ଟ ଦିବସ ପିଆରଏମ୍ ମେଡିକାଲ୍ କଲେଜରେ ଅଧୀକ୍ଷକ ପ୍ରଫେସର ରିତାଞ୍ଜଳି ବେହେରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏଥିରେ ହସ୍ପିଟାଲର ସମସ୍ତ ଫାର୍ମାସୀ ଅଧିକାରୀ ଯୋଗ ଦେଇଥିଲେ । ପ୍ରାରମ୍ଭିକ ଅଭିଭାଷଣରେ ବରିଷ୍ଠ ଫାର୍ମାସୀ ଅଧିକାରୀ ମନୋଜ କୁମାର ଦାଶ ଦିବସ ପାଳନର ତାତ୍ପର୍ଯ୍ୟ ଦର୍ଶାଇ ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବୃତ୍ତିଗତ ଦକ୍ଷତା ବିକାଶ ପାଇଁ ସମୟ ଉପଯୋଗୀ ତାଲିମ ବ୍ୟବସ୍ଥା ପାଇଁ ସରକାରଙ୍କ ନିକଟରେ ଦାବି ରଖିଥିଲେ । ବରିଷ୍ଠ ଫାର୍ମାସୀ ଅଧିକାରୀ ଚିତ୍ତରଞ୍ଜନ ମହାନ୍ତ ସମସ୍ତେ ମିଶି ସରକାରଙ୍କ ନିରାମୟ ଯୋଜନାକୁ ସଫଳତାର ସହ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟଙ୍କ ଦରମା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଦାବି ସହୃଦୟତାର ସହ ପିଆରଏମ ମେଡିକାଲରେ ଉତ୍ତମ ରୋଗୀ ସେବା ଯୋଗାଇବା ପାଇଁ ବିଚାର କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ । ପ୍ରଫେସର ରୀତାଞ୍ଜଳି ବେହେରା ସମସ୍ତ ଫାର୍ମାସୀ ଅଧିକାରୀଙ୍କୁ ନିଷ୍ଠାର ସହ ମିଳିତ ଭାବେ ରୋଗୀ ସେବାକୁ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ନିଜ ନିଜ ଦାୟିତ୍ୱକୁ ଠିକ୍ ଭାବେ କରିବାକୁ ଉପଦେଶ ଦେଇଥିଲେ । ଏ ଅବସରରେ ସମସ୍ତ ଫାର୍ମାସୀ ଅଧିକାରୀ ପିଆରଏମ ମେଡିକାଲରେ ଉନ୍ନତ ସେବା ଯୋଗାଇବା ନେଇ ଶପଥ ନେଇଥିଲେ ।

## ପ୍ରଜ୍ଞାନ ମିଶନ ଗୀତା ପ୍ରତିଯୋଗିତା



ବାଙ୍ଗିରିପୋଷି, ୨୬।୯ (ସମିସ): ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟାଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ପ୍ରଜ୍ଞାନ ମିଶନ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩ଟି ବିଦ୍ୟାଳୟ ଭାଗ ନେଇଥିଲେ । ଅବସରପ୍ରାପ୍ତ ସିଡିଏମଓ ଶ୍ରୀମତୀ ପ୍ରୀତିସୁଧା ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟକ୍ଷା ପୁଷ୍ପା ପାତ୍ର, କାର୍ଯ୍ୟରତ ପ୍ରିନ୍ସପାଲ ଏସ୍‌ଭିଏସ୍ ବାରିପଦା ବୀଣାପାଣି ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ପ୍ରଭାସିନୀ ନନ୍ଦି ଅତିଥିଙ୍କ ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ୪୮ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାର ଗ୍ରୁପ୍-ଇରେ ୩ ଜଣ ଶିଶୁ ଗୀତାଞ୍ଜଳି ରଣା, ହର୍ଷିତା ମହାନ୍ତ, ଯଶୋସ୍ମିତା ନନ୍ଦ, ଗ୍ରୁପ-ଈରେ ୩ ଜଣ ଶିଶୁ ମୋନାଲି ମହାନ୍ତ, ତରୁଣ ପ୍ରସାଦ ଗିରି, ଗୁଞ୍ଜନ ମହାନ୍ତ ଓ ଗ୍ରୁପ୍-ଉରେ ୨ ଜଣ ଶିଶୁ କ୍ରିଷିକା ମହାନ୍ତ, ଇପ୍‌ସିତା ମହାନ୍ତିଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବା ସହ ସମସ୍ତ ଶିଶୁଙ୍କୁ ଗୀତା ବହି ପ୍ରଦାନ କରାଯାଇଥିଲା । ଏଥିରେ ସମସ୍ତ ଗୁରୁଜୀ ଗୁରୁମା ଓ ସେବିକା ସହଯୋଗ କରିଥିଲେ ।

### ନଡ଼ପୁର ଡାକ୍ତରଖାନା ପରିସର ଟାଙ୍କିରେ ପଡ଼ି ଶିଶୁ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀଙ୍କ ଧାରଣା

ବୈଶିଙ୍ଗା, ୨୬।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ଡାକ୍ତରଖାନା ପରିସରରେ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଡ଼ି ଜଣେ ୬ ବର୍ଷର ଶିଶୁର ମୃତ୍ୟୁ ଘଟଣାକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଥିଲା । ମୃତ ଶିଶୁର ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ମୃତଦେହକୁ ଡାକ୍ତରଖାନା ସମ୍ମୁଖରେ ରଖି ଧାରଣାରେ ବସିଥିଲେ । ମୃତ ଶିଶୁ ଜଣକ ନଡପୁର ଉପକଣ୍ଠ ନୂଆଗାଁ ଗ୍ରାମର ଲକ୍ଷ୍ମୀଧର ବିନ୍ଧାଣିଙ୍କ ପୁଅ ଅର୍ଜୁନ ବିନ୍ଧାଣି । ଅର୍ଜୁନଙ୍କ ମା' ଅଞ୍ଜଳି ବିନ୍ଧାଣି ନଡପୁର ଡାକ୍ତରଖାନାରେ ନିର୍ମାଣାଧୀନ କାମରେ ଶ୍ରମିକ ଭାବେ କାମ କରୁଥିଲେ । ଅର୍ଜୁନ ସେଠାରେ ଖେଳୁଥିବା ସମୟରେ ଦୁର୍ଭାଗ୍ୟବଶତଃ ଖୋଲା ରହିଥିବା ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଖସିପଡ଼ି ପାଣିରେ ବୁଡ଼ିଯାଇଥିଲେ । ପରେ ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ଜୀବନ ବଞ୍ଚାଇବା ସମ୍ଭବ ହୋଇନଥିଲା । ଏ ଘଟଣା ପାଇଁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଯନ୍ତ୍ରୀ ଓ ଠିକାଦାରଙ୍କ ଅବହେଳାକୁ ଦାୟୀ କରି ଗ୍ରାମବାସୀ କ୍ଷତିପୂରଣ ଦାବି କରିଥିଲେ । ଏହାକୁ ନେଇ ଶନିବାର ଡାକ୍ତରଖାନା ସମ୍ମୁଖରେ ମୃତଦେହ ରଖି ଦୀର୍ଘ ସମୟ ଧରି ଧାରଣା ଚାଲିଥିଲା । ପରେ ଘଟଣାସ୍ଥଳରେ ଆଲୋଚନା ଓ ଆପୋଷ ବୁଝାମଣା ପରେ ମୃତ ଶିଶୁର ପରିବାରକୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପ୍ରତିଶ୍ରୁତି ଦିଆଯାଇଥିଲା । ଏହାପରେ ଅପରାହ୍ନ ପ୍ରାୟ ୩ଟା ସମୟରେ ମୃତଦେହକୁ ସେଠାରୁ ସ୍ଥାନାନ୍ତର କରାଯାଇ ଧାରଣା ପ୍ରତ୍ୟାହାର ହୋଇଥିଲା ।

**୩ ଲକ୍ଷ ଟଙ୍କା ପ୍ରଦାନ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ**

■ ସଦଭାବନା ସମିତିର ୫୨୨ତମ ମାସିକ ସଦ୍‌ଭାବନା ଦିବସ

## 'ମାଗଣା ପଇସାରେ ଠିକାକାମ ସମାଜସେବା ନୁହେଁ'

ବାରିପଦା, ୨୬।୯ (ସମିସ): ଆଜିକାଲି ଦୁଷ୍ଟ ପଣ୍ଡିତ ଓ ମୁଣ୍ଡ ତଣ୍ଡିପଙ୍କ ପାଇଁ ସମାଜ ପଥଭ୍ରଷ୍ଟ । ଈଶ୍ୱରଙ୍କ ଇଚ୍ଛାରେ ମିଛ କହିଲେ ଯଦି ଜ୍ୱର ହୁଅନ୍ତା, ଚୋରି କଲେ ହାତ ଥରନ୍ତା, କାହାକୁ ଈର୍ଷା କଲେ ଜଣେ ମୂକ ହୋଇଯା'ନ୍ତା; ତେବେ ଉଜୁଡ଼ି ଯାଉଥିବା ସମାଜ ସଜାଡ଼ି ହୋଇଯା'ନ୍ତା ବୋଲି ସଦ୍‌ଭାବନା ସମିତିର ମାସିକ ସଦ୍‌ଭାବନା ଦିବସରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ରୋଟାରୀ ଭବନରେ ସଦ୍‌ଭାବନା ସମିତିର ୫୨୨ତମ ମାସିକ ସଦ୍‌ଭାବନା ଦିବସ କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ପାଳିତ ହୋଇଥିଲା । ପ୍ରାରମ୍ଭରେ ଏ ମାସରେ ଭୂମି ସ୍ୱାମୀ ଶିବାନନ୍ଦ, ଠାକୁର ଅନୁକୂଳଚନ୍ଦ୍ର ଓ ସ୍ୱାମୀ ଚିଦାନନ୍ଦଙ୍କ ସ୍ମୃତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏ ଅବସରରେ ବକ୍ତାମାନେ କହିଥିଲେ ଯେ, ସଂଯୋଗର ସେତୁ ତୁଳନାରେ ଆଜିକାଲି ବିଭାଜନର କାନ୍ଥ ନିର୍ମାଣ କରାଯାଉଛି । ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ବକ୍ତବ୍ୟ ରଖି କହିଥିଲେ, ଏବେ ମାୟା ଭ୍ରମିତ ଅର୍ଥ ସର୍ବସ୍ୱ ଲୋକେ ନିଜର ଦୋଷ ଢାଙ୍କିବାକୁ ବିଭିନ୍ନ ସଂଗଠନ ମାଧ୍ୟମରେ ପତ୍ରପତ୍ରିକାରେ ପ୍ରକାଶିତ ହେବାକୁ ପସନ୍ଦ କରୁଛନ୍ତି । ମୁଖ୍ୟଅତିଥି ଭାବେ ବାରିପଦା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ପ୍ରବୋଧ ଦେ, ଚକ ବନ୍ଦୋବସ୍ତ ଅଧିକାରୀ ରାଖାଲ ଚନ୍ଦ୍ର ପରିଡ଼ା, ବରିଷ୍ଠ ସାମ୍ବାଦିକ ଡ ବିଜୟ କୁମାର ଅଗ୍ରୱାଲ, ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ସାମଲ, ଡ ଝରଣାରାଣୀ ବେହେରା, ପଦ୍ମନାଭ ସାହୁ, ନରସିଂହ ବାରିକ, କୈବଲ୍ୟ ପ୍ରସାଦ ମହାପାତ୍ର, ଭାଗ୍ୟଧର ନନ୍ଦ ଓ ଅଶୋକ କୁମାର ପଲେଇ ପ୍ରମୁଖ ଯୋଗଦେଇ ମାଗଣା ପଇସାରେ ଠିକାକାମ ସମାଜସେବା ନୁହେଁ ବୋଲି ମତ ପ୍ରକାଶ କରିଥିଲେ । ଶେଷରେ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଓ ସହସଦସ୍ୟ ଦାମୋଦର ପତି ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଅକ୍ଟୋବର ୯ ତାରିଖରେ ହେବାକୁ ଥିବା ଗୋପବନ୍ଧୁ ଜୟନ୍ତୀ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ ।



## ନାବାଳିକାଙ୍କ ଆତ୍ମହତ୍ୟା

ମହୁଲଡିହା, ୨୬।୯ (ସମିସ): ଠାକୁରମୁଣ୍ଡା ଥାନା ହାତୀଗୋଡା ପଞ୍ଚାୟତ କାଦପାଣି ଗାଁରେ ଦୁଃଖଦ ଘଟଣା ଘଟିଛି । ଏଠାରେ ଜଣେ ନାବାଳିକା ଆତ୍ମହତ୍ୟା କରିଥିବାବେଳେ କରଣ ଅସ୍ପଷ୍ଟ ରହିଛି । ମୃତ ନାବାଳିକା ଜଣକ ପ୍ରଫୁଲ୍ଲ ମହାକୁଡ଼ଙ୍କ ତୃତୀୟ ଝିଅ ଗୁରୁବାରୀ (୧୭) । ସେ ବିକାରଗ୍ରସ୍ତ ଥିବାରୁ ୨୪ ତାରିଖରେ ଘରୁ ଚାଲିଯିବା ପରେ ଖୋଜାଖୋଜି କରି ପାଇ ନ ଥିଲେ । ପରିବାର ଲୋକଙ୍କ କହିବା ଅନୁସାରେ ସେ ମାନସିକ ଅସୁସ୍ଥତାରେ ପୀଡ଼ିତ ଥିଲା । ଖୋଜାଖୋଜି ସମୟରେ ଏକ ଆମ୍ବ ଗଛରେ ଗୁରୁବାରୀ ଝୁଲୁଥିବା ଅବସ୍ଥାରେ ଦେଖି ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା । ଏ ନେଇ ମୃତକଙ୍କ ମାଆ ନାଗି ଠାକୁରମୁଣ୍ଡା ଥାନାରେ ଏତଲା ଦେଇଥିଲେ । ଏତଲା ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତାଦେହକୁ ବ୍ୟବଛେଦ ପାଇଁ ପଠାଇ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ତଦନ୍ତ ଜାରି ରଖିଛି ।

● ବିକଶିତ ଗାଁ ବିକଶିତ ଓଡ଼ିଶା ଓ ଭିବି ଜି ରାମଜି ଯୋଜନା ସାତସପନ

## ସୁଦୁରିଆଗୋଠ ରାସ୍ତା ଶୋଚନୀୟ; ଖଟିଆରେ ବୋହା ହେଉଛନ୍ତି ରୋଗୀ

ଶରତ, ୨୬।୯ (ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମପଞ୍ଚାୟତ ୮ ନମ୍ବର ୱାର୍ଡର ପାହାଡ଼ ଘେରା ଗ୍ରାମ ସୁଦୁରିଆଗୋଠ । ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ହୋ ଜନଜାତି ପରିବାର ବାସ କରନ୍ତି । ଆରଡି ରୋଡ୍‌ଠାରୁ ସୁଦୁରିଆଗୋଠ ରାସ୍ତାଟି ଗ୍ରାମ ଲୋକଙ୍କ ଏକମାତ୍ର ରାସ୍ତା । ଯାହା ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଛି । ତାହା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଏହି ରାସ୍ତାରେ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବାକୁ ପଡୁଛି । ରାସ୍ତା ମରାମତି କରାଯିବା ନିମନ୍ତେ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଗଣମାଧ୍ୟମ ନିକଟରେ ଜଣାଇଛନ୍ତି ।

ଗ୍ରାମାଞ୍ଚଳର ବିକାଶ ନିମନ୍ତେ ଭିବି ଜି ରାମଜି ଯୋଜନା ଓ ବିକଶିତ ଗାଁ ବିକଶିତ ଓଡ଼ିଶା ଭଳି ଯୋଜନାରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଏହି ଗ୍ରାମ୍ୟ ରାସ୍ତାର ଉନ୍ନତୀକରଣ କରାଯିବା ଦିଗରେ ପ୍ରଶାସନ ଅଣଦେଖା କରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି । ସୁଦୁରିଆଗୋଠ ଗ୍ରାମ୍ୟ ରାସ୍ତାର ଉନ୍ନତୀକରଣ କରାଯିବା ନିମନ୍ତେ ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ନବୀନ ମୁଣ୍ଡରୀ, ଉବୁଗା ସିଂ, ଲକ୍ଷ୍ମୀ ସିଂ, ରାଉତ ହୋ, ସଙ୍ଗା ସିଂ, ମଧୁ ସିଂ, କ୍ରିଷ୍ଣା ଗୁଦୁୟା ପ୍ରମୁଖ ଦାବି କରିଛନ୍ତି । ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କପ୍ତିପଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଯତ୍ନବାନ ହେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



### ଏମ୍‌ପିସି ଜୁନିୟର କଲେଜ ସ୍ଥାନାନ୍ତରକୁ ନେଇ ଆପତ୍ତି

## ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅଭିଭାବକ

ବାରିପଦା, ୨୬।୯ (ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟର କଳା ଓ ବାଣିଜ୍ୟ ବିଭାଗକୁ ତଖତପୁରସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ସ୍ଥାନାନ୍ତର ନିଷ୍ପତ୍ତିକୁ ନେଇ ଅଭିଭାବକ ଆପତ୍ତି ଉଠାଇଛନ୍ତି । ଏ ନେଇ ଅଭିଭାବକଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଅନୁରୋଧ କରାଯାଇଛି ।

ବଡ଼ବଜାରସ୍ଥିତ ରାଜପ୍ରାସାଦର କେତେକ ଅଂଶ ବିପଦସଙ୍କୁଳ ଘୋଷିତ ହେବା ପରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ କଳା ଓ ବାଣିଜ୍ୟ ବିଭାଗକୁ ତକତପୁରକୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ନିଆଯାଇଛି । ସୁରକ୍ଷାକୁ ନେଇ ଏହି ପଦକ୍ଷେପକୁ ସ୍ୱାଗତ କରୁଥିଲେ ମଧ୍ୟ ତକତପୁରରେ ଶିକ୍ଷାଦାନ ବ୍ୟବସ୍ଥା କଲେ ବିଭିନ୍ନ ସମସ୍ୟା ଉପୁଜିବ ବୋଲି ଅଭିଭାବକ ଦର୍ଶାଇଛନ୍ତି । ତକତପୁରରେ ଥିବା ମହାବିଦ୍ୟାଳୟ ଓ ସରକାରୀ ଟିଟିଆଇ ନିଜ ଶିକ୍ଷାଦାନକୁ ପ୍ରାଥମିକତା ଦେବା ପରେ ଉପଲବ୍ଧ ଶ୍ରେଣୀଗୃହରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପାଠପଢ଼ା କରାଯିବ । ଫଳରେ ଶିକ୍ଷାଦାନର ନିର୍ଦ୍ଦିଷ୍ଟ ସମୟସୂଚୀ ରହିବା ନେଇ ଆଶଙ୍କା ରହିଛି । ଏଥିସହ ବଡ଼ବଜାରରୁ ତକତପୁରର ଦୂରତା ପ୍ରାୟ ୮ କିଲୋମିଟର ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ଯାତାୟାତରେ ସମୟ ଓ ଅତିରିକ୍ତ ଖର୍ଚ୍ଚ ବଢ଼ିବ ବୋଲି ଅଭିଭାବକ କହିଛନ୍ତି । ବିଶେଷକରି ସହରର ବିଭିନ୍ନ ମେସ୍‌ରେ ରହୁଥିବା ଗରିବ ଛାତ୍ରଛାତ୍ରୀ ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏପରିକି ସହର ମଧ୍ୟରେ ପଢ଼ିବା ଉଦ୍ଦେଶ୍ୟରେ ପିଲାଙ୍କୁ ଏହି ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବା ଅଭିଭାବକ ଏବେ ଚିନ୍ତା ପ୍ରକାଶ କରିଛନ୍ତି । ଅଭିଭାବକମାନେ ବିକଳ୍ପ ବ୍ୟବସ୍ଥା ଭାବେ ଶିକ୍ଷାଦାନ ସମୟରେ ପରିବର୍ତ୍ତନ ପ୍ରସ୍ତାବ ଦେଇଛନ୍ତି । ବର୍ତ୍ତମାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ପାଠପଢ଼ା ହେଉଥିବାବେଳେ ସରକାରୀ ମହିଳା ମହାବିଦ୍ୟାଳୟରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏ ଶିକ୍ଷାଦାନ ହେଉଛି । ମହିଳା ମହାବିଦ୍ୟାଳୟର ଶିକ୍ଷାଦାନ ସମୟ ସକାଳ ୭ଟାରୁ ଅପରାହ୍ନ ୪ଟା କରାଗଲେ ଉଭୟ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ ବ୍ୟବହାର ସୁବିଧାଜନକ ହୋଇପାରିବ ବୋଲି ସେମାନେ ପ୍ରସ୍ତାବ ଦେଇଛନ୍ତି । ଏହି ସମସ୍ତ ସମସ୍ୟାକୁ ବିଚାର କରି ଜିଲ୍ଲାପାଳ ଏ ଦିଗରେ ହସ୍ତକ୍ଷେପ ନେଇ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚିତ ପଦକ୍ଷେପ ନେବାକୁ ଅଭିଭାବକ ପ୍ରୀତମ ମହାନ୍ତି, ବିକ୍ରମ କେଶରୀ ଜେନା, ସଂଯୁକ୍ତା ମହାନ୍ତି, ରାଜେଶ ଖଣ୍ଡେଲଓ୍ୱାଲ ପ୍ରମୁଖ ନିବେଦନ କରିଛନ୍ତି ।



## ସାମାଜିକ ଗଣମାଧ୍ୟମରେ ଡିପ୍‌ଫେକ୍ ଭିଡିଓ କରି ଅପପ୍ରଚାର

# କ୍ୟାପିଟାଲ୍ ଥାନାରେ ଏତଲା ଦେଲା ବିଜେଡି

ଭୁବନେଶ୍ୱର,୨୬।୯(ସମିସ): ବିଜେଡି ନେତ୍ରୀଙ୍କ ଭିଡିଓକୁ ବିକୃତ କରି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ଅପପ୍ରଚାର କରାଯାଉଛି। 'ବଣ ବିଛୁଆତି' ନାମକ ଏକ ଫେସ୍‌ବୁକ୍ ଆକାଉଣ୍ଟରେ ଏଭଳି ବାରମ୍ବାର କରାଯାଉଛି। ବିଜେଡିର ଏକାଧିକ ନେତ୍ରୀଙ୍କ ଭିଡିଓକୁ ଡିପ୍‌ଫେକ୍ କରାଯିବା ସହ ମିଛ ଓ ଭ୍ରମାତ୍ମକ ଶୈଳୀରେ ଏହାକୁ ପରିବେଷଣ କରାଯାଉଛି। ଏଥିରେ ବିଜେଡି ନେତ୍ରୀଙ୍କୁ ଅସମ୍ମାନିତ କରାଯିବା ସହ ତଥ୍ୟକୁ ବିକୃତ କରାଯାଉଛି। ଏହା ବିରୋଧରେ ଶନିବାର ବିଜେଡିର ଏକ ପ୍ରତିନିଧି ଦଳ କ୍ୟାପିଟାଲ ଥାନାରେ 'ବଣ ବିଛୁଆତି' ଆକାଉଣ୍ଟ ବିରୋଧରେ ଏତଲା ଦାୟର କରିବା ସହ ଏହି ଆକାଉଣ୍ଟ ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଗିରଫ ଦାବି କରାଯାଇଛି। ଏହାସହିତ ଯେଉଁମାନେ ଏହି ଘଟଣାରେ ସଂଶ୍ଳିଷ୍ଟ, ସେମାନଙ୍କ ବିରୋଧରେ ଆଇଟି ଆକ୍ଟ ଓ ବିଏନ୍‌ଏସ୍ ଧାରା ଲାଗୁ କରିବାକୁ ଦାବି କରାଯାଇଛି।

ବିଜେଡି ପକ୍ଷରୁ ଦାଖଲ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି, ନିକଟରେ ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍-୨୦୨୬ ଏବଂ ଏହାର ଓଡ଼ିଶା ଉପରେ ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଜାରି ଭିଡିଓକୁ ବିକୃତ କରି 'ବଣ ବିଛୁଆତି' ନାମକ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଅପଲୋଡ୍ କରାଯାଇଛି। ଏଥିରେ ମୂଳ ଭିଡିଓରେ ନ ଥିବା କଥା ଓ ଅଶ୍ଳୀଳ/ ଆପତ୍ତିଜନକ ମନ୍ତବ୍ୟ ଯୋଡ଼ାଯାଇଛି। ଏଥିସହ ଅନେକ ସମୟରେ ଆପତ୍ତିଜନକ ମନ୍ତବ୍ୟ ଥିବା ଭିଡିଓମାନ ପୋଷ୍ଟ କରାଯାଇ ନାରୀ ନେତ୍ରୀମାନଙ୍କ ସମ୍ମାନ ଓ ମର୍ଯ୍ୟାଦା ହାନି କରିବାକୁ ଉଦ୍ୟମ କରାଯାଉଛି। ଗତ କିଛି ବର୍ଷ ହେବ ନିୟମିତ ଭାବେ ଏଭଳି ଆପରାଧିକ ଘଟଣା ଘଟାଇ ଆସୁଛନ୍ତି। ବିଜେଡିର ନେତୃବୃନ୍ଦଙ୍କୁ ଟାର୍ଗେଟ କରି ଏଭଳି ଭିଡିଓ ପୋଷ୍ଟ କରାଯାଉଛି। ବିଶେଷକରି ମହିଳା ନେତ୍ରୀଙ୍କୁ ନିଶାଣ କରି ଅଶ୍ଳୀଳ ଭାଷା ବ୍ୟବହାର ସହ ଏଆଇ ମାଧ୍ୟମରେ ଭିଡିଓ ପ୍ରସ୍ତୁତ କରାଯିବା ସହ ଏହାକୁ ପୋଷ୍ଟ କରାଯାଉଛି। ତେଣୁ ବିଏନ୍‌ଏସ୍‌ର ଧାରା ୩୫୬(୧), ୩୫୬(୨), ୩୩୬(୪), ୩୪୦(୨), ୭୯, ୭୫(୧)(ଆଇଭି), ୩୫୩ ଏବଂ ଧାରା ୩(୫), ୪୯ ଓ ୬୧(୨) ସମେତ ଆଇଟି ଆକ୍ଟର ଧାରା ୬୬ଡି ଓ ୬୭ ଅନୁଯାୟୀ ତଦନ୍ତ କରିବାକୁ ଦାବି କରାଯାଇଛି। ପୁଲିସ ଉକ୍ତ ଫେସବୁକ୍ ଆକାଉଣ୍ଟର ପରିଚାଳକଙ୍କ ପରିଚୟ ଚିହ୍ନଟ କରିବା, ମେଟା ଓ ସମ୍ପୃକ୍ତ ସେବା ପ୍ରଦାନକାରୀଙ୍କଠାରୁ ଆଇପି, ଡିଭାଇସ୍ ଓ ଅନ୍ୟାନ୍ୟ ଡିଜିଟାଲ ରେକର୍ଡ ସଂଗ୍ରହ କରିବା, ଭିଡିଓର ଫୋରେନ୍‌ସିକ୍ ଯାଞ୍ଚ କରିବା ଏବଂ ଏହାକୁ ସୋସିଆଲ ମିଡିଆରୁ ହଟାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ପ୍ରତିନିଧି ଦଳ ଦାବି କରିବା ସହ ଏଭଳି ଘଟଣାରେ ସମ୍ପୃକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି।

## ଶିମିଳିପାଳର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଦେବକୁଣ୍ଡ ପର୍ଯ୍ୟଟକଙ୍କ ପାଇଁ ଅସ୍ଥାୟୀ ଭାବେ ବନ୍ଦ

ବାରିପଦା, ୨୬।୯(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ 'ଅର୍ଣ୍ଣବ' ପ୍ରଭାବରେ ଜିଲ୍ଲା ତଥା ଆଖପାଖ ଅଞ୍ଚଳରେ ଲାଗିରହିଥିବା ପ୍ରବଳ ବର୍ଷା ଯୋଗୁଁ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ନଦୀ, ନାଳ ଓ ଜଳପ୍ରପାତରେ ଜଳସ୍ତର ବିପଦସଙ୍କୁଳ ଭାବେ ବୃଦ୍ଧି ପାଇଛି। ଏହି ପ୍ରବଳ ବୃଷ୍ଟିପାତ କାରଣରୁ ଶିମିଳିପାଳର ଅନ୍ୟତମ ପ୍ରମୁଖ ଆକର୍ଷଣ ଦେବକୁଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଥିବା ପୋଲ ଏବଂ କଲଭର୍ଟଗୁଡ଼ିକ ଧୋଇଯାଇ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଯାତାୟାତ ପାଇଁ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏବଂ ପର୍ଯ୍ୟଟକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଦେବକୁଣ୍ଡକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ଅସ୍ଥାୟୀ କଟକଣା ଜାରି କରାଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଏହି ନିଷ୍ପତ୍ତି ଏକ ସତର୍କତାମୂଳକ ପଦକ୍ଷେପ ଭାବେ ଗ୍ରହଣ କରାଯାଇଥିବା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା ଥମିବା ପରେ କ୍ଷତିଗ୍ରସ୍ତ ରାସ୍ତା, ପୋଲ ଓ କଲଭର୍ଟଗୁଡ଼ିକର ଯାଞ୍ଚ ତଥା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ଅନୁକୂଳ ଘୋଷଣା ହେବା ପରେ ଯାଇ ପରବର୍ତ୍ତୀ ନିର୍ଦ୍ଦେଶନାମା ଅନୁଯାୟୀ ଏହାକୁ ପୁନର୍ବାର ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ବର୍ତ୍ତମାନ ପରିସ୍ଥିତିରେ କୌଣସି ପର୍ଯ୍ୟଟକ ଉକ୍ତ ନିଷିଦ୍ଧାଞ୍ଚଳକୁ ନଯିବା ସହ ବନ ବିଭାଗକୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ବାରିପଦାସ୍ଥିତ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡର ଉପ-ନିର୍ଦ୍ଦେଶକ ସୁମିତ କର ନିବେଦନ କରିଛନ୍ତି।



ଜାତୀୟ ଚଳଚ୍ଚିତ୍ର-୨୦୨୪ ପୁରସ୍କାର ପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'ର ପ୍ରଯୋଜିକା ଝିଲ୍ଲିକ ଭଟ୍ଟାଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି ପୁରସ୍କାର ପ୍ରଦର୍ଶନ କରୁଛନ୍ତି

## ମାଧ୍ୟମିକ ଟିଜିଟି ଶିକ୍ଷକଙ୍କ ମ୍ୟୁଚୁଆଲ ଟ୍ରାନ୍ସଫର ନେଇ ଅନିଶ୍ଚିତତା

ଭୁବନେଶ୍ୱର,୨୬।୯(ସମିସ): ହାଇସ୍କୁଲ ଟିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମ୍ୟୁଚୁଆଲ ଟ୍ରାନ୍ସଫର(ଆପୋଷ ବଦଳି)କୁ ନେଇ ଅନିଶ୍ଚିତତା ଦେଖାଦେଇଛି। ନିର୍ଦ୍ଦିଷ୍ଟ ଅନଲାଇନ୍ ବ୍ୟବସ୍ଥାରେ ମ୍ୟୁଚୁଆଲ ଟ୍ରାନ୍ସଫର ପାଇଁ ଆବେଦନ କରିଥିବା ଅନେକ ଶିକ୍ଷକଶିକ୍ଷୟିତ୍ରୀ ଏବେ ନିଜ ବଦଳିକୁ ନେଇ ଅପେକ୍ଷାରେ ରହିଛନ୍ତି। ଏହି ସମୟରେ ମ୍ୟୁଚୁଆଲ ଟ୍ରାନ୍ସଫର ପାଇଁ ଆବେଦନ କରିଥିବା କିଛି ଶିକ୍ଷକ ପ୍ରଧାନଶିକ୍ଷକ ପଦବୀକୁ ପଦୋନ୍ନତି ପାଇଥିବାରୁ ସେମାନଙ୍କ ମ୍ୟୁଚୁଆଲ ପାର୍ଟନରଙ୍କ ଟ୍ରାନ୍ସଫରକୁ ନେଇ ନୂଆ ସମସ୍ୟା ଦେଖାଦେଇଛି।

ସୂଚନା ଅନୁସାରେ, ମ୍ୟୁଚୁଆଲ ଟ୍ରାନ୍ସଫର ପାଇଁ ଆବେଦନ ସମୟରେ ସମ୍ପୃକ୍ତ ଶିକ୍ଷକମାନେ ନିଜ ନିଜ ମ୍ୟୁଚୁଆଲ ପାର୍ଟନରଙ୍କୁ ଚୟନ କରି ଅନ୍‌ଲାଇନ୍‌ରେ ଆବଶ୍ୟକ ତଥ୍ୟ ଦାଖଲ କରିଥିଲେ। ଆବେଦନ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ସେମାନେ ଟ୍ରାନ୍ସଫର ଆଦେଶକୁ ଅପେକ୍ଷା କରିଥିଲେ। ତେବେ ପରବର୍ତ୍ତୀ ସମୟରେ କିଛି ଆବେଦନକାରୀ ଶିକ୍ଷକ ପ୍ରଧାନଶିକ୍ଷକ ପଦବୀକୁ ପଦୋନ୍ନତି ପାଇବାରୁ ସେମାନଙ୍କ ମ୍ୟୁଚୁଆଲ ପାର୍ଟନରଙ୍କ ଟ୍ରାନ୍ସଫର କେଉଁଭଳି ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଭାବିତ ଶିକ୍ଷକମାନଙ୍କ କହିବାନୁସାରେ, ଟ୍ରାନ୍ସଫର ପାଇଁ ଆବେଦନ କରିବା ସମୟରେ ସେମାନେ ପ୍ରଚଳିତ ପ୍ରକ୍ରିୟା ଅନୁଯାୟୀ ଆବେଦନ କରିଥିଲେ। ସେତେବେଳେ ମ୍ୟୁଚୁଆଲ ପାର୍ଟନରମାନେ ମଧ୍ୟ ସମ୍ପୃକ୍ତ ବ୍ୟବସ୍ଥା ଅନୁସାରେ ଆବେଦନ କରିବାର ସ୍ଥିତିରେ ଥିଲେ। ଏବେ ପଦୋନ୍ନତି ଯୋଗୁଁ ପାର୍ଟନରଙ୍କ ପଦବୀ ପରିବର୍ତ୍ତନ ହୋଇଥିବାରୁ ପୂର୍ବରୁ ଦାଖଲ ହୋଇଥିବା ଆବେଦନର ସ୍ଥିତି କ'ଣ ହେବ, ସେନେଇ ଆବେଦନକାରୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ମ୍ୟୁଚୁଆଲ ପାର୍ଟନରଙ୍କ ପଦୋନ୍ନତି ଯୋଗୁଁ ଅନ୍ୟ ଆବେଦନକାରୀ ଯେପରି ଟ୍ରାନ୍ସଫର ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଏକ ସ୍ପଷ୍ଟ ବ୍ୟବସ୍ଥା କରିବାକୁ ଶିକ୍ଷକମାନେ ଦାବି କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ପ୍ରଭାବିତ ଟିଜିଟି ଶିକ୍ଷକଶିକ୍ଷୟିତ୍ରୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଏସିଆନ୍ ଗେମ୍ସ...

୨୦ତମ ଏସିଆନ ଗେମ୍ସରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ମହିଳା କ୍ରିକେଟ ଦଳ ଓ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସୁରୁଚି ସିଂ ଓ କମଲଜିତ ସିଂଙ୍କ ଯୋଡି ପ୍ରଥମ ଦୁଇଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏସିଆନ ଗେମ୍ସର ୮ମ ଦିନ ସୁଦ୍ଧା ଭାରତ ୪ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ୧୪ଟି କାଂସ୍ୟ ସହ ୩୦ଟି ପଦକ ଜିତି ପଦକ ତାଲିକାରେ ୧୦ମ ସ୍ଥାନକୁ ଉନ୍ନୀତ ହୋଇଛି। ଚୀନ ୧୦୭ଟି ସ୍ୱର୍ଣ୍ଣ ସହ ପଦକ ତାଲିକାରେ ପ୍ରଥମସ୍ଥାନ ବଜାୟ ରଖିଛି।

### ପାକିସ୍ତାନରେ ଆତ୍ମଘାତୀ...

ମଧ୍ୟ ଉଗ୍ରବାଦୀ ଆକ୍ରମଣ ଘଟିଛି। ବିଶେଷକରି ପୁଲିସ ଓ ସୁରକ୍ଷାବାହିନୀକୁ ଲକ୍ଷ୍ୟ କରି ଏଠାରେ ଆକ୍ରମଣ ହୋଇଆସୁଛି। ଗତ ସପ୍ତାହରେ ମଧ୍ୟ ଖାଇବର ପଖ୍‌ତୁନଖ୍ୱାରେ ଏକ ମସଜିଦ ନିକଟରେ ଆତ୍ମଘାତୀ ଆକ୍ରମଣ ଘଟିଥିଲା। ସେଥିରେ ୨୧ ଜଣଙ୍କ ମୃତ୍ୟୁ ଓ ୮୦ ଜଣ ଆହତ ହୋଇଥିଲେ। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ପୁରୁଣା ପୁଲିସ ଲାଇନ୍ସର ଫାଟକରେ ଧକ୍କା ଦେଇଥିଲା। ଜାନୁଆରୀରୁ ପାକିସ୍ତାନରେ ୯ ୯୦ଟି ଆତଙ୍କବାଦୀ ଘଟଣା ଘଟିଥିବା ଏବଂ ଏଥିରେ ୧, ୧୨୯ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

### ଉତ୍ତର ଓଡ଼ିଶାରେ...

ମିଟର ରହିଛି। ଏଠାରେ ବିପଦ ସଙ୍କେତ ୧୦.୩୬ ମିଟର ତୁଳନାରେ ଜଳସ୍ତର ଯଥେଷ୍ଟ ଉପରେ ପ୍ରବାହିତ ହେଉଛି। ୨୭ ତାରିଖ ସକାଳ ସୁଦ୍ଧା ଏଠାରେ ଜଳସ୍ତର ଆହୁରି ବଢ଼ି ୧୧.୭୪ ମିଟରରେ ପହଞ୍ଚିବା ନେଇ କେନ୍ଦ୍ରୀୟ ଜଳ ଆୟୋଗ ଆକଳନ କରିଛି। ଏହା ଦ୍ୱାରା ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇପାରେ। ସେହିପରି ଗୋବିନ୍ଦପୁରଠାରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୮.୭୨ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ବନ୍ୟା ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଆନନ୍ଦପୁର ବ୍ୟାରେଜର ୩୧ଟି ଗେଟ ଖୋଲାଯାଇଛି। ଫଳରେ ଆଖୁଆପଦାରେ ବୈତରଣୀ ନଦୀର ଜଳସ୍ତର ୧୯.୪୭ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ବନ୍ୟା ଜଳ ପିକ୍‌ରେ ଚାଲିଛି। ସାଳନ୍ଦୀ ନଦୀ ମଧ୍ୟ ବିପଦ ସଙ୍କେତ ୧୭ ଫୁଟ ତୁଳନାରେ ଜଳସ୍ତର ୧୯.୩୦ ଫୁଟ ଉପରେ ପ୍ରବାହିତ ହେଉଛି। ମୌସୁମୀ ଋତୁ ଶେଷ ହେବାକୁ ଥିବାରୁ ରୁଲ୍‌କର୍ଭ ଅନୁଯାୟୀ ୬୩୦ ଫୁଟ୍ ତୁଳନାରେ ହୀରାକୁଦର ଜଳସ୍ତର ୬୨୯.୪୭ ଫୁଟ ରହିଛି। ମାତ୍ର ଛତିଶଗଡ଼ ପଟୁ ପ୍ରବଳ ପାଣି ଆସୁଥିବାରୁ ହେତୁ ହୀରାକୁଦରୁ ଏବେ ୧୬ଟି ଗେଟ ମାଧ୍ୟମରେ ୩ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଏହି ପାଣି ୨୭ ତାରିଖ ମଧ୍ୟରାତ୍ରି ସୁଦ୍ଧା ମୁଣ୍ଡଳିରେ ପହଞ୍ଚିବ ଓ ମୁଣ୍ଡଳୀରେ ପ୍ରାୟ ୬ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ଦକ୍ଷିଣ ଓଡ଼ିଶାର ଇନ୍ଦ୍ରାବତୀ, ବାଲିମେଳା ଓ ଋଷିକୂଲ୍ୟା ପୁରୁଷୋତ୍ତମପୁରରେ ବନ୍ୟା ସ୍ଥିତିରେ ସୁଧାର ଆସିଛି। କାଶୀନଗରରେ ବଂଶଧାରାର ଜଳସ୍ତର ଆଜି ସନ୍ଧ୍ୟା ୭ଟା ସୁଦ୍ଧା ସତର୍କ ସଙ୍କେତ ତଳକୁ ଖସିଯିବ ବୋଲି ଆକଳନ କରାଯାଇଛି। ପାନପୋଷ ଓ ଜେନାପୁରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଉଥିଲେ ମଧ୍ୟ ପାଣି ବିପଦ ସଙ୍କେତ ତଳେ ରହିଛି।

ବର୍ଷା ଓ ବନ୍ୟା ଜନିତ ସ୍ଥିତି ପାଇଁ ରାଜ୍ୟର ୧୦ ଜିଲ୍ଲାର ୮୦ଟି ବ୍ଲକ୍, ୩୨୫ଟି ଗ୍ରାମପଞ୍ଚାୟତ, ୧,୦୭୧ଟି ଗାଁ ଏବଂ ୧୦ଟି ପୌରାଞ୍ଚଳର ୪୯ଟି ୱାର୍ଡ ପ୍ରଭାବିତ ହୋଇଛି। ଏଠାରେ ରହୁଥିବା ୭୩ ହଜାର ୮୫ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏବେ ସୁଦ୍ଧା ୧୬ଟି ଗାଁ ଜଳବନ୍ଦୀ ରହିଥିବା ବେଳେ ୭୨୧ଟି ଘର ଆଂଶିକ ବା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାରେ ୪,୪୮୦ ହେକ୍ଟର ଫସଲ ଜମି ପ୍ରଭାବିତ ହୋଇଛି। ବନ୍ୟା ସ୍ଥିତି ସମ୍ପର୍କରେ ଆଜି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିବା ସହ କହିଛନ୍ତି, ଦକ୍ଷିଣ ଓଡ଼ିଶା ଅଧିକ ପ୍ରଭାବିତ ହୋଇଛି। କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି ଜିଲ୍ଲାରେ ବ୍ୟାପକ ପ୍ରଭାବିତ ହୋଇଛି। ଝାରଖଣ୍ଡରେ ପ୍ରବଳ ବର୍ଷା ପାଇଁ ବାଲେଶ୍ୱରରେ ପାଣି ପହଞ୍ଚିବ। ଭଦ୍ରକ ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ପ୍ରଭାବିତ ହେବ। ଝାରଖଣ୍ଡରୁ ପାଣି ଆସିବାରୁ ମୟୂରଭଞ୍ଜ ପ୍ରଭାବିତ ହୋଇଛି। ପ୍ରଭାବିତ ଜିଲ୍ଲାରେ ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ବିଭିନ୍ନ ସ୍ଥାନରେ ହୋଇଥିବା ଘାଇ ମରାମତି କାମ ଆରମ୍ଭ ହୋଇଛି। ଦଶରଥପୁରରେ ଘାଇ ପାଇଁ ଫସଲ ନଷ୍ଟ ହୋଇଛି। ବୈତରଣୀରେ ଘାଇ ପାଇଁ କିଛି ଅଞ୍ଚଳ ବ୍ୟାପକ ପ୍ରଭାବିତ ହୋଇଛି। ପରିସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ରିଲିଫ୍ କାର୍ଯ୍ୟ ଜାରି ରହିବ ବୋଲି ମନ୍ତ୍ରୀ କହିଛନ୍ତି।

### ପୁଣି ବଢ଼ିଲା...

୨୪ ପଞ୍ଚାୟତର ୬୬ଟି ଗାଁ, ଏନ୍‌ଏସିର ୪ଟି ୱାର୍ଡର ୫୪ହଜାର ୩୩୨ ଲୋକ ପ୍ରଭାବିତ ହୋଇଥିବାବେଳେ ୨୪ଶହ ବିପନ୍ନଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ଭଦ୍ରକ ବ୍ଲକ୍‌ର ୧୨ଟି ପଞ୍ଚାୟତର ୨୫ଟି ଗାଁର ୫୩୭୦ ଲୋକ ପ୍ରଭାବିତ ହୋଇଥିବାବେଳେ ୩୨୩୦ ଜଣଙ୍କୁ ସ୍ଥାନାନ୍ତର କରାଯାଇ ରନ୍ଧାଖାଦ୍ୟ ବିତରଣ ହୋଇଥିବା ଜଣାଯାଇଛି। ବୈତରଣୀ ସହ ସାଳନ୍ଦୀ ନଦୀର ବନ୍ୟା ସ୍ଥିତି ଗମ୍ଭୀର। ହଦଗଡ଼ ଡ୍ୟାମ୍‌ରୁ ଶୁକ୍ରବାରଠାରୁ ବନ୍ୟାଜଳ ଛଡ଼ାଯିବା ଯୋଗୁଁ ସାଳନ୍ଦୀ ନଦୀରେ ବନ୍ୟା ଆସି ଭଦ୍ରକ ସହର ଓ ସହର ଉପକଣ୍ଠ ଅବସ୍ଥା ବେହାଲ କରିଦେଇଛି। ସହରାଞ୍ଚଳର କୁଆଁସ, ଜଗନ୍ନାଥପୁର, ଚରମ୍ପା, ସାଳନ୍ଦୀ ବାଇପାସ୍, ମଠସାହି, ନରୀପୁର, ଅପର୍ତ୍ତିବିନ୍ଧା, ସାହାପୁର, ବଙ୍କସାହି, ପୁରୁଣାବଜାର ଆଦି ବିସ୍ତୃତ ଅଞ୍ଚଳ ସହ ସହର ଉପକଣ୍ଠ ସାମରାଇପୁର, ଗେଲପୁର, ଅର୍ଣ୍ଣପାଳ ଓ ବିଷ୍ଣୁପୁରବିନ୍ଧା ପଞ୍ଚାୟତରେ ବନ୍ୟା ସ୍ଥିତି ସଙ୍ଗୀନ। ସାଳନ୍ଦୀ ନଦୀର ବିଷ୍ଣୁପୁର ପଞ୍ଚାୟତ ଆଙ୍କପାଳ ଗାଁ ନିକଟରେ ୨୦ ଫୁଟ୍‌ର ବିରାଟ ଘାଇ ସୃଷ୍ଟି ହୋଇ ବନ୍ୟାଜଳ ବହୁ ଅଞ୍ଚଳକୁ କବଳିତ କରିଛି। ସେହିଭଳି ପୁରୁଣାବଜାର ଗାନ୍ଧୀ ବାଳାଶ୍ରମ ନିକଟରେ ସାଳନ୍ଦୀ ନଦୀର ଏକ ବଡ଼ଘାଇ ସୃଷ୍ଟି ହୋଇଛି।

ତେବେ ପୌରପାଳିକା ସୂଚନାନୁଯାୟୀ, ସହରାଞ୍ଚଳର ୨, ୩, ୭, ୧୦, ୧୧, ୧୫, ୧୯, ୨୧, ୨୬, ୧୭, ୨୮ ଓ ୨୯ ନମ୍ବର ୱାର୍ଡରେ ଲଗାଣ ବର୍ଷା ଯୋଗୁଁ ବହୁ ଅଞ୍ଚଳ ଜଳବନ୍ଦି ହୋଇପଡ଼ିଛି। ଶତାଧିକ ଲୋକଙ୍କ ଘରେ ପାଣିର ସୁଅ ଛୁଟୁଛି। କୁଆଁସ ୧୫ ନମ୍ବର ୱାର୍ଡରେ ବହୁ ଅଞ୍ଚଳ ଜଳବନ୍ଦି ହୋଇଥିବାବେଳେ ବହୁ ଲୋକଙ୍କ ଘରକୁ ପାଣି କବଳିତ କରିଛି। ଯାତାୟାତ କରିବା ବି ମୁସ୍କିଲ ହୋଇପଡ଼ିଛି। ବିଶେଷକରି ୨୮ ନମ୍ବର ୱାର୍ଡରେ ସାଳନ୍ଦୀ ନଦୀର ୨ରୁ ଅଢ଼େଇ କି.ମି. ଯାଏଁ କୂଳବନ୍ଧ ନ ଥିବାରୁ ବନ୍ୟାଜଳ ପ୍ରବେଶ କରି ଦେଢ଼ହଜାର ଭଳି ଲୋକ ଏବେ ବି ଅଣ୍ଟାଏ ଲେଖାଏଁ ପାଣିରେ ରହିଛନ୍ତି। ସେମାନଙ୍କ ଘର, ବାହାରେ ସବୁଆଡ଼େ ପାଣି ଜମି ରହିଛି। ସେଠାକାର କାଉନ୍‌ସିଲର ସହିଦ୍ ଖାଁ ବିପନ୍ନଙ୍କ ପାଖେପାଖେ ରହି ଦୁର୍ଦ୍ଦଶା ବୁଝୁଥିବାବେଳେ ସ୍ଥାୟୀ କୂଳବନ୍ଧ ନିର୍ମାଣ ଲାଗି ଦାବି କରିଛନ୍ତି। ଭଦ୍ରକ ସହରାଞ୍ଚଳର ଶତାଧିକ ଦୋକାନରେ ଗତ ୨ ଦିନ ହେଲା ୩ରୁ ୪ ଫୁଟ୍‌ର ବର୍ଷାପାଣି ଜମି ରହିଛି। ଫଳରେ ସେମାନଙ୍କ ବ୍ୟବସାୟ ସାମଗ୍ରୀ ନଷ୍ଟ ହୋଇଥିବା ଜଣାଯାଇଛି। ସହର ଉପକଣ୍ଠ ସାଳନ୍ଦୀ ନଦୀର ବାଉଦପୁରଠାରେ ଥିବା ବ୍ରିଜ୍ ଉପରେ ବନ୍ୟା ସ୍ରୋତ ଶୁକ୍ରବାର ରାତିରୁ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ସହରାଞ୍ଚଳର ପ୍ରମୁଖ ସରକାରୀ ଅଫିସଗୁଡ଼ିକ ଜଳବନ୍ଦି ହୋଇ ରହିଛି। ଏସ୍‌ପିଙ୍କ ଅଫିସ, ଭଦ୍ରକ ଟାଉନ ଥାନା, ଭଦ୍ରକ ଜେଲ୍, ମୁଖ୍ୟ ପୋଷ୍ଟ ଅଫିସ, ପୂର୍ତ୍ତ ବିଭାଗ ଅଫିସ ଆଦିର ଚାରିପାଖରେ ବର୍ଷାଜଳ ଜମି ରହି ଯାତାୟାତରେ ବାଧା ସୃଷ୍ଟି କରିଛି। ଦମକଳ ବାହିନୀ ଭଦ୍ରକ ଜେଲ୍ ଓ ଥାନାରୁ ଜମି ରହିଥିବା ଜଳକୁ ମୋଟର ପମ୍ପ୍ ଲଗାଇ ନିର୍ଗତ କରୁଛନ୍ତି। ସହରରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାବେଳେ ସାଳନ୍ଦୀ ନଦୀକୁ ଛଡ଼ାଯାଇଥିବା ଡ୍ରେନ୍‌ରେ ବନ୍ୟାଜଳ ସହର ଭିତରକୁ ପ୍ରବେଶ କରି ସ୍ଥିତିକୁ ଅଧିକ ସଙ୍ଗୀନ କରିଥିବା ଜଣାଯାଇଛି। ପୌରପାଳିକା ପକ୍ଷରୁ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।

### ଅସନ୍ତୋଷ ଚାପିବାକୁ...

କରିବା ସହିତ ନିର୍ବାଚନ ଅଧିକାରୀଙ୍କ ଅନୁମୋଦନ ପାଇଁ ଅପଲୋଡ୍ କରିବେ। ନୂଆ ଭୋଟରଙ୍କ ଲାଗି ଉଦ୍ଦିଷ୍ଟ ଫର୍ମ-୬ରେ କେତେକ ଜଟିଳ ସର୍ତ୍ତ ରଖାଯାଇଥିବାରୁ ଅନେକ ଭୋଟର ପଞ୍ଜୀକୃତ ହୋଇ ପାରିନାହାନ୍ତି। ଏହାକୁ ନେଇ ଦୁଇ ଜଣ ନିର୍ବାଚନ କମିସନର ଆପତ୍ତି ଉଠାଇଥିଲେ। ଏସଆଇଆର ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୨ କୋଟି ଭୋଟର ବାଦ୍ ପଡ଼ିଛନ୍ତି। କମିସନ ପକ୍ଷରୁ ଆହୁରି କୁହାଯାଇଛି ଯେ ଯେଉଁମାନଙ୍କର ନାମ ସନ୍ଦିଗ୍ଧ ତାଲିକାରେ ରହିଛି, ସେମାନଙ୍କୁ ଶୁଣାଣି ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖକୁ ଆସିବାକୁ ପଡ଼ିବ ନାହିଁ। ବିଏଲଓ ମାନେ ସେମାନଙ୍କ ଘରକୁ ଯାଇ ଦସ୍ତାବିଜ ସଂଗ୍ରହ କରିବେ। ନିହାତି ଦରକାର ପଡ଼ିଲେ ଅନଲାଇନ ଶୁଣାଣି ହେବ ଏବଂ ପରିବାର ପକ୍ଷରୁ ଜଣେ ବ୍ୟକ୍ତି ଉପସ୍ଥିତ ରହି ପକ୍ଷ ରଖିବେ।

ବିବାଦୀୟ ଇସିଆଇନେଟ୍ ପୋର୍ଟାଲ ସଂପର୍କରେ କମିସନ କହିଛନ୍ତି ଯେ ବ୍ୟବସ୍ଥାରେ ସଂଶୋଧନ ପାଇଁ ଏକ କମିଟି ଗଠନ କରାଯିବ। ବରିଷ୍ଠ ଉପନିର୍ବାଚନ କମିସନରଙ୍କ ଅଧ୍ୟକ୍ଷତାରେ କମିଟିରେ ଆଇଆଇଟି ବିଶେଷଜ୍ଞଙ୍କୁ ରଖାଯିବ। କମିଟି ରିପୋର୍ଟ ଦେବାପରେ କମିସନ ଏହା ଉପରେ ପରବର୍ତ୍ତୀ ପଦକ୍ଷେପ ନେବେ। ଏହି ପୋର୍ଟାଲ ନେଇ ଦୁଇ ଜଣ କମିସନ ଆପତ୍ତି ଉଠାଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ଏହାର କେନ୍ଦ୍ରୀକରଣ କରାଯାଇଥିବାରୁ ଭୋଟରଙ୍କୁ ଯୋଡ଼ିବା ବା କାଟିବା ନିଷ୍ପତ୍ତି କେବଳ ଦିଲ୍ଲୀ କେନ୍ଦ୍ରରେ ନିଆଯାଉଛି। ଆଞ୍ଚଳିକ ନିର୍ବାଚନ ଅଧିକାରୀଙ୍କ ପାଇଁ ଏହା ଅପହଞ୍ଚ ରହିଛି। ପୂର୍ବରୁ ଆଞ୍ଚଳିକ ଅଧିକାରୀ ଭୋଟର ଯୋଡ଼ିବା/କାଟିବା ପ୍ରକ୍ରିୟାରେ ସାମିଲ ହୋଇଥିଲେ। କିନ୍ତୁ ଏହାର କେନ୍ଦ୍ରୀକରଣ କରାଯିବାପରେ ଏହି ପ୍ରକ୍ରିୟାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ଏହାସହିତ କମିସନ ପକ୍ଷରୁ କେତେକ ସ୍ପଷ୍ଟୀକରଣ ମଧ୍ୟ ଦିଆଯାଇଛି। କମିସନ କହିଛନ୍ତି ଯେ ସଂସ୍ଥାରେ କୌଣସି ମତଭେଦ ନାହିଁ। ଏସ୍‌ଆଇଆର୍ ସଂପର୍କରେ ସର୍ବସମ୍ମତକ୍ରମେ ନିଷ୍ପତ୍ତି ନିଆଯାଇଛି। ନୂଆ ଭୋଟରଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ-୬କୁ ସୁପ୍ରିମ କୋର୍ଟ ସମର୍ଥନ କରିଛନ୍ତି। ଏହାସହିତ କୁହାଯାଇଛି ଯେ ଦୁଇ ଜଣ କମିସନ କ୍ୟାବିନେଟ ସଚିବଙ୍କୁ ଚିଠି ଲେଖିବା ସଂପର୍କରେ କୁହାଯାଇଛି ଯେ କେତେକ ପ୍ରଶାସନିକ କାର୍ଯ୍ୟ ପାଇଁ ଚିଠି ଲେଖାଯାଇଥିଲା।

### ହାତୀ ଆକ୍ରମଣରେ...

ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ପୁଣି ଥରେ ଦନ୍ତା ଆକ୍ରମଣରେ ରାଏବୋଗା ଅଞ୍ଚଳରେ ଜଣଙ୍କର ଜୀବନ ଯାଇଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲ୍ଲା ରାଏବୋଗା ଥାନା ଅନ୍ତର୍ଗତ ଝୁନମୁର ନିକଟସ୍ଥ ଶୁକୁଟୋଲି ଗ୍ରାମର ଗ୍ରାମର ସିରିଲ କୁଲ୍ଲୁ (୬୬)। ପ୍ରତିଦିନ ପରି ଆଜି ଭୋର ସମୟରେ ବୃଦ୍ଧ ସିରିଲ୍ ଘରୁ କିଛି ଦୂରରେ ଥିବା ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ଅଚାନକ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ହାତୀଟି ଶୁଣ୍ଢରେ କଚାଡ଼ି ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତୁରନ୍ତ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ବନ ବିଭାଗ ଅଧିକାରୀ ଓ ରାଏବଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବିଗତ ୭ ମାସ ଭିତରେ ଦନ୍ତା ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏନେଇ ଏସିଏଫ୍ ସୁଜିତ କୁମାର ସାହୁ କହିଛନ୍ତି ଯେ ଉକ୍ତ ଦନ୍ତା ହାତୀଟି ପଡୋଶୀ ଝାଡ଼ଖଣ୍ଡରୁ ଜଙ୍ଗଲ ଦେଇ ଓଡିଶା ଭିତରକୁ ପଶି ଆସିଥିଲା। ଆକ୍ରମଣ ପରେ ପୁନର୍ବାର ପଳାଇଛି।

### ବୌଦ୍ଧ ବିଧାୟକଙ୍କ...

କୁମାର ପ୍ରଧାନଙ୍କୁ ଉପସ୍ଥିତ ହୋଇ ତାଙ୍କ ପକ୍ଷ ରଖିବା ପାଇଁ ନୋଟିସ କରିଥିଲେ। ଏହି ଆଦେଶକୁ ଭିତ୍ତି କରି ବିଧାୟକ ସରୋଜ କୁମାର ପ୍ରଧାନ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ୧୨ ସପ୍ତାହର ମହଲତ ଦେଇଥିଲେ। ଏହି ୧୨ ସପ୍ତାହର ସମୟସୀମା ସରିବା ପରେ ମଧ୍ୟ ବିଧାୟକ ସରୋଜ କୁମାର ପ୍ରଧାନ ଏସ୍‌ଡିଜେମ୍‌ଙ୍କ ନିକଟରେ ବାରମ୍ବାର ସମୟ ନେଇ ହାଜର ନ ହେବା ଯୋଗୁଁ ଗତକାଲି ଏସ୍‌ଡିଜେଏମ୍ କୋର୍ଟ ତାଙ୍କ ବିପକ୍ଷରେ ଗିରଫ ପରୱାନା ଜାରି କରିଛନ୍ତି।

### ବେଦାନ୍ତ କରିବ...

ଏବଂ ରାୟଗଡ଼ା ଜିଲ୍ଲାରେ ବାର୍ଷିକ ୬୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନା ରିଫାଇନାରୀ ରହିଛି। ଏହି ଦୁଇ ପ୍ରକଳ୍ପରେ କମ୍ପାନୀ ୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଏହି ଅବସରରେ ଶ୍ରୀ ଅଗ୍ରୱାଲ୍ ଓଡ଼ିଶାର ଶିଳ୍ପ ବିକାଶ କ୍ଷେତ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହଯୋଗକୁ ମଧ୍ୟ ମନେ ପକାଇଥିଲେ। ଆଗାମୀ ଦିନରେ ଓଡ଼ିଶାରେ ବେଦାନ୍ତର କାର୍ଯ୍ୟକଳାପକୁ ଆହୁରି ବ୍ୟାପକ କରିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ବୈଠକରେ ବକ୍ସାଇଟ ଯୋଗାଣ ସୁରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଥିଲା। କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ସ୍ଥିତ ବେଦାନ୍ତର ଅତ୍ୟାଧୁନିକ ଆଲୁମିନା ରିଫାଇନାରୀ ପାଇଁ ସ୍ଥାନୀୟ ଅଞ୍ଚଳରୁ ବକ୍ସାଇଟ ଯୋଗାଣ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଉପରୋକ୍ତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ, ବେଦାନ୍ତର ମୋଟ ଆଲୁମିନିୟମ ଉତ୍ପାଦନ କ୍ଷମତା ବାର୍ଷିକ ୬୦ ଲକ୍ଷ ଟନ୍‌କୁ ବୃଦ୍ଧି ପାଇବ, ଯାହା ଭବିଷ୍ୟତର ଧାତବ କ୍ଷେତ୍ରରେ ଆବଶ୍ୟକତା ପୂରଣ ପାଇଁ ଭାରତର ବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବାରେ ସାହାଯ୍ୟ କରିବ। ଏହା ଦେଶର ଶିଳ୍ପ ବିକାଶ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନର ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଆଲୋଚନା ସମୟରେ ଶ୍ରୀ ଅଗ୍ରୱାଲ ଝାରସୁଗୁଡ଼ାରେ ଥିବା ଆଲୁମିନିୟମ ସ୍ମେଲ୍ଟରର କ୍ଷମତାକୁ ଆଉ ୧୦ ଲକ୍ଷ ଟନ ବଢ଼ାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ନିଯୁକ୍ତି ସୃଷ୍ଟି ଏବଂ ସ୍ଥାନୀୟ ବିକାଶରେ ଏହି ପ୍ରକଳ୍ପଗୁଡ଼ିକର ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଲୁମିନିୟମ କ୍ଷେତ୍ରରେ ଏହି ପୁଞ୍ଜିନିବେଶକୁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ସହ ମିଶି ଆମେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସମ୍ପଦ ନିର୍ମାଣ, ବ୍ୟାପକ ନିଯୁକ୍ତି ସୃଷ୍ଟି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ମଜଭୁତ କରିବା ଏବଂ ଏକ ବିକଶିତ ଭାରତ ଗଠନରେ ଅର୍ଥପୂର୍ଣ୍ଣ ଅବଦାନ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ। ବେଦାନ୍ତ ପଶ୍ଚିମ ଓଡ଼ିଶାରେ ଏକ ୧୦୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା କରିବ। ପ୍ରସ୍ତାବିତ ପ୍ରକଳ୍ପଗୁଡିକ ଦ୍ୱାରା ୨ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଭାରତର ଲଜିଷ୍ଟିକ୍ସ, ମୌଳିକ କାଠାମୋ, ଇଞ୍ଜିନିୟରିଂ ଏବଂ ଆନୁଷଙ୍ଗିକ ଶିଳ୍ପଗୁଡ଼ିକରେ ଏକ ବ୍ୟାପକ ପ୍ରଭାବ ପକାଇବ, ଯାହା ଦ୍ୱାରା ୨୦ ଲକ୍ଷରୁ ଅଧିକ ଜୀବିକା ସୁଯୋଗ ସୃଷ୍ଟି ହେବ। ଗତ ଦୁଇ ଦଶନ୍ଧି ଧରି ଓଡ଼ିଶା ସହ ବେଦାନ୍ତର ଏକ ଦୃଢ଼ ସହଭାଗିତା ଗଢ଼ିଉଠିଥିବା ସେ କହିଛନ୍ତି।

### ଚିକିତ୍ସା ଅବହେଳାରୁ...

କିନ୍ତୁ ରାତିରେ ରକ୍ତ ଦିଆଯାଇପାରିବ ନାହିଁ ବୋଲି କହି କର୍ତ୍ତୃପକ୍ଷ ଦାୟିତ୍ୱ ଖସାଇ ଦେଇଥିଲେ। ସାରା ରାତି ରୋଗୀ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଜଣେ ବି ଜରୁରିକାଳୀନ ଡାକ୍ତର ତାଙ୍କୁ ଦେଖିବାକୁ ଆସି ନ ଥିଲେ। ଶେଷରେ ଆଜି ସକାଳେ ଡାକ୍ତର ଆସି ତାଙ୍କୁ ମୃତ ଘୋଷଣା କରିଥିଲେ। ସଙ୍ଗୀତାଙ୍କ ଅକାଳ ବିୟୋଗରେ ସମଗ୍ର ପରିବାର ଶୋକରେ ଭାଙ୍ଗିପଡ଼ିଛି। ଡାକ୍ତରୀ ଅବହେଳା ଓ ରକ୍ତ ଯୋଗାଣରେ ବିଳମ୍ବ ଯୋଗୁଁ ହିଁ ସଙ୍ଗୀତାଙ୍କ ଜୀବନ ଚାଲିଗଲା ବୋଲି ପରିବାର ଲୋକେ ଦାବି କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାର ଏକ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ଭାଇ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ପୂର୍ଣ୍ଣ ଅଭିଯୋଗ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଜ୍ଞାନେଶଙ୍କୁ ଘେରିଲା ବିଜେପିର ଆଉ ଏକ ସହଯୋଗୀ

ନୂଆଦିଲ୍ଲୀ, ୨୬।୯(ଏଜେନ୍ସି): ଏସ୍‌ଆଇଆର୍‌କୁ ନେଇ ବିବାଦରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବିଜେପିର ସହଯୋଗୀ ଦଳ ଘେରିବାରେ ଲାଗିଛନ୍ତି। ବିଜେପି ଜ୍ଞାନେଶଙ୍କ ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ଏହାର ସହଯୋଗୀମାନେ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମ୍ବାଦପତ୍ରରେ ପ୍ରକାଶ ପାଇଥିବା ମତଭେଦ ସଂପର୍କରେ ଜ୍ଞାନେଶ କୁମାର ସଫେଇ ଦିଅନ୍ତୁ ବୋଲି ସେମାନେ ଦାବି କରିବା ସହିତ କହିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ଏହା ଜରୁରୀ।


**AFFIDAVIT**

By the virtue of an affidavit sworn before the Executive Magistrate, Bhubaneswar. It is declared that the names of the parents of Miss Pallela Samhita were wrongly recorded in her school record as P.Satyanarayana and P. Sujatha. The correct names are: Father- Pallela Satyanarayana, Mother- Palela Sujata Sd/- Pallela Satyanarayana & Palela Sujata, Flat No. LIG-1/110, Sudarshan Enclave, Phase-VII, Dumduma, Bhubaneswar-751019, Date-25.09.2026

**AFFIDAVIT**

By virtue of an affidavit Sl. No-34, dated 24.09.2026 before the Additional Tahasildar-cum-Executive Magistrate, Phiringia, I, Pitabas Kanhar, S/o- Late Dandia Kanhar, resident of At- Gunjupriya, PO- Pahiraju, P.S.-Gochhapada, Dist.-Kandhamal, Odisha, PIN-762002 hereby declare that my minor son's name has been changed from JITU KANHAR to JITENDRA KANHAR. Henceforth, he shall be known as **JITENDRA KANHAR** for all purposes.

Sd/- PITABAS KANHAR

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no.765 dtd.25.9.2026 I, Bharat Tandi, S/o- Mani Tandi, resident of Vill./Po.- Nagenpali, Po.- Tora, Ps./Tah/Dist.- Bargarh, Odisha, Pin- 768040 state that, my daughter's actual name is **Amrita Tandi, DOB: 16.10.2015** but in her Aadhaar Card bearing no. 3249 0087 6958 her name has been wrongly mentioned as Ambrita Tandi, DOB: 10.10.2015. Hence **Amrita Tandi** and **Ambrita Tandi** is one and same person and her Date of Birth is **16.10.2015**.

Sd/-Bharat Tandi

**AFFIDAVIT**

I, Ashok Kumar Rana, S/O Late Chandra Sekhar Rana, resident of Vill- Belarpur, P.O. Debidwar, P.S./Dist. Jajpur, Odisha, Pin- 755001, declare by the affidavit No. 12483 Dt. 25.09.2026 sworn before the Executive Magistrate, Jajpur that in my daughter's (Suvashree Rana's) School record, mother's name shall be corrected as Chinmayee Rana in place of Chinmaye Rana.

Ashok Kumar Rana

**AFFIDAVIT**

By virtue of an affidavit sworn before NOTARY PUBLIC, PURI, dated 16/09/2026, Address Apithi, Apithi Gadakokal, P.S- Brahmagiri, Dist- Puri, Odisha-752011 declare that I have changed my name from SHRIRAM CHANDRA To RAM CHANDRA. Henceforth, I shall be known as **RAM CHANDRA** for all purposes.

RAM CHANDRA

**AFFIDAVIT**

By virtue of an affidavit sworn before the Executive Magistrate, Gondia, Dhenkanal, I, Purnachandra Pradhan, S/o- Nidhi Pradhan, Vill- Makundapur, P.O.-Karamul, P.S.-Gondia, Dist.-Dhenkanal hereby declare that my minor son's name has been changed from Sruti Ranjan Pradhan To Smruti Ranjan Pradhan. Henceforth, he shall be known as **Smruti Ranjan Pradhan** for all purposes.

Sd/- Purnachandra Pradhan

**AFFIDAVIT**

By an affidavit before Executive Magistrate, Bhubaneswar, dtd. 02.09.2026 I, **Sushree Sucharita Pattanaik,** W/o- Bishnu Prasad Pattanaik, resident of Plot No. N1/259, IRC Village, Bhubaneswar-751015 declare that my actual name is **Sushree Sucharita Pattanaik** but in my son's Birth certificate my name has been wrongly mentioned as **Sushree Pattanaik.** So, **Sushree Sucharita Pattanaik** and **Sushree Pattanaik** is one and same person.

**Wanted**
**Lecturer, Demonstrator & Lab.Attendant**

Applications are invited for the following posts on contractual basis for the Panchayat Samiti College, Gaisilat, Dist.- Baragada,

| Sl. No. | Name of the Post | Subject / Discipline | No. of Posts |
|---|---|---|---|
| 1 | Lecturer | Physics, Chemistry, Botany, Zoology, Mathematics | 01 each (Total 5) |
| 2 | Demonstrator | Biological Science & Physical Science | 01 each (Total 2) |
| 3 | Lab Attendant | — | 02 |

**DATE, TIME & VENUE OF INTERVIEW**

Date : 01.10.2026 (Thursday)
Time : 10:00 AM
Venue : Panchayat Samiti College, Gaisilat, Dist.- Baragada, New College Campus

**QUALIFICATION**

1. For Lecturer : Master's Degree in concerned subject with 55% mark.
2. For Demonstrator : B.Sc. in concerned subject.
3. For Lab Attendant : +2 Science or equivalent examination passed from a recognized Board/Council. *(Candidates having experience in handling laboratory equipment and practical work in Science laboratories shall be preferred.)*

Sd/- Principal
P.S. College, Gaisilat, Dist. Baragada
Contact-9937145100, Email-prlgaisilat@gmail.com

25001/1173/2627 E-Mail ID: eerw_titilagarh@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: TITILAGARH**
**e Procurement Notice**
**IFB IDENTIFICATION NO. EETIG-online-05/2026-27**

| | | | |
|---|---|---|---|
| 1. | Name of work | : | Building works . |
| 2. | Total no of works | : | 21(Twenty-one) nos. |
| 3. | Approximate Estimated Cost | : | Varies from Rs 2.90 to 4.50 lakh |
| 4. | Time for completion | : | 02 (Two) Calendar months |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | : | As per TCN No. EETIG-online-05/2026-27 |

| Procurement Officer | Bid Identification on No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Divn., Titilagarh | EETIG-online-05/2026-27 | 29.09.2026 at 11.00 A.M | 08.10.2026 upto 5.00PM | 07.10.2026 to 11.00AM | 09.10.2026 at 11.00A.M |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

Executive Engineer
R.W. Division, Titilagarh

OIPR-25001/25078/1/26-27/0005

## ତଳସାହିରେ ବିଦ୍ୟୁତ୍ ସରବରାହ ବ୍ୟାହତ

# ଦୁଇଦିନ ହେଲା ମିଳୁନି ପାଣି; ୭୦ ପରିବାର ହୀନସ୍ତା

ରାସଗୋବିନ୍ଦପୁର, ୨୬।୯ (ସମିସ)



ଦୁଇଦିନ ହେଲା ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାରୁ କମାରଡିହା ପଞ୍ଚାୟତ ଅନ୍ତର୍ଗତ ତଳସାହିରେ ଦେଖାଦେଇଛି ଗୁରୁତର ଜଳ ସଙ୍କଟ। ବିଦ୍ୟୁତ୍ ନ ଥିବା କାରଣରୁ ଘରେ ଘରେ ପାନୀୟଜଳ ପହଞ୍ଚିପାରୁନଥିବାରୁ ପ୍ରାୟ ୬୦ରୁ ୭୦ ପରିବାର ଦୁଇ ଦିନ ଧରି ପାଣି ପାଇଁ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଦୁଇଦିନ ଧରି ତଳସାହିରେ ବିଦ୍ୟୁତ୍ ସରବରାହ ନ ଥିବାରୁ ପାନୀୟଜଳ ଯୋଗାଣ ପ୍ରଭାବିତ ହୋଇଛି। ଫଳରେ ପିଇବା ପାଣି ସମେତ ଦୈନନ୍ଦିନ ବ୍ୟବହାର ପାଇଁ ମଧ୍ୟ ଲୋକେ ପାଣି ପାଇପାରୁନାହାନ୍ତି। ଏନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ ମଧ୍ୟ "ଆମେ ଯିବୁ, ଅପେକ୍ଷା କରନ୍ତୁ' ବୋଲି କୁହାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଦ୍ୟୁତ୍ ବିଲ୍ ପୈଠରେ ସାମାନ୍ୟ ବିଳମ୍ବ ହେଲେ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ତୁରନ୍ତ ବିଚ୍ଛିନ୍ନ କରାଯାଉଥିବାବେଳେ ଏଭଳି ଜରୁରୀ ପରିସ୍ଥିତିରେ ଦୁଇଦିନ ଧରି ବିଦ୍ୟୁତ୍ ସରବରାହ ସ୍ୱାଭାବିକ ନ ହେବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବିଦ୍ୟୁତ୍ ବିଭାଗର ଅବହେଳା ଓ ମନମୁଖୀ କାର୍ଯ୍ୟ ଯୋଗୁଁ ଲୋକେ ପାଣି ଭଳି ମୌଳିକ ଆବଶ୍ୟକତାରୁ ବଞ୍ଚିତ ହେଉଥିବା ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ସହିତ ଭବିଷ୍ୟତରେ ଏଭଳି ସ୍ଥିତି ଯେପରି ସୃଷ୍ଟି ନହୁଏ, ସେଥିପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଅଜିତ ପରିଡ଼ା, କାନ୍ଦୁରୀ ପରିଡ଼ା, ସରୋଜ ମହାନ୍ତି, ତପନ ନାୟକ, ବିଶ୍ୱଜିତ ପରିଡ଼ା, ରାଜେଶ ପରିଡ଼ା, ଆଲୋକ ଜେନା, ବଙ୍କିମ ଜେନା, ଦୀପକ ଜେନା, ସତ୍ୟଜିତ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

## ଲକ୍ଷ୍ମୀପୂଜା ମାଟି ଅନୁକୂଳ



ଆନନ୍ଦପୁର, ୨୬।୯ (ସମିସ): ପବିତ୍ର ଇନ୍ଦୁ ପୂର୍ଣମୀ ଅବସରରେ ଘସିପୁରାରେ ମା' ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ଝାଡ଼େଶ୍ୱର ମନ୍ଦିର ନିକଟରେ ବୈତରଣୀ କୂଳରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା। ମହେଶ୍ୱର ସାହୁ ସଂକଳ୍ପରେ ବସିଥିଲେ। କମିଟି ସଭାପତି ଶିବପ୍ରସାଦ ହେମ୍ବ୍ରମ, ସଦସ୍ୟ ଶିବାନନ୍ଦ ମହାରଣା, ଧନେଶ୍ୱର ସାହୁ, ଯଦୁନାଥ ଓଝା, କାନ୍ହୁଚରଣ ସାହୁ, ସୀତାରାମ ସାହୁ, ସତ୍ୟବ୍ରତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



**ତେଲକୋଇ:** ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ ହୋଇଯାଇଛି। ତେଲକୋଇ ସଦର ମହକୁମାସ୍ଥିତ ରାଧାମୋହନ କମିଟି ପକ୍ଷରୁ ମା' ହିଙ୍ଗୁଳାଇ ମନ୍ଦିର ପ୍ରାଙ୍ଗଣରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ କୈଳାସଚନ୍ଦ୍ର ପ୍ରଧାନ ପୂଜାରେ ବସି ମାଟି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ଭୋଲେଶ୍ୱର ବିଶ୍ୱାଳ, ଦୁର୍ଯ୍ୟୋଧନ ବିଶ୍ୱାଳ, ବିଭୂତି ଭୂଷଣ ସାହୁ, ଅକ୍ଷୟ କୁମାର ବିଶ୍ୱାଳ, କପିଳ ବିଶ୍ୱାଳ, ବଣ୍ଟୁ ଦେହୁରୀଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ। ପୂଜକ ଆନନ୍ଦ କର ପୂଜାର୍ଚ୍ଚନା କରିଥିଲେ।

## ବର୍ଷା ପାଣିରେ ଭାସିଗଲା ହୋମ ପାଇପ୍ ପୋଲ

କୁଆମରା,୨୬।୯ (ସମିସ): ଲଘୁଚାପ ବର୍ଷାରେ ଖୁଣ୍ଟା ବ୍ଲକ ଭୋଳାଗଡିଆ ପଞ୍ଚାୟତ ବାଙ୍ଗଡି ଗ୍ରାମ ନିକଟସ୍ଥ ଦୁଲା ପୋଲଟି ପ୍ରବଳ ଜଳସ୍ରୋତରେ ଭାସିଯାଇଛି। ଦୁଇଟି ପଞ୍ଚାୟତକୁ ସଂଯୋଗ କରୁଥିବା ଏହି ପୋଲର ପ୍ରାୟ ୧୫ ଫୁଟର ଘାଇ ସୃଷ୍ଟି ହେବା ଯୋଗୁଁ ଭୋଳାଗଡିଆ-ଡେଙ୍ଗାମ ପଞ୍ଚାୟତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ରାସ୍ତାରେ ବିଶେଷକରି ଅଣ୍ଡିଆଟିକିରା, ଗଡିଗାଁ, ପାଟଶାଣୀପୁର ପ୍ରଭୃତି ଗ୍ରାମର ଲୋକେ ନିର୍ଭର କରନ୍ତି। ତେବେ ଦୁଇ ପଞ୍ଚାୟତର ଲୋକଙ୍କ ଗମନାଗମନ ସୁବିଧା ପାଇଁ ଆଜି ଅଣ୍ଡିଆଟିକିରା ଗ୍ରାମର ଲୋକେ ବାଉଁଶ ପୋଲ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ଏହାର ସ୍ଥାୟୀ ସମାଧାନ କରିବାକୁ ଦୁଇ ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଜିରିଡ଼ା ପ୍ରାଥମିକ ବିଦ୍ୟାଳୟରେ ବନ୍ୟା ପାଣି

ଉଦଳା,୨୬।୯ (ସମିସ): ଜିରିଡା ପ୍ରାଥମିକ ବିଦ୍ୟାଳୟରେ ଶୁନ ନଦୀର ବନ୍ୟା ପାଣି ପଶିବା ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ହଠାତ୍ ବନ୍ୟାପାଣି ବିଦ୍ୟାଳୟ ପରିସରରେ ପ୍ରବେଶ କରିବା ଯୋଗୁଁ ବିଦ୍ୟାଳୟର ବିଭିନ୍ନ ଆସବାବପତ୍ର ଓ ଶିକ୍ଷା ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି। ଏଥିଯୋଗୁଁ ବିଦ୍ୟାଳୟର ଶିକ୍ଷାଦାନ ଓ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ବନ୍ୟା ପାଣି କମିବା ପରେ ବିଦ୍ୟାଳୟ ପରିସରରେ ଜମି ରହିଥିବା ପାଣି, ପଙ୍କ ଓ ଆବର୍ଜନା ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟେନ୍ଦୁ ଜେନା, ଶିକ୍ଷୟିତ୍ରୀ ବନ୍ଦିତା ଚୌଧୁରୀ ଓ ସିଆରସିସି ଗୌରଚନ୍ଦ୍ର ବିନ୍ଧାଣି ନିଜେ ସଫେଇ କାର୍ଯ୍ୟରେ ସାମିଲ ହୋଇ ବିଦ୍ୟାଳୟକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପ୍ରୟାସ କରିଥିଲେ। ବିଦ୍ୟାଳୟରେ ହୋଇଥିବା କ୍ଷୟକ୍ଷତିର ଆକଳନ କରି ଆବଶ୍ୟକ ସରକାରୀ ସହାୟତା ଓ ନଷ୍ଟ ହୋଇଥିବା ସାମଗ୍ରୀର ପୁନଃବ୍ୟବସ୍ଥା ପାଇଁ ଦାବି ହୋଇଛି।

## ବାରହାଗାଡ଼ିଆ ନିକଟରେ ଭୂସ୍ଖଳନ



ଆନନ୍ଦପୁର, ୨୬।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଅଧୀନ ତରତରା ପଞ୍ଚାୟତ ବାହିଆବାରଦଣ୍ଡା ଅଞ୍ଚଳର ବାରହାଗାଡ଼ିଆ ନିକଟରେ ଶନିବାର ଏକ ଭୟାନକ ଭୂସ୍ଖଳନ ଘଟିଛି। ହଠାତ୍ ମାଟି ଓ ପଥର ଧସି ତଳକୁ ଖସିପଡ଼ିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଭୂସ୍ଖଳନ ଯୋଗୁଁ ରାସ୍ତା ଓ ଆଖପାଖ ଅଞ୍ଚଳରେ ମାଟି ଜମିଥିବା ବେଳେ ଯାତାୟାତ ଉପରେ ମଧ୍ୟ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଲଗାଣ ବର୍ଷା ପରେ ମାଟି ଦୁର୍ବଳ ହେବା ଏହାର ଏକ କାରଣ ହୋଇପାରେ ବୋଲି ସ୍ଥାନୀୟ ଭାବେ ଆଲୋଚନା ହେଉଛି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଦେଖିଥିବା ବେଳେ ବିପଦପୂର୍ଣ୍ଣ ସ୍ଥାନକୁ ନଯିବା ପାଇଁ ସତର୍କ କରାଯାଇଛି। ଭୂସ୍ଖଳନ ଅଞ୍ଚଳର ସ୍ଥିତି ଏବଂ ଆଗକୁ ଅଧିକ ମାଟି ଧସିବାର ସମ୍ଭାବନା ଉପରେ ନଜର ରଖିବା ଆବଶ୍ୟକ ହୋଇପଡ଼ିଛି।

## ବଜ୍ରପାତ ଓ ଗଛ ପଡ଼ି ୩ ଗୋରୁ ମୃତ

ବେତନଟୀ, ୨୬।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳରେ ଶୁକ୍ରବାର ଲଗାଣ ବର୍ଷା ସାଙ୍ଗକୁ ପ୍ରବଳ ଝଡ଼ତୋଫାନ ଓ ବଜ୍ରପାତ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବଜ୍ରାଘାତ ଓ ଗଛ ଉପୁଡ଼ି ପଡ଼ିବାରୁ ୩ଟି ଗୋରୁଙ୍କ ପ୍ରାଣହାନି ଘଟିଥିବାବେଳେ ବହୁ ସ୍ଥାନରେ ଘରର କାନ୍ଥ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାଲିଆଡିହା ପଞ୍ଚାୟତର ମସିଣାଶୋଳ ଗ୍ରାମରେ ବଜ୍ରାଘାତରେ ଚନ୍ଦ୍ରମୋହନ ମୁର୍ମୁଙ୍କ ଦୁଇଟି ଗାଈଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ବଡ଼ଜାମବଣି ଗ୍ରାମରେ ପ୍ରବଳ ପବନ ଯୋଗୁଁ ଏକ ବିଶାଳ ଗଛ ଉପୁଡ଼ି ପଡ଼ିବାରୁ କାର୍ତ୍ତିକ ସିଂଙ୍କ ବନ୍ଧା ହୋଇଥିବା ବଳଦ ଚାପିହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି।

## ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ଗୋରୁ ମୃତ, ୪ ଜୀବନ୍ତ ଉଦ୍ଧାର

ଢୁରୁମୁଙ୍ଗା, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ପୁଣି ସକ୍ରିୟ ହେଲେଣି ଗୋ-ମାଫିଆ। ଗୋରୁଗୁଡ଼ିକୁ ଅତି ଦୟନୀୟ ଅବସ୍ଥାରେ ଗାଡ଼ି ଭିତରେ ଆଳୁ ବସ୍ତା ଭଳି ଚୋରା ଚାଲାଣ କରୁଥିବା ଦୃଶ୍ୟ ଏବେ ସାମ୍ନାକୁ ଆସିଛି।



ଶନିବାର ଭୋରରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣା ପରେ ଗୋ-ଚାଲାଣ ହେଉଥିବା ଖବର ସାମନାକୁ ଆସିଛି। ୪୯ ନମ୍ବର ଜାତୀୟ ରାଜପଥର ଢୁରୁମୁଙ୍ଗା ଥାନା ଅନ୍ତର୍ଗତ ଚେମଣା ବନ୍ଧ ନିକଟରେ ଭାରସାମ୍ୟ ହରାଇ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡିବା ପରେ ଦୁଇ ଗୋରୁଙ୍କ ମୃତ୍ୟୁ ହୋଇଛି। ୪ ଗୋରୁକୁ ଗୁରୁତର ଅବସ୍ଥାରେ ଢୁରୁମୁଙ୍ଗା ପୁଲିସ ଉଦ୍ଧାର କରିଛି। ଦୁର୍ଘଟଣା ପରେ ମାଫିଆ ଚମ୍ପଟ। ପୁଲିସ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍‌ଭ୍ୟାନ୍‌କୁ ଜବତ କରିବା ସହ ମୃତ ଗୋରୁଙ୍କୁ ପାଟଣା ପ୍ରାଣୀ ଚିକିତ୍ସାଧିକାରୀ ଅର୍ପିତ ଅମିତାଂଶୁ ବିଶ୍ୱାଳଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଛି। ଗୁରୁତର ଗୋରୁଙ୍କର ଚିକିତ୍ସା ସହ ତଦନ୍ତ ଜାରି ରହିଛି। ଏନେଇ ଢୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମାଆ ହେଲେ ନାବାଳିକା

ଢୁରୁମୁଙ୍ଗା, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲା ଢୁରୁମୁଙ୍ଗା ଥାନାଞ୍ଚଳରେ ଜଣେ ଦଶମ ଶ୍ରେଣୀର ନାବାଳିକା ଛାତ୍ରୀ ମା' ହେବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗତ ୨୪ ତାରିଖରେ ନାବାଳିକା ଜଣକ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ଜଣାପଡ଼ିଛି। ବର୍ତ୍ତମାନ ମା' ଓ ଶିଶୁ ଉଭୟେ ସୁସ୍ଥ ଥିବା ବେଳେ ଏହି ଘଟଣାକୁ ନେଇ ନାବାଳିକାଙ୍କ ବଡ ଭଉଣୀ ଢୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଢୁରୁମୁଙ୍ଗା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

ଆନନ୍ଦପୁର, ୨୬।୯ (ସମିସ): ବିଦ୍ୟୁତ୍ ଆଘାତରେ ମମତା ଜେନା ନାମକ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ନିଜ ଘର ବାଡ଼ି ପଛ ପାଖରେ ବିଦ୍ୟୁତ୍ ତାର ଛିଡି ପଡିଥିଲା। ବାଡିକୁ ଯାଇଥିବା ସମୟରେ ତାର ସଂସ୍ପର୍ଶରେ ଆସି ମହିଳା ଗୁରୁତର ଆହତ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ଅଣାଯାଇଥିଲା। ଏଭଳି ଘଟଣା ଘଟିଛି ଆନନ୍ଦପୁର ଉପଖଣ୍ଡର ନନ୍ଦିପଦା ଥାନା ଅନ୍ତର୍ଗତ ମତାବାଜ ଗାଁରେ। ମୃତକ ହେଉଛନ୍ତି ଗାଁର ବସନ୍ତ ଜେନାଙ୍କ ପତ୍ନୀ ମମତା। ଘଟଣାକୁ କେନ୍ଦ୍ରକରି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୧୯ ଲିଟର ମହୁଲି ମଦ ଜବତ,୨ ଗିରଫ

ଠାକୁରମୁଣ୍ଡା,୨୬।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ବେଆଇନ ଭାବେ ବିକ୍ରି ପାଇଁ ରଖାଯାଇଥିବା ୧୯ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରଥମେ ଠାକୁରମୁଣ୍ଡା ବ୍ଲକ ଦିଗଧର ପଞ୍ଚାୟତ ଅନ୍ତର୍ଗତ ଦିଗଧର ଗ୍ରାମରେ ଚଢ଼ଉ କରାଯାଇ ସେଠାରୁ ୧୦ ଲିଟର ଦେଶୀ ମହୁଲି ମଦ ଜବତ କରାଯିବା ସହ ବିରସିଂ କାଳନ୍ଦୀଆ (୪୫)ଙ୍କୁ ଗିରଫ କରାଯାଇଥିଲା। ସେହିପରି ଭରାଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବାଉଁଶଡିହା ଗ୍ରାମରେ ଚଢ଼ଉ କରାଯାଇ ଦିମନ୍ତ ହାଁସଦା (୪୩)ଙ୍କ ନିକଟରୁ ୯ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀ, ଏଏସ୍‌ଆଇ ଲକ୍ଷ୍ମଣ ନାୟକ, ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ପ୍ରମୁଖ ସାମିଲ ଥିଲେ।

## ବିଷପିଇ ବୃଦ୍ଧାଙ୍କ ଆତ୍ମହତ୍ୟା

କୁଆମରା,୨୬।୯ (ସମିସ): ଖୁଣ୍ଟା ଥାନା ଡୁକୁରା ପଞ୍ଚାୟତ ନୂଆଗାଁରେ କୀଟନାଶକ ଔଷଧ ପାନ କରି ଜଣେ ବୃଦ୍ଧା ଆତ୍ମହତ୍ୟା କରିଛନ୍ତି। ମୃତକ ଫୁଲମଣି ହାଁସଦା (୭୬)। ବୁଧବାର ଘରେ କେହି ନ ଥିବାବେଳେ ଫୁଲମଣି କୀଟନାଶକ ଔଷଧ ଖାଇଦେଇଥିଲେ। ଗୁରୁବାର ପରିବାର ଲୋକେ ଜାଣିବା ପରେ ତାଙ୍କୁ ବାରିପଦା ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ତଦନ୍ତ ଚଳାଇଛନ୍ତି। ଆଜି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ଯୌନ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

ବୈଶିଙ୍ଗା,୨୬।୯ (ସମିସ): ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ଯୌନ ଅପରାଧ ଘଟାଇଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ କଳମା ଗ୍ରାମର ଉମେଶ ଜେନା। ଚଳିତ ମାସ ୨୪ ତାରିଖ ରାତିରେ ଉମେଶ ନାବାଳିକାଙ୍କୁ ତାଙ୍କ ପରିବାରକୁ ନ ଜଣାଇ ଘରୁ ନେଇଯାଇଥିଲେ। ଝିଅକୁ ଘରେ ନ ପାଇ ପରିବାର ଲୋକେ ଖୋଜାଖୋଜି କରି ସେ ଉମେଶଙ୍କ ଘରେ ଥିବା ଜାଣିଥିଲେ। ପରଦିନ ନାବାଳିକା ଘରକୁ ଫେରିବା ପରେ ପରିବାର ଲୋକ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ଉମେଶ ତାଙ୍କ ଝିଅକୁ ବୈଶିଙ୍ଗା ଅଞ୍ଚଳ ସମେତ ନିଜ ଘରେ ରଖି ତାଙ୍କ ପ୍ରତି ଯୌନ ଅପରାଧ କରିଥିବା ନାବାଳିକା ଜଣାଇଥିଲେ। ଏ ନେଇ ନାବାଳିକାଙ୍କ ମା' ସେପ୍ଟେମ୍ବର ୨୫ରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଅଭିଯୋଗର ଅଭିଯୁକ୍ତ ଉମେଶଙ୍କୁ ପୁଲିସ ଗିରଫ କରିଥିଲା। ପରେ ତାଙ୍କୁ ପକ୍‌ସୋ କୋର୍ଟରେ ହାଜର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଶିଶୁ ମନ୍ଦିରରେ ନମାମି ଭାରତମ୍ କାର୍ଯ୍ୟକ୍ରମ

କେନ୍ଦୁଝର, ୨୬।୯ (ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝରଗଡ ତରଫରୁ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନମାମି ଭାରତମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ବିଦ୍ୟା ଭାରତୀ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଆମ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀଗୁରୁମା ଏକାଠି ହୋଇ ଏକ ସ୍ୱର ଏକ ଲୟରେ ବନ୍ଦେ ମାତରଂ ସଙ୍ଗୀତ ଗାନ କରିଥିଲେ। ଅତିଥି ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାର ଉତ୍ତର ସଂଭାଗ ସଂଯୋଜକ ରାହାସ ବିହାରୀ ମହାପାତ୍ର, କେନ୍ଦୁଝର ସହବିଭାଗ ନିରୀକ୍ଷକ ଭାଗବତ ମହାଳିକ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୧୫୦ରୁ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଗୁରୁଜୀଗୁରୁମା ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକ ସନାତନ ମହାନ୍ତଙ୍କ ପରଲୋକ



ଢୁରୁମୁଙ୍ଗା, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡିଆନାଳି ଗ୍ରାମର ଆଦର୍ଶ ଶିକ୍ଷକ, ବିଶିଷ୍ଟ ସଙ୍ଗଠକ, ସାମାଜିକ କର୍ମୀ ସନାତନ ମହାନ୍ତ(୮୬)ଙ୍କ ଶୁକ୍ରବାର ରାତିରେ ଦେହାନ୍ତ ଘଟିଛି। ସେ ପାଟଣା ମୁଖ୍ୟାଳୟ ପୁରାତନ ଜିଏନ୍ ହାଇସ୍କୁଲ୍‌ରେ ଦୀର୍ଘବର୍ଷ ଧରି ବିଜ୍ଞାନ ଶିକ୍ଷକ ରହିବା ପରେ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ପାଟଣା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ବହୁ ଛାତ୍ର, ବିଶିଷ୍ଟ ବ୍ୟକ୍ତି ଶନିବାର ତାଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ଆତ୍ମାର ସଦଗତି କାମନା କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଜଗଦୀଶ, ମୃତ୍ୟୁଞ୍ଜୟ, କ୍ଷିତିଶ, ବୋହୂ, ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ। ବୈତରଣୀ ନଦୀର ମଙ୍ଗଳପୁର ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସଂପନ୍ନ ହୋଇଛି। ତାଙ୍କ ବିୟୋଗରେ ୨୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ରୁନୁ ମହାନ୍ତ ପାଟଣା ବ୍ଲକର ପୂର୍ବତନ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ପାଟଣା ବଣିକ ସଙ୍ଘ ସଭାପତି ବୁଲୁ ଭଞ୍ଜ, କଂଗ୍ରେସ ନେତା ଲକ୍ଷ୍ମଣ ଦାଶ, ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତ, ଦିଲ୍ଲୀପ ଦାଶ, ଜ୍ଞାନେନ୍ଦ୍ର ମିଶ୍ର, ଅରୁଣ ମିଶ୍ର, ବିଜେପି ନେତା ରାଧାକାନ୍ତ ମହାନ୍ତ, ଶିଳ୍ପପତି ଅରବିନ୍ଦ ଦାଶ, ରଘୁନାଥ ଦାଶ, ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ। ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

## ପୁରୁଖା ଚୋର ଗିରଫ, ପରିବାର ସଦସ୍ୟ ମିଶି କରୁଥିଲେ ଲୁଟ୍



କପ୍ତିପଦା,୨୬।୯ (ସମିସ): ଗତ ଜୁଲାଇ ୨୭ରେ ଗିରଫ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା ଉଦଳା ପୁଲିସ। ଜେଲରେ ଥାଇ ଜାମିନରେ ବାହାରିବା ପାଇଁ ବାଧକ ସାଜିଥିଲା ଟଙ୍କା। ଟଙ୍କା ପାଇଁ ସେ ନିଜ ସମ୍ପର୍କୀୟ ମାଧ୍ୟମରେ କପ୍ତିପଦା ଥାନା ଅଞ୍ଚଳରେ କରାଇଲେ ଚୋରି। ସେହି ଚୋରି ଟଙ୍କାରେ ବାହାରକୁ ଆସିବା ପରେ ପୁଣି ମାସେ ଭିତରେ ୪ ଜାଗାରୁ ଚୋରି କରିଥିଲେ। ଶେଷରେ କପ୍ତିପଦା ପୁଲିସ କବଜାରେ ସେହି ପୁରୁଖା ଚୋର। କପ୍ତିପଦା ଥାନା ଅଧିନ ପିଙ୍ଗୁ ଗ୍ରାମର ଶ୍ୟାମସୁନ୍ଦର ବେହେରାଙ୍କ ଘରୁ ଗତ ୧୪ ତାରିଖ ରାତିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିବା କପ୍ତିପଦା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗକୁ ଆଧାର କରି ତଦନ୍ତ କରିବା ସହିତ ଉକ୍ତ ଦିନ ଜେଲରୁ ବାହାରିଥିବା ପୁରୁଖା ଚୋର ଉଦଳା ଥାନା କନକପଦା ଗ୍ରାମର ବର୍ଣ୍ଣୋଢ଼ ବିନ୍ଧାଣୀର ଅବସ୍ଥିତି ଯାଞ୍ଚ କରିଥିଲା ପୁଲିସ। ଯାଞ୍ଚ କରିବା ପରେ ଚୋରି ସ୍ଥାନରେ ସେ ଉପସ୍ଥିତ ଥିବା ଜାଣିବାକୁ ପାଇଥିଲା ଓ ବର୍ଣ୍ଣୋଢ଼କୁ ରେମୁଣା ଅଞ୍ଚଳରୁ ଉଠାଇ ଆଣିଥିଲା। ତାକୁ ଉଠାଇ ଆଣି ତଦନ୍ତ କରିବା ପରେ ଜେଲରେ ଥାଇ ଓ ଜେଲରୁ ବାହାରି କପ୍ତିପଦା ଥାନା ଅଧୀନରେ ଏକମାସ ମଧ୍ୟରେ ୫ଟି ଚୋରି କରିଥିବା ସେ ମାନିଥିଲା। ଏହି ଚୋରିରେ ବର୍ଣ୍ଣୋଢ଼ର ନାବାଳକ ପୁଅ, ଶଳାର ପୁଅ, ପୁତୁରା ସାମିଲ ଥିବା ପୁଲିସ ଜାଣି ସେମାନଙ୍କୁ ଥାନାରେ ଅଟକ ରଖିଛି। ଚୋରି କରିଥିବା ସମସ୍ତ ଅଳଙ୍କାରକୁ ସେ ଶରତ ଅଞ୍ଚଳର ଲକ୍ଷ୍ମୀ ଜୁଏଲାରୀ ନାମକ ଗହଣା ଦୋକାନ ମାଲିକ ଅଜିତ ରଣାଙ୍କ ନିକଟରେ ବିକ୍ରି କରିଥିଲେ। ତେଣୁ ପୁଲିସ ସମ୍ପୃକ୍ତ ଗହଣା ଦୋକାନୀଙ୍କୁ ମଧ୍ୟ ଗିରଫ କରିଛି। ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ବର୍ଣ୍ଣୋଢ଼ ନାମରେ କପ୍ତିପଦା, ଉଦଳା, ଖୁଣ୍ଟା, ବରହମପୁର ଥାନାରେ ୧୫ଟି ମାମଲା ରହିଥିବା ଉପଖଣ୍ଡ ପୁଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ କହିଛନ୍ତି।

## ୨୮ ରେ ବଡ଼ସାହି ବ୍ଲକ୍ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ସମାବେଶ

ବଡ଼ସାହି,୨୬।୯ (ସମିସ): ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବି ନେଇ ଚଳିତ ମାସ ୨୮ ତାରିଖ ସୋମବାର ଦିନ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପକ୍ଷରୁ ବଡ଼ସାହି



ବ୍ଲକସ୍ତରୀୟ ବିଶାଳ ଜନସମାବେଶ ପ୍ରଦର୍ଶନ କରାଯିବ। ଏ ନେଇ ଗତ ୩ ତାରିଖ ଦିନ ବଡ଼ସାହି ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ମୁଣ୍ଡାରୀ ଭାଷାଭାଷୀ ଗ୍ରାମର ଲୋକଙ୍କୁ ନେଇ ସଚେତନତା ବୈଠକ ଆୟୋଜନ କରି ଅଧିକରୁ ଅଧିକ ସଂଖ୍ୟକ ଲୋକ କିପରି ଏହି ଜନସମାବେଶରେ ଅଂଶଗ୍ରହଣ କରିବେ, ସେଥିପାଇଁ ନିବେଦନ କରାଯାଇଛି। ବଡ଼ସାହି ପଞ୍ଚାୟତର କେନ୍ଦୁଆସାହି, କଇଁଶାଳି, କୋଚିଲାଖୁଣ୍ଟା ପଞ୍ଚାୟତର ଘୁଷୁରିଆ, ଜାରକାଣି ପଞ୍ଚାୟତର ଇଟାମୁଣ୍ଡିଆ, ପ୍ରତାପପୁର ପଞ୍ଚାୟତର ଯମୁନା, ବରପଡା, ମାଣତ୍ରୀ ପଞ୍ଚାୟତର ଆଙ୍କପୁରା, ଦୁର୍ଗାପୁର ପଞ୍ଚାୟତର ଗୋବରାଶୋଳ, ଦେଉଳିଆ ପଞ୍ଚାୟତର ନୂଆସାହି-ବଇଁଚା ପ୍ରମୁଖ ଗ୍ରାମରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂହଙ୍କ ସଂଯୋଜନାରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ବଡ଼ସାହି ବ୍ଲକ ଅଧକ୍ଷା ମିନତି ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟି କେନ୍ଦ୍ରୀୟ ଆବାହକ ବିରବଲ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସଂପାଦକ ବୁଧିଆ ସିଂ ପ୍ରମୁଖ ଯୋଗଦେବେ।

## ଚିକେନ ବ୍ୟବସାୟୀଙ୍କୁ ଆକ୍ରମଣ କରି ୩ ଲକ୍ଷ ଟଙ୍କା ଲୁଟ୍,୨ ଯୁବକ ଅଟକ

ରାସଗୋବିନ୍ଦପୁର,୨୬।୯ (ସମିସ): ଗଡ଼ିଘାଟି ପଞ୍ଚାୟତର ବାନ୍ଧମୁଣ୍ଡି ଗ୍ରାମର ଜଣେ ଚିକେନ ବ୍ୟବସାୟୀଙ୍କୁ କଟୁରୀରେ ଆକ୍ରମଣ କରି ୩ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଦୁଇଜଣ ଯୁବକଙ୍କୁ ଗ୍ରାମବାସୀ କାବୁ କରି ପୁଲିସ ଜିମା ଦେଇଥିବାବେଳେ ଟଙ୍କା ନେଇ ଫେରାର ହୋଇଥିବା ଅନ୍ୟ ଜଣେ ସହଯୋଗୀକୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ବାନ୍ଧମୁଣ୍ଡି ଗ୍ରାମର ସୁଶାନ୍ତ ଜେନା ରାଜଘାଟ ରେଳ ଷ୍ଟେସନ ନିକଟରେ "ସ୍ୱାଦିଷ୍ଟ ଚିକେନ ସେଣ୍ଟର' ନାମରେ ବ୍ୟବସାୟ କରିଆସୁଛନ୍ତି। ଗତକାଲି ସନ୍ଧ୍ୟା ପ୍ରାୟ ୮ଟାରେ ଦୋକାନ ବନ୍ଦ କରି ଦିନକର ବ୍ୟବସାୟର ପ୍ରାୟ ୩ ଲକ୍ଷ ଟଙ୍କା ଏକ ବ୍ୟାଗ୍‌ରେ ନେଇ ସେ ଘରକୁ ଫେରୁଥିଲେ। ତମ୍ବାଖୁରୀ ଗ୍ରାମ ସୀମା ନିକଟରେ ଦୁଇଜଣ ଯୁବକ ବାଇକ୍‌ରେ ଆସି ସୁଶାନ୍ତଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ସୁଶାନ୍ତ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ତାଙ୍କ ସହ ବଚସା କରି ଟଙ୍କା ବ୍ୟାଗ୍ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ସୁଶାନ୍ତ ପ୍ରତିରୋଧ କରିବାରୁ ତାଙ୍କ ମୁଣ୍ଡରେ କଟୁରିରେ ଆକ୍ରମଣ କରିଥିଲେ। ସେଠାରେ ଅପେଖା କରିଥିବା ଅନ୍ୟ ଜଣେ ସହଯୋଗୀ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲା। ଲୁଟ୍ ପରେ ଦୁର୍ବୃତ୍ତ ଆଣିଥିବା ବାଇକ୍‌ଟି ଷ୍ଟାର୍ଟ ନହେବାରୁ ସେମାନେ ଗାଡ଼ି ଛାଡ଼ି ଖସିଯିବାକୁ ଉଦ୍ୟମ କରିଥିଲେ। ଗ୍ରାମବାସୀ ସେମାନଙ୍କୁ କାବୁ କରି ରାସଗୋବିନ୍ଦପୁର ପୁଲିସ ଜିମା ଦେଇଥିଲେ। ଅଟକ ଦୁଇ ଯୁବକ ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଞ୍ଚଳର ଜୟନ୍ତ ବାରିକ ଓ ଗଣେଶ ଦାସ ବୋଲି ଜଣାପଡ଼ିଛି।

## ଜାତୀୟ ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ଭୁବନେଶ୍ୱରର 'ଚେୟାର୍ସ' ଓ କୋଲକାତାର 'ଏକ୍ସପ୍ଲୋରେସନ' ମଞ୍ଚସ୍ଥ

ବାରିପଦା, ୨୬।୯ (ସମିସ)



ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆମେ, ବାରିପଦା ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ୯ ଦିନିଆ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ପ୍ରଥମ ନାଟକ ସ୍ପେସ ଏକାଡେମୀ, ଭୁବନେଶ୍ୱର ପ୍ରଯୋଜିତ ନାଟକ "ଚେୟାର୍ସ' ମଞ୍ଚସ୍ଥ ହୋଇଥିଲା। ସତ୍ୟବ୍ରତ ରାଉତଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ସତ୍ୟବ୍ରତ ରାଉତ, କଳ୍ପନା ରାଉତ ଓ ଗୌରବ ପାଣିଗ୍ରାହୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଦମଦମ ଏମ୍ବ୍ରି, କୋଲକାତା ପ୍ରଯୋଜିତ ଦ୍ୱିତୀୟ ନାଟକ "ଏକ୍ସପ୍ଲୋରେସନ'ରେ ଦେବ ପାଲ, ଦେବାଶିଷ ଚକ୍ରବର୍ତ୍ତୀ ଓ ସୁବ୍ରତା ଘୋଷ ବିଭିନ୍ନ ଭୂମିକାରେ ଅଭିନୟ କରିଥିବାବେଳେ ପଲି ପାଲ, ସ୍ୱାତୀ ଦାସ ଓ ତୀୟାସୀ ପାଲ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଆୟୋଜକ କମିଟି ସଭାପତି ଡା. କୈଳାସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ କରଞ୍ଜିଆ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଓଡ଼ିଶା ନାଟ୍ୟ ସଂଘର ପୂର୍ବତନ ସମ୍ପାଦକ ଶୁଭକାନ୍ତ ପାଢ଼ୀ, ସମାଜସେବୀକା ସୁଧାମାୟୀ ଦାସ ଓ ପ୍ରଣତି ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ଏ ଅବସରରେ ଅଭିନେତା ଜ୍ଞାନରଞ୍ଜନ ପଣ୍ଡାଙ୍କୁ ମୟୂରଭଞ୍ଜ ମହାସମ୍ମାନ ଓ ଓଡିଶାର ପ୍ରତିଷ୍ଠିତ ଅଭିନେତା ଓ ନିର୍ଦ୍ଦେଶକ ସତ୍ୟବ୍ରତ ରାଉତଙ୍କୁ ଗିରିଶ କର୍ନାଡ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାଥମିକଠାରୁ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ, ନୃତ୍ୟ, ମ୍ୟୁଜିକ ଚେୟାର, ଏଙ୍କରିଙ୍ଗ, ଏକକ ଅଭିନୟ, ମୂକ ଅଭିନୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୪୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ତଥା କମିଟିର ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏଚ୍-୫୨୦ ବାଇପାସ୍‌ରେ ଭୂସ୍ଖଳନ



ଯୋଡ଼ା, ୨୬।୯ (ସମିସ): ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ନିକଟସ୍ଥ କାଳୀ ମନ୍ଦିର ପାଖ ଜାତୀୟ ରାଜପଥ-୫୨୦ ବାଇପାସ୍ ରାସ୍ତାରେ ଶନିବାର ପାହାଡ଼ ଧସି ମାଟି ଓ ବଡ଼ ବଡ଼ ପଥର ରାସ୍ତା ପାର୍ଶ୍ୱକୁ ଖସି ପଡ଼ିଛି। ଫଳରେ ଯାତାୟାତ ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି। ରାସ୍ତା ପାର୍ଶ୍ୱରେ ନିର୍ମିତ କଂକ୍ରିଟ୍ ସୁରକ୍ଷା ପ୍ରାଚୀରର ଏକ ଅଂଶ ମଧ୍ୟ ଭାଙ୍ଗିଯାଇଛି। ପାହାଡ଼ରୁ ଖସିଥିବା ବଡ଼ ବଡ଼ ପଥର ଓ ମାଟି ରାସ୍ତା କଡ଼ରେ ଜମି ରହିବା ଫଳରେ ଦୁଇଚକିଆ, ଚାରିଚକିଆ ଯାନ ପାଇଁ ବିପଦର ଆଶଙ୍କା ସୃଷ୍ଟି ହୋଇଥିଲା। ଏହି ବାଇପାସ୍ ରାସ୍ତା ଦେଇ ପ୍ରତିଦିନ ଭାରୀଯାନ ସମେତ ଶତାଧିକ ଛୋଟବଡ଼ ଯାନ ଚଳାଚଳ କରୁଥିବାରୁ ଘଟଣାଟି ଯାତ୍ରୀ ଓ ଯାନବାହନ ଚାଳକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ମାଟି ଓ ପଥର ହଟାଇଥିଲେ। ଏହାପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ପାହାଡ଼ର ଉପରିଭାଗରେ ମାଟି ଏବେ ମଧ୍ୟ ଢିଲା ରହିଥିବାରୁ ଆଗାମୀ ଦିନରେ ବର୍ଷା ଜାରି ରହିଲେ ପୁଣି ମାଟି ଅତଡ଼ା ଓ ପଥର ଖସିବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଜାତୀୟ ରାଜପଥ-୫୨୦ର ବାରବାଙ୍କ ଘାଟି ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ରାସ୍ତା ପ୍ରଭାବିତ ହୋଇଥିବା ନଜିର ରହିଛି। ଏଭଳି ପରିସ୍ଥିତିରେ ବର୍ଷା ଋତୁରେ ରାଜପଥର ପାହାଡ଼ିଆ ଅଞ୍ଚଳଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ବଡ଼ ଧରଣର ଅଘଟଣକୁ ଏଡ଼ାଇବା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ମାଟି ଓ ପଥର ସମ୍ପୂର୍ଣ୍ଣ ହଟାଇବା ସହ ଭାଙ୍ଗିଥିବା ସୁରକ୍ଷା ପ୍ରାଚୀରର ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ପାହାଡ଼ର ଦୁର୍ବଳ ସ୍ଥାନଗୁଡ଼ିକର ବୈଷୟିକ ଯାଞ୍ଚ କରି ଆବଶ୍ୟକ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା, ଡ୍ରେନେଜ୍ ବ୍ୟବସ୍ଥା ଓ ଭୂସ୍ଖଳନ ପ୍ରତିରୋଧକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଦାବି ହୋଇଛି।

# ୬ କିମି ରାସ୍ତାରେ ୨୭୪ ଖାଲ; ଏନ୍‌ଏଚ୍ ୨୦ ମରଣଯନ୍ତା

ଚମ୍ପୁଆ, ୨୬।୯ (ସମିସ):





ରାସ୍ତାରେ ଖାଲ ନା ଖାଲରେ ରାସ୍ତା! ମାତ୍ର ୬ କିଲୋମିଟର ରାସ୍ତାରେ ୨୭୪ରୁ ଉର୍ଦ୍ଧ୍ୱ ଖାଲ। ବର୍ଷା ହେଲେ ଖାଲରେ ଜମୁଛି ପାଣି, ରାସ୍ତା ପାଲଟୁଛି କୃତ୍ରିମ ପୋଖରୀ। ଏଭଳି ସ୍ଥିତିରେ ରାସ୍ତାରେ କେଉଁଠି ଯିବେ, କେଉଁଠି ଖାଲ ରହିଛି, ତାହା ଜାଣିବା ଯାତ୍ରୀଙ୍କ ପକ୍ଷେ କଷ୍ଟକର ହୋଇପଡ଼ୁଛି। ଏହା କୌଣସି ଗ୍ରାମାଞ୍ଚଳର ଅବହେଳିତ ରାସ୍ତାର ଚିତ୍ର ନୁହେଁ, ବରଂ ଚମ୍ପୁଆ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ-୨୦ର ବାସ୍ତବ ଚିତ୍ର। ରିମୁଳିଠାରୁ ଚମ୍ପୁଆ ସୀମା ପର୍ଯ୍ୟନ୍ତ ରାସ୍ତାର ଏଭଳି ଦୁରାବସ୍ଥା ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଥିବା ବେଳେ ଜାତୀୟ ରାଜପଥ ବିଭାଗର ରକ୍ଷଣାବେକ୍ଷଣକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚମ୍ପୁଆ ମୁଖ୍ୟାଳୟକୁ ଝାଡ଼ଖଣ୍ଡ ସହ ସଂଯୋଗ କରୁଥିବା ଏହି ପ୍ରମୁଖ ରାଜପଥ ଦେଇ ପ୍ରତିଦିନ ହଜାର ହଜାର ଟ୍ରକ୍ ସମେତ ବିଭିନ୍ନ ଯାନବାହନ ଚଳାଚଳ କରୁଛି। ଖଣିଜ ପରିବହନଠାରୁ ଆରମ୍ଭ କରି ଯାତ୍ରୀ ପରିବହନ ପର୍ଯ୍ୟନ୍ତ ଏହି ରାସ୍ତାର ଗୁରୁତ୍ୱ ଅଧିକ ଥିବାବେଳେ ଏହାର ଶୋଚନୀୟ ଅବସ୍ଥା ଏବେ ଯାତାୟାତକୁ ବିପଦପୂର୍ଣ୍ଣ କରିଦେଇଛି। ବର୍ଷା ହେଲେ ଖାଲଗୁଡ଼ିକ ପାଣିରେ ଭରି ରହୁଥିବାରୁ ଗାଡ଼ି ଚାଳକମାନେ ଖାଲର ଗଭୀରତା ଜାଣି ନପାରି ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହୁଛି। ଦୁଇଚକିଆ ଯାନ ଚାଳକ ଓ ଯାତ୍ରୀବାହୀ ବସ୍‌ଗୁଡ଼ିକ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଲଖମା ଯୋଗୁଁ ଯାନବାହନର ଯାନ୍ତ୍ରିକ କ୍ଷତି ହେବା ସହ ଯାତାୟାତ ସମୟ ବୃଦ୍ଧି ପାଉଛି। ଜରୁରିକାଳୀନ ସେବା ଓ ଦୈନନ୍ଦିନ ଯାତାୟାତ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ୁଛି।

### ବର୍ଷାରେ କୃତ୍ରିମ ପୋଖରୀ; ଏନ୍‌ଏଚ୍ ବିଭାଗ ନିଦାବିଷ୍ଟ

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ମରାମତି ନାମରେ ବିଭାଗ ପକ୍ଷରୁ କେବଳ ଖାଲରେ ପେଚ୍ ପକାଇ ଦାୟିତ୍ୱ ସାରି ଦିଆଯାଉଛି। ମାତ୍ର କିଛି ଦିନ ପରେ ପୁଣି ରାସ୍ତା ପୂର୍ବ ଅବସ୍ଥାକୁ ଫେରି ଆସୁଛି। ଏତେ ବଡ଼ ରାଜପଥରେ ବାରମ୍ବାର ଖାଲ ସୃଷ୍ଟି ହେଉଥିବା ସତ୍ତ୍ୱେ ସ୍ଥାୟୀ ମରାମତି କରାଯାଉ ନଥିବା ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ବର୍ଷାଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା ନଥିବାରୁ ରାସ୍ତା ଉପରେ ପାଣି ଜମି ରହୁଛି। ଏହା ରାସ୍ତାର ସ୍ଥାୟିତ୍ୱକୁ ପ୍ରଭାବିତ କରୁଥିବା ବେଳେ ଖାଲଖମା ବଢ଼ିବାର ଅନ୍ୟତମ କାରଣ ପାଲଟିଛି। ଏନେଇ ସ୍ଥାନୀୟ ଲୋକେ ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ହେଉନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ବସ୍ ମାଲିକମାନେ ମଧ୍ୟ ସେମାନଙ୍କ ଗାଡ଼ି ଚଳାଇବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। ବସ୍ ସେବା ବନ୍ଦ ହେଲେ ଚମ୍ପୁଆ ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଯାତ୍ରୀ ଗମନାଗମନ କ୍ଷେତ୍ରରେ ଗୁରୁତର ସମସ୍ୟାରେ ପଡ଼ିବେ। ଜାତୀୟ ରାଜପଥ-୨୦ ଦେଇ ପ୍ରତିଦିନ ହଜାର ହଜାର ଯାନବାହନ ଚଳାଚଳ କରୁଥିବା ବେଳେ ମାତ୍ର ୬ କିଲୋମିଟର ରାସ୍ତାରେ ୨୭୪ରୁ ଉର୍ଦ୍ଧ୍ୱ ଖାଲ ରହିବା ରାସ୍ତାର ରକ୍ଷଣାବେକ୍ଷଣକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ଯାତ୍ରୀଙ୍କ ସୁରକ୍ଷା ଓ ଯାନବାହନର ସୁଗମ ଚଳାଚଳ ସୁନିଶ୍ଚିତ କରିବା ଜାତୀୟ ରାଜପଥ ବିଭାଗର ଦାୟିତ୍ୱ ହୋଇଥିବା ବେଳେ ଏଭଳି ଦୁରବସ୍ଥା କେତେଦିନ ଲାଗି ରହିବ, ତାହାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ରାସ୍ତାର ସ୍ଥିତି ଅନୁଧ୍ୟାନ କରି ସମସ୍ତ ଖାଲର ସ୍ଥାୟୀ ମରାମତି, ଜଳ ନିଷ୍କାସନ ବ୍ୟବସ୍ଥା ଓ ନିୟମିତ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। କୌଣସି ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ବିଭାଗ ତତ୍ପର ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ବସ୍‌ସେବା ବନ୍ଦ ଚେତାବନୀ

ରାସ୍ତାର ଦୁରବସ୍ଥାକୁ ନେଇ ଚମ୍ପୁଆ ଘରୋଇ ବସ୍ ମାଲିକ ସଂଘ ମଧ୍ୟ ଚିନ୍ତା ପ୍ରକାଶ କରିଛି। ସଂଘର ସମ୍ପାଦକ ଉତ୍ତମ କୁମାର କର କହିଛନ୍ତି ଯେ ରାସ୍ତାର ଖାଲଖମା ଯୋଗୁଁ ପ୍ରତିଦିନ ବସ୍ ଚଳାଚଳରେ ବାଧା ସୃଷ୍ଟି ହେଉଛି। ବସ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହେବା ସହ ବିପଦସଂକୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏଭଳି ପରିସ୍ଥିତିରେ ଯାତ୍ରୀଙ୍କ ସୁରକ୍ଷା ମଧ୍ୟ ଚିନ୍ତାର ବିଷୟ ପାଲଟିଛି। ତୁରନ୍ତ ରାସ୍ତାର ଆଶୁ ମରାମତି କରି ଯାତାୟାତକୁ ସୁଗମ ଓ ସୁରକ୍ଷିତ କରାନଗଲେ ଖୁବ୍‌ଶୀଘ୍ର ବସ୍ ସେବା ବନ୍ଦ କରିବାକୁ ସଂଘ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଦୀପାଳି ମହାନ୍ତ ପାଟଣା ବ୍ଲକ୍ କୃଷକ ଉପଦେଷ୍ଟା କମିଟିର ଅଧ୍ୟକ୍ଷା



ଡୁରୁମୁଙ୍ଗା, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୃଷି ସୂଚନା ପରାମର୍ଶକେନ୍ଦ୍ରର ନୂତନ କମିଟି ଗଠିତ ହେବା ସହ କୃଷକ ଉପଦେଷ୍ଟା କମିଟିର ଅଧ୍ୟକ୍ଷା ଭାବରେ ଦୀପାଳି ମହାନ୍ତ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣିଙ୍କ ଅଧ୍ୟକ୍ଷତାରେରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ସହକାରୀ ପଶୁ ସମ୍ପଦ ଅଧିକାରୀ ଡ଼ ଅର୍ପିତ ଅମିତାଂଶୁ ବିଶ୍ୱାଳ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଦୀପ୍ତିମୟୀ ଦାଶ, ସହକାରୀ ଉଦ୍ୟାନ ଅଧିକାରୀ ତପନ ସେଠୀ, ସହକାରୀ କୃଷି ଅଧିକାରୀ ଦେବାର୍ଚ୍ଚନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଅଧ୍ୟକ୍ଷ ଭାବରେ ଦୀପାଳି ମହାନ୍ତ ନିର୍ବାଚିତ ହେବା ପରେ ନୂତନ କମିଟିର ସଦସ୍ୟମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ।

● ଶ୍ରୀମେଟାଲିକ୍ସ କାରଖାନାର ଆବର୍ଜନା ଡମ୍ପ୍‌ବେଳେ ଚଢ଼ଉ

## ୩ ଟ୍ରକ୍ ସହ ଲୋଡର୍ ଜବତ



ବଡ଼ବିଲ, ୨୬।୯ (ସମିସ): ବିଭିନ୍ନ କଳକାରଖାନାରୁ ନିର୍ଗତ କଳା ଆବର୍ଜନା ବେଆଇନ ଭାବେ ଖୋଲା ଜମିରେ ପକାଯାଉଛି। ଏହି ଅଭିଯୋଗରେ ବଡ଼ବିଲ ତହସିଲଦାରଙ୍କ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ତିନୋଟି ଆବର୍ଜନା ବୋଝେଇ ଟ୍ରକ୍ ସହ ଗୋଟିଏ ଲୋଡରକୁ ଜବତ କରାଯାଇଛି। ଜବତ ଗାଡ଼ିଗୁଡ଼ିକୁ ବଡ଼ବିଲ ଥାନାରେ ଜିମା ଦିଆଯାଇଛି। ସୂଚନା ଅନୁଯାୟୀ, ଶ୍ରୀ ମେଟାଲିକ୍ସ କାରଖାନାରୁ ନିର୍ଗତ କଳା ଆବର୍ଜନା ଭଦ୍ରାସାହି ଅଞ୍ଚଳର ବିଭିନ୍ନ ଜମିରେ ବିନା ସରକାରୀ ଅନୁମତିରେ ପକାଯାଉଥିବା ନେଇ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଅଭିଯୋଗ କରିଆସୁଥିଲେ। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବା ଦର୍ଶାଇ ଭଦ୍ରାସାହିବାସୀ ବଡ଼ବିଲ ଥାନା ଓ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଅଭିଯୋଗକୁ ଆଧାର କରି ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା ଗତକାଲି ଅପରାହ୍ନରେ ବିଆର୍‌ପିଏଲ୍ କାରଖାନା ସମ୍ମୁଖରେ ଥିବା ଏକ ଖାଲି ଜମିରେ ଚଢ଼ଉ କରିଥିଲେ। ଏହି ସମୟରେ ଶ୍ରୀ ମେଟାଲିକ୍ସ କାରଖାନାରୁ ନିର୍ଗତ କଳା ଆବର୍ଜନା ଉକ୍ତ ଜମିରେ ପକାଯାଉଥିବା ଦେଖି ତିନୋଟି ଟ୍ରକ୍ ଓ ଗୋଟିଏ ଲୋଡରକୁ ଜବତ କରାଯାଇଥିଲା। ଜବତ ଟ୍ରକ୍‌ଗୁଡ଼ିକର ନମ୍ବର ହେଉଛି ଜେଏଚ୍୦୭ ଏମ୍ ୦୫୮୯, ଓଡ଼ି ୦୫ ସିଏଲ୍ ୮୫୭୮ ଓ ଓଡ଼ି ୩୫ ଏପି ୭୨୬୨। ସେହିପରି ଲୋଡରର ନମ୍ବର ଓଡ଼ି୦୯ ଏସି ୩୧୮୩।

■ କୈରାଲି କଲେଜ ଅଫ୍ ଫାର୍ମାସୀରେ ବିଶ୍ୱ ଫାର୍ମାସୀ ଦିବସ

## ସଶକ୍ତ ଫାର୍ମାସିଷ୍ଟ ହିଁ ସୁରକ୍ଷିତ ସ୍ୱାସ୍ଥ୍ୟସେବାର ଆଧାର

ଚମ୍ପୁଆ, ୨୬।୯ (ସମିସ): ଚମ୍ପୁଆସ୍ଥିତ କୈରାଲି କଲେଜ ଅଫ୍ ଫାର୍ମାସୀରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଔଷଧ ବିଜ୍ଞାନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା, ଔଷଧର ସଠିକ୍ ବ୍ୟବହାର ଏବଂ ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧ ଭଳି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ନେଇ ଏହି ଅବସରରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କଲେଜ ଟ୍ରଷ୍ଟି ବୋର୍ଡର ସମ୍ପାଦିକା ଉମା ରାଜମୋହନ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମେ ଜଣେ ଭଲ ମଣିଷ ହେବା ସହ ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ ରହିବାକୁ ଆହ୍ୱାନ ଦେଇଥିଲେ। ସେହିପରି କଲେଜର ଅଧ୍ୟକ୍ଷ ଡ. ସତ୍ୟବ୍ରତ ଜେନା ଆଣ୍ଟିବାୟୋଟିକ୍‌ର ଅପବ୍ୟବହାର ଯୋଗୁଁ ସୃଷ୍ଟି ହେଉଥିବା ଔଷଧ ପ୍ରତିରୋଧକ ସମସ୍ୟାର ମୁକାବିଲା ପାଇଁ ଦାୟିତ୍ୱପୂର୍ଣ୍ଣ ଔଷଧ ବ୍ୟବହାର ଓ ଜନସଚେତନତାର ଆବଶ୍ୟକତା ରହିଥିବା କହିଥିଲେ। ମୁଖ୍ୟଅତିଥି ଭାବେ ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁ ଫାର୍ମାସିଷ୍ଟମାନେ





ଜ୍ଞାନ, ଦକ୍ଷତା ଓ ସେବା ମନୋଭାବରେ ସଶକ୍ତ ହେଲେ ଭବିଷ୍ୟତର ସ୍ୱାସ୍ଥ୍ୟସେବା ଅଧିକ ସୁରକ୍ଷିତ ଓ ଗୁଣାତ୍ମକ ହୋଇପାରିବ ବୋଲି ମତ ଦେଇଥିଲେ। କେମ୍‌ସ୍‌ର ଅଧ୍ୟକ୍ଷ ବିଜୟ କୁମାର ଭାରତୀ, ଡିଗ୍ରୀ କଲେଜର ଅଧ୍ୟକ୍ଷ ଡି. ରାମାରାଜୁ, ଫାର୍ମାସୀ କଲେଜର ସହଅଧ୍ୟକ୍ଷା ଡ. ସବିତା ସାହୁଙ୍କ ସମେତ ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅତିଥିମାନେ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ଆୟୋଜିତ ଏହି ଉତ୍ସବର ବିଭିନ୍ନ ଦିନରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## କାର୍-ବାଇକ୍ ଧକ୍କା; ଜଣେ ଗୁରୁତର



ଡୁରୁମୁଙ୍ଗା, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ନିକଟରେ ଶନିବାର ଭାରସାମ୍ୟ ହରାଇ କାର ଓ ବାଇକ୍ ଦୁର୍ଘଟଣା ଯୋଗୁଁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ମାନପୁର ଗ୍ରାମର ମନହୋର ମହାନ୍ତ। ତାଙ୍କୁ ଉଦ୍ଧାର କରି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମନହୋର ଗ୍ରୋସେରୀ ଜିନିଷ ନେଇ ଘରକୁ ଫେରୁଥିବା ସମୟରେ କେନ୍ଦୁଝର ପଟକୁ ଯାଉଥିବା ଏକ କାର ଧକ୍କା ଦେଇଥିଲା। ଦୁର୍ଘଟଣା ପରେ କାରଟି ରାଜପଥ ସାଇଡକୁ ୨୦ ଫୁଟ ଖସି ପଡିଥିଲା। କାରଟି ଠାକୁରମୁଣ୍ଡା ଅଞ୍ଚଳର ହୋଇଥିବା ବେଳେ ଶଳା ଭିଣୋଇ କେନ୍ଦୁଝରକୁ କୌଣସି କାମରେ ଯାଉଥିଲେ। ଦୁର୍ଘଟଣାରେ ଉଭୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଡୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ମନ୍ଦିର ଚୋରକୁ କାବୁକଲେ ଗ୍ରାମବାସୀ

ଆନନ୍ଦପୁର, ୨୬।୯ (ସମିସ): ଆନନ୍ଦପୁର ପୌରାଞ୍ଚଳର ଶାଳପଡା ଶ୍ରୀ ହନୁମାନ ମନ୍ଦିର ଚୋରି ଘଟଣା ସିସି କ୍ୟାମେରାରୁ ଧରାପଡ଼ିଛି। ସିସିଟିଭି ଦେଖି ଚୋରକୁ କାବୁକଲେ ଗାଁଲୋକେ। ମନ୍ଦିର ଭିତରେ ପଶି ଠାକୁରଙ୍କ ରୁପା ମୁକୁଟ ଓ ୨ଟି ଚେନ୍ ଚୋରି କରିଥିଲେ କିଛି ଚୋର। ଯାହାକି ଗାଁ ଲୋକେ ମନ୍ଦିର ସିସି ଟିଭିଦେଖି ଚୋରକୁ ଚିହ୍ନଟ କରିଥିଲେ। ଏହାପରେ ତୁରନ୍ତ ଘରକୁ ଘେରଉ କରି ଚୋରକୁ ଧରିଥିଲେ। ଚୋର ନିକଟରୁ ମୁକୁଟ ଜବତ ହୋଇଥିବାବେଳେ ଗୋଟିଏ ଚେନ୍‌କୁ ଶାଳପଡା ଛକଠାରେ ଥିବା ବାବା ଜୁଏଲାରି ଦୋକାନରେ ବିକିଥିବା ଚୋର ସ୍ୱୀକାର କରିଥିଲା। ଚୋରି ସାମଗ୍ରୀ ଜବତ ପରେ ଗାଁଲୋକେ ତାକୁ ପୁଲିସ୍ ଜିମା ଦେଇଥିବା ଜଣାପଡିଛି।

## କଇଁସିଆରୀରେ ଭାଗବତ ଜନ୍ମୋତ୍ସବ

ଆନନ୍ଦପୁର, ୨୬।୯ (ସମିସ): ପବିତ୍ର ଇନ୍ଦ୍ରୋତ୍ସବ ପୂର୍ଣ୍ଣମୀରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଏହି ତିଥିରେ ଅଷ୍ଟାଦଶ ପୁରାଣର ସାର ସଂଗ୍ରହ ଭାଗବତ ମହାପୁରାଣର ଆବିର୍ଭାବ ହୋଇଥିଲା। ଭାଦ୍ରବ ପୂର୍ଣ୍ଣମୀରେ ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଞ୍ଚାୟତର କଇଁସିଆରୀ ଗ୍ରାମର ଆଧ୍ୟାତ୍ମିକପ୍ରେମୀ ଜଗବନ୍ଧୁ ସ୍ୱାଇଁଙ୍କ ଭାଗବତ ଘରେ ଆରତି, ହୋମ ଓ ପୂଜାର୍ଚ୍ଚନା ଯଥାବିଧି ସଂପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଅନେକ ଭାଗବତପ୍ରେମୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଭାଗବତ ପାଠ କରିଥିଲେ।

## ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ



ତେଲକୋଇ, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ଓରିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ଏକ ବିଶାଳ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଦୁବୁଲାପାଳ ଉଚ୍ଚବିଦ୍ୟାଳୟର ବିଜ୍ଞାନଶିକ୍ଷକ ଚନ୍ଦଶେଖର ମହାନ୍ତ ଓ ଚାରିଗଡ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପିକା ରଶ୍ମିତା ପଟେଲ ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ପରିଡା ମହୋଦୟ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ୧୦୦ଟି ମଡେଲ ଓ ଚାର୍ଟ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ କିଛି ଛାତ୍ରଛାତ୍ରୀ ନିଜ ମଡେଲ ଅନୁଯାୟୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେଥିରେ ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଏପରି ପ୍ରଦର୍ଶନୀ ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ ଓ ବ୍ୟବହାରିକ ଚିନ୍ତା କରିବାରେ ସାହାଯ୍ୟ କରେ ବୋଲି ପ୍ରକାଶ କରିଥିଲେ।

## ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଚୟନ



ପ୍ରଣୟିନୀ ହେଲେ ସାଧାରଣ ସମ୍ପାଦିକା

ଆନନ୍ଦପୁର, ୨୬।୯ (ସମିସ): ଆନନ୍ଦପୁର ପୌରାଞ୍ଚଳ ଶାଳପଡା ମଣ୍ଡଳରେ ସଂଗଠନକୁ କ୍ରିୟାଶୀଳ କରାଉଥିବା ନାରୀନେତ୍ରୀ ପ୍ରଣୟିନୀ ବ୍ରହ୍ମଙ୍କୁ କେନ୍ଦୁଝର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ଭାବେ ମନୋନୀତ କରାଯାଇଥିବାରୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ମହଲରେ ଉତ୍ସାହ ପ୍ରକାଶ ପାଇଛି। ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା ପାଇଁ ଦଳ ପକ୍ଷରୁ ମହିଳା ସଂଗଠନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ଅନୁମୋଦନକ୍ରମେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଚପଳା ମହାକୁଡ଼ ମହିଳା ମୋର୍ଚ୍ଚା ଜିଲ୍ଲା ଉପସଭାପତି, ସାଧାରଣ ସମ୍ପାଦକ ଏବଂ ସମ୍ପାଦକ ତାଲିକା ପ୍ରକାଶ କରିଛନ୍ତି। ଏହିକ୍ରମରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରୁ ଶ୍ରୀମତୀ ବ୍ରହ୍ମଙ୍କୁ ସାଧାରଣ ସମ୍ପାଦିକା ଦୀପ୍ତିମୟୀ ଖୁଣ୍ଟିଆଙ୍କୁ ଉପସଭାପତି ଏବଂ ବବିତା ଶତପଥୀଙ୍କୁ ସମ୍ପାଦକ ଭାବେ ନିଯୁକ୍ତି କରାଯାଇଛି। ନୂତନ ନିଯୁକ୍ତି ମିଳିବ ପରେ ଉଭୟ ନେତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ସାଂସଦ ଅନନ୍ତ ନାୟକ ଦଳ ସଭାପତି ଶୁକଦେବ ମହାନ୍ତ, ମହିଳା ମୋର୍ଚ୍ଚା ସଭାପତି ଚପଳା ମହ କୁଡ଼, ମହେଶ୍ୱର ସାହୁ ରାମଚନ୍ଦ୍ର ସାହୁ ଆଲୋକ ସେଠୀ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ହସ୍ତାନ୍ତର ହେଉନି ଡିହସାହି ସ୍କୁଲ

# ବର୍ଷାପାଣିରେ ହନ୍ତସନ୍ତ ଛାତ୍ରଛାତ୍ରୀ

ଆନନ୍ଦପୁର, ୨୬।୯ (ସମିସ):





ପ୍ରବଳ ବର୍ଷାରେ ବିଦ୍ୟାଳୟ ଆଗରେ ଆଣ୍ଠୁଏ ପାଣି। ସ୍କୁଲ ବାରଣ୍ଡାରେ ଛାତ୍ରଛାତ୍ରୀ। ଅବ୍ୟବସ୍ଥା ଘେରରେ ଆନନ୍ଦପୁର ବ୍ଲକ ବେଲବାହାଳି ପଞ୍ଚାୟତ ଡିହସାହି ପ୍ରାଥମିକ ବିଦ୍ୟାଳୟ। ଶ୍ରେଣୀଗୃହ ନଥିଲା ବୋଲି ନୂଆ ସ୍କୁଲ ଘର ନିର୍ମାଣ ହୋଇଛି; ହେଲେ ଦୀର୍ଘଦିନ ଧରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏହି ନୂଆ ଘର ହସ୍ତାନ୍ତର ହେଉ ନଥିବାରୁ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି ଛାତ୍ରଛାତ୍ରୀ। ଡିହସାହି ଆଦିବାସୀ ପଡାରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ଗାଁ ମୁଣ୍ଡରେ ୧୯୭୯ରୁ ଏଠାରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ବିଦ୍ୟାଳୟର ୬ଟି ଶ୍ରେଣୀରେ ୪୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କ ପାଇଁ ପାଠ ପଢିବାକୁ କ୍ଲାସ ଘର ନାହିଁ। ପୁରୁଣା କ୍ଲାସ ଘର ଭାଙ୍ଗିରୁଜି ଯାଇଛି। ଗୋଟିଏ ରୁମରେ ବିଦ୍ୟାଳୟର ଅଫିସ ଚାଲିଥିବା ବେଳେ ଦୁଇଜଣ ଶିକ୍ଷକଙ୍କ ସମେତ ଛାତ୍ରଛାତ୍ରୀମାନେ ସେଇଠାରେ ବସୁଛନ୍ତି। ନହେଲେ ନୂତନ ଭାବେ ନିର୍ମିତ ହୋଇଥିବା ଘରର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ବର୍ଷା ଦିନରେ ଏହି ଅବ୍ୟବସ୍ଥା ଯୋଗୁ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି ଏହି ଛାତ୍ରଛାତ୍ରୀ। ପୂର୍ବରୁ ନୂତନ ଶ୍ରେଣୀ ଗୃହ ନିମନ୍ତେ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରୁ ୨୮ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏକ ନୂତନ ଗୃହ ନିର୍ମାଣ ହେଲା। ଦୀର୍ଘ ୬ ମାସ ହେବ ଏହି ଘରର କାମ ଶେଷ ହୋଇଥିଲେ ମଧ୍ୟ ଏଯାବତ ତାହା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇ ପାରିନାହିଁ। ଆଣ୍ଠୁଏ ପାଣିରେ ପୁରୁଣା ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯାଉଛନ୍ତି। ଘଟଣା ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ଅବଗତ କରାଯିବା ପରେ ସେ କହିଛନ୍ତି ଯେ ଆନନ୍ଦପୁର ବିଡ଼ିଓଙ୍କ ସହ କିଭଳି ଏହି ନୂତନ ଗୃହକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିହେବ ସେନେଇ ପଦକ୍ଷେପ ନେବେ।

## ସରେଇରେ ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ



ଆନନ୍ଦପୁର, ୨୬।୯ (ସମିସ): ଘଷିପୁରା ବ୍ଲକ ବଳରାମପୁର ପଞ୍ଚାୟତ ସରେଇଁ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ପବିତ୍ର ଇନ୍ଦୁ ପୂର୍ଣ୍ଣିମା ଅବସରରେ ଗ୍ରାମ ଦେବତୀ ମା' ମଙ୍ଗଳାଙ୍କ ଶାଳରୁ ମାଟି ଅନୁକୂଳ କରାଯାଇଛି। ଏଥିରେ ପୂଜକ ଭାବେ ଶ୍ରୀଧର ରଥ ଏବଂ ରବିନ୍ଦ୍ର କୁମାର ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଲକ୍ଷ୍ମୀ ପୂଜା କମିଟିର ସଦସ୍ୟ ବାଡିଆ ସାହୁ, ବାହୁଡା ସାହୁ, ବୈକୁଣ୍ଠ ସାମଲ, ସୁରେନ୍ଦ୍ର ସାହୁ, ମନମୋହନ ଦେହୁରୀ, ତ୍ରିଲୋଚନ ସାହୁ, ଅଲେଖ ରାଉଳ, ମହେଶ୍ୱର ସାହୁ, ସଞ୍ଜୟ ସାହୁ ସହଯୋଗ କରିଥିଲେ।

## ଆଇଚି-ନାଗୋୟା ଏସିଆନ୍ ଗେମ୍ସ

# କବାଡ଼ିରେ ସ୍ୱର୍ଣ୍ଣ ବଜାୟ ରଖିଲା ଭାରତ

- ତାଜିନ୍ଦରପାଲ, ସୱାନଙ୍କ ସହ ୫୦ ମିଟର ରାଇଫଲ ଟିମ୍ ଜିତିଲେ ରୌପ୍ୟ
- ଜ୍ୟୋତ୍ସ୍ନା-ଭେଲାଭାନ, ପ୍ରାଚୀଙ୍କୁ କାଂସ୍ୟ
- ଅନାହତ, ଅଭୟ ସ୍କ୍ୱାଶ୍ ଫାଇନାଲରେ
- ଆଥଲେଟିକ୍ସରେ ଅନିମେଶ, ହରିତା-ଉନ୍ନତି, ଗୁଲ୍‌ବୀର-ୟୁନୁସଙ୍କ ଫାଇନାଲକୁ ଯୋଗ୍ୟତା



କବାଡ଼ିରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଦଳ

ଟୋକିଓ,୨୬।୯ (ଏଜେନ୍ସି): ଭାରତର କବାଡ଼ି ଟିମ୍ ଏସିଆନ ଗେମ୍ସରେ ଡବଲ ସ୍ୱର୍ଣ୍ଣପଦକ ଜିତି ପ୍ରାଧାନ୍ୟ ଅବ୍ୟାହତ ରଖିଛି। ଆଜି ଖେଳାଯାଇଥିବା ମହିଳା ଫାଇନାଲରେ ଭାରତ ୩୭-୩୪ରେ ଇରାନକୁ ଓ ପୁରୁଷ ବିଭାଗରେ ୪୦-୩୪ ପଏଣ୍ଟରେ ମଧ୍ୟ ଇରାନକୁ ପରାସ୍ତ କରି ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲା। ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୮ମ ଦିନରେ ଭାରତକୁ ଡବଲ ସ୍ୱର୍ଣ୍ଣ ସହ ୩ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ବିଜୟୀ ହୋଇଛି। ଏହା ଫଳରେ ଭାରତକୁ ୪ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୪ କାଂସ୍ୟ ସହ ୩୦ଟି ପଦକ ଜିତି ତାଲିକାର ୧୦ମ ସ୍ଥାନକୁ ଉଠିଛି। ଆଜି ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ପୁରୁଷ ସଟ୍‌ପୁଟରେ ତାଜିନ୍ଦରପାଲ ସିଂହ, ପୁରୁଷ ମାରାଥନରେ ସୱାନ ବାରୱାଲ, ସୁଟିଂର ମହିଳା ୫୦ ମିଟର ୩ ରାଇଫଲ ୩ ପୋଜିସନରେ ତିଲୋତ୍ତମା ସେନ୍, ବିଦାର୍ସା କେ. ବିନୋଦ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ମହିଳା ୪୦୦ ମିଟର ଦୌଡ଼ରେ ପ୍ରାଚୀ, ମିକ୍ସଡ ଡବଲ୍ସ ସ୍କ୍ୱାଶରେ ଜୋତ୍ସ୍ନା ଚିନ୍ନାପ୍ପା ଓ ଭେଲାଭାନ ସେନ୍ଥିଲକୁମାରଙ୍କ ଯୋଡି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଅନ୍ୟ ପକ୍ଷରେ ସ୍କ୍ୱାଶ ସିଙ୍ଗଲ୍ସରେ ପ୍ରଥମଥର ଲାଗି ଭାରତରୁ ଦୁଇ ଜଣ ଖେଳାଳି ମହିଳାରେ ଅନାହତ ସିଂ ଓ ପୁରୁଷରେ ଅଭୟ ସିଂ ଫାଇନାଲରେ ପ୍ରବେଶ କରିଛନ୍ତି।

## ସୁଟିଂରୁ ଆଉ ଏକ ରୌପ୍ୟ



ସୁଟିଂରେ ଭାରତକୁ ଆଉ ଏକ ପଦକ ମିଳିଛି। ଆଜି ଅନୁଷ୍ଠିତ ମହିଳା ଦଳଗତ ୫୦ ମିଟର ରାଇଫଲ ୩ପୋଜିସନରେ ତିଲୋତ୍ତମା ସେନ୍, ବିଦର୍ସା ବିନୋଦ ଓ ଆଶି ଚୋକସି ୧୭୬୩ପଏଣ୍ଟ ପାଇ ଦ୍ୱିତୀୟସ୍ଥାନରେ ରହିଥିଲେ। ଏହା ଫଳରେ ଚୀନ୍ ପଛକୁ ରହି ଭାରତ ଏହି ଇଭେଣ୍ଟରେ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। କିନ୍ତୁ ଚୀନ୍ ଏଠାରେ ଗେମ୍ସ ରେକର୍ଡ ଭାଙ୍ଗିଦେଇଛି। ତିଲୋତ୍ତମା ୫୯୦, ବିଦର୍ସ ୫୮୮ ଓ ଆଶି ୫୮୫ ପଏଣ୍ଟ ସଂଗ୍ରହ କରିଥିଲେ।

## ପୁରୁଷ କ୍ରିକେଟ: ଭାରତ-ଆଫଗାନିସ୍ତାନ କ୍ୱାର୍ଟର ଫାଇନାଲ ସୋମବାର

ନିଶିନ୍,୨୬।୯ (ଏଜେନ୍ସି): କ୍ରମାଗତ ବର୍ଷା ଯୋଗୁଁ ଏଠାରେ ଆଜି ଖେଳାଯିବାକୁ ଥିବା ଏସିଆନ ଗେମ୍ସର ଦୁଇଟିଯାକ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ବାତିଲ ହୋଇଛି। ନେପାଳ ଓ ଜାପାନ ମଧ୍ୟରେ ୧୫ ଓଭର ଖେଳ ପରେ ଏବଂ ଗୋଟିଏ ବଲ ବୋଲିଂ ହେବାକୁ ପୂର୍ବରୁ ମାଲେସିଆ-ଓମାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଛି। ଏହା ଫଳରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ସେପ୍ଟେମ୍ବର ୨୮ ରୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବ। ଏହି ଦିନ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ପାକିସ୍ତାନ ସହ ହଂକଂର ଓ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସହ ଆଫଗାନିସ୍ତାନର ମୁକାବିଲା (ପୂର୍ବାହ୍ନ ୧୦ଟାରେ) ହେବ। ସେହିପରି ଏହାର ପରଦିନ ଅର୍ଥାତ୍ ୨୯ ତାରିଖରେ ଶ୍ରୀଲଙ୍କା ସହ ନେପାଳର ଓ ପରେ ବାଂଲାଦେଶ ସହ ମାଲେସିଆର ମୁକାବିଲା ହେବ। ଏହି ମୁକାବିଲାର ବିଜେତା ଦଳ ମଧ୍ୟରେ ଅକ୍ଟୋବର ୧ରେ ଦୁଇଟିଯାକ ସେମିଫାଇନାଲ ଓ ଅକ୍ଟୋବର ୩ରେ କାଂସ୍ୟ ଓ ସ୍ୱର୍ଣ୍ଣପଦକ ଲାଗି ମୁକାବିଲା ହେବ।

## ତୃତୀୟଥର ସ୍ୱର୍ଣ୍ଣ ଜିତିପାରିଲେନି ଟୁର୍, ରେକର୍ଡ ଭାଙ୍ଗିଲେ ସୱାନ

ଆଥଲେଟିକ୍ସର ପୁରୁଷ ବିଭାଗରେ ଆଜି ଭାରତକୁ ଡବଲ ରୌପ୍ୟ ସଫଳତା ମିଳିଛି। ଶନିବାର ସକାଳେ ଅନୁଷ୍ଠିତ ପୁରୁଷ ମାରାଥନରେ ଭାରତର ସୱାନ







ବାରୱାଲ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ କବ୍‌ଜା କରିଥିଲେ। ବିଦେଶ ମାଟିରେ ପ୍ରଥମଥର ଭାରତ ଲାଗି ମାରାଥନରେ ପଦକ ଜିତିଥିବା ସୱାନ୍ ଏହି ଦୂରତାକୁ ୨ଘଣ୍ଟା ୧୧ ମିନିଟ୍ ୩୭ ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ପାଇଥିଲେ। ଏହି ଟାଇମିଂ ସହ ସେ ମଧ୍ୟ ଶିବନାଥ ସିଂଙ୍କ ନାମରେ ଥିବା ୪୮ ବର୍ଷର ରେକର୍ଡ ଭାଙ୍ଗିଦେଇଥିଲେ। ମାରାଥନରେ ଏହା ଭାରତର ଚତୁର୍ଥ କିନ୍ତୁ ଭାରତ ବାହାରେ ପ୍ରଥମ ପଦକ ଥିଲା।

ତାଜିନ୍ଦରପାଲ ସିଂ ଟୁର୍ ୨୦.୨୬ ମିଟର ଦୂରତାକୁ ସଟ୍‌ପୁଟ୍ ଫିଙ୍ଗି ପୁରୁଷ ବିଭାଗରେ ରୌପ୍ୟ ପଦକ ପାଇଛନ୍ତି। ଏହା ପୂର୍ବରୁ ସେ କ୍ରମାଗତ ଦୁଇଟି ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହା ବ୍ୟତୀତ ୨୦୦ମିଟର ଦୌଡ଼ର ପୁରୁଷ ବିଭାଗରେ ଅନିମେଶ କୁଜୁର, ମହିଳା ବିଭାଗରେ ହରିତା ଭଦ୍ର ଓ ଉନ୍ନତି ହୁଦା ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ଏମାନେ ହିଟ୍ସରେ ୫ମ ସ୍ଥାନ ଯାଏ ରହିଥିବାରୁ ପଦକ ଜିତିବାକୁ ଉନ୍ନତ ପ୍ରଦର୍ଶନ କରିବାକୁ ହେବ।

## ରୌପ୍ୟ ନିଶ୍ଚିତ କଲେ ଅନାହତ, ଅଭୟ

ସ୍କ୍ୱାଶ ବିଭାଗ ସିଙ୍ଗଲ୍ସରେ ଅନାହତ ସିଂ ଓ ଅଭୟ ସିଂ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ସ୍କ୍ୱାଶରୁ ଭାରତକୁ ଆଉ ଦୁଇଟି ପଦକ ମିଳିବା ନିଶ୍ଚିତ ହୋଇଛି। ମହିଳା ବିଭାଗରେ ୧୮ ବର୍ଷୀୟା ଅନାହତ ୩-୨ରେ ଜାପାନର ୱାତାନାବେଙ୍କୁ ପରାସ୍ତ କରି ପ୍ରଥମ ଭାରତୀୟ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଛନ୍ତି। ମାଲେସିଆର ଶିବସାଙ୍ଗରି ସୁବ୍ରମଣ୍ୟମଙ୍କ ସହ ଅନାହତଙ୍କର ଫାଇନାଲ ମୁକାବିଲା ହେବ। ପୁରୁଷ ବିଭାଗରେ ମଧ୍ୟ ଅଭୟ ସିଂଙ୍କୁ ସମାନ ସୁଯୋଗ ମିଳିଛି। ଆଜି ସେ ୩-୦ରେ ପାକିସ୍ତାନର ମହମ୍ମଦ ଇର୍ଫାନଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ସେ ମାଲେସିଆର ଇଏନ ୟୋ ଏନ୍‌ଜିଙ୍କୁ ଭେଟିବେ।

### ୪ଟି ମ୍ୟାଚ୍ ପଏଣ୍ଟ ଛାଡିବା ମହଙ୍ଗା ପଡ଼ିଲା

ସ୍କ୍ୱାଶରେ ବରିଷ୍ଠ ଖେଳାଳି ଜୋତ୍ସ୍ନା ଚିନ୍ନାପ୍ପା ଓ ଭେଲାଭାନ ସେନ୍ଥିଲକୁମାରଙ୍କୁ ୪ଥର ମ୍ୟାଚ୍ ପଏଣ୍ଟ ହାତଛଡ଼ା କରିବା ମହଙ୍ଗା ପଡ଼ିଛି। ଆଜି ଏଠାରେ ଅନୁଷ୍ଠିତ ମୁକାବିଲାରେ ଚୀନ୍‌ର ଲୀ କା ୟିଓ ତାଙ୍ଗ ମିଙ୍ଗ୍ ହୋଙ୍ଗ୍‌ଙ୍କ ବିପକ୍ଷରେ ଜୋତ୍ସ୍ନା ଓ ଭେଲାଭାନଙ୍କ ଯୋଡି ଏହି ୧-୨ରେ ହାରିଯାଇଥିଲେ। କିନ୍ତୁ ଭାରତୀୟ ଯୋଡିଙ୍କୁ ଏହି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିବା ଲାଗି ୪ଥର ସୁଯୋଗ ମିଳିଥିଲା, କିନ୍ତୁ ତାହାକୁ ସେମାନେ କାର୍ଯ୍ୟକାରୀ କରି ପାରି ନ ଥିଲେ।

## ପୁରୁଷ ହକି ସେମିଫାଇନାଲରେ ଭାରତ



ନାଗୋୟା, ୨୬।୯ (ଏଜେନ୍ସି): ଆୟୋଜକ ଜାପାନକୁ ୨-୦ ଗୋଲରେ ପରାସ୍ତ କରି ଭାରତ ଏଠାରେ ଆଜି ଅନୁଷ୍ଠିତ ପୁରୁଷ ହକି ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ପକ୍ଷରୁ ଗୋଲ ଦୁଇଟି ସ୍କୋର କରିଥିଲେ ଅଧିନାୟକ ହରମନ୍‌ପ୍ରୀତ ସିଂହ ଓ ଅଭିଷେକ। କିନ୍ତୁ ଭାରତକୁ ଏହି ମ୍ୟାଚ୍ ଜିତିବାକୁ କଡ଼ା ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପୁଲ-ଏ'ରେ ୪ଟି ମ୍ୟାଚ୍ ଖେଳିବା ପରେ ଭାରତ ପୂରା ୧୨ ପଏଣ୍ଟ ପାଇ ପ୍ରଥମସ୍ଥାନରେ ରହିଛି। ବାଂଲାଦେଶ ସହ ଶେଷ ଲିଗ୍ ମ୍ୟାଚ୍‌ରେ ଦଳ ପରାଜିତ ହେଲେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିବ। ଜାପାନ ଓ ଦକ୍ଷିଣ କୋରିଆ ମଧ୍ୟରେ ଖେଳାଯିବାକୁ ଥିବା ଶେଷ ପୁଲ-ଏ' ମ୍ୟାଚ୍ ପରେ କେଉଁ ଦଳ ସେମିଫାଇନାଲକୁ ଉନ୍ନୀତ ହେବ ତାହା ସ୍ଥିର ହେବ।

ପୁଲ ମ୍ୟାଚ୍ ଶେଷ ପରେ ସେମିଫାଇନାଲରେ କିଏ କାହା ସହ ଖେଳିବ ତାହା ଚୂଡାନ୍ତ ହେବ। ଭାରତର ମହିଳା ଦଳ ମଧ୍ୟ ଗୋଟିଏ ପୁଲ ମ୍ୟାଚ୍ ଖେଳିବା ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତାକାଲି ଦଳ ତାହାର ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଏହା ପରେ ସେମିରେ କାହା ସହ ମୁକାବିଲା କରିବ ତାହା ସ୍ଥିର ହେବ।

## ଭାରତ-ଇଣ୍ଡିଜ ଦିନିକିଆ ସିରିଜ୍ ଆଜିଠୁ

ଥିରୁଅନନ୍ତପୁରମ, ୨୬।୯ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ଭାରତୀୟ କ୍ରିକେଟ୍ ଦଳ ମଧ୍ୟରେ ରବିବାରଠାରୁ ତିନିମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବାକୁଯାଉଛି। ସିରିଜର ପ୍ରଥମ ମ୍ୟାଚ୍ ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅପରାହ୍ନ ୨ଟାରୁ ଆରମ୍ଭ ହେବ। ଆସନ୍ତାବର୍ଷ

**ପ୍ରଥମ ଦିନିକିଆ**
ମ୍ୟାଚ୍ ଆରମ୍ଭ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ ଜିଓହୋଷ୍ଟାର

ଦିନିକିଆ ବିଶ୍ୱକପ୍ ଖେଳାଯିବାକୁ ଥିବାବେଳେ ଉଭୟ ଦଳ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ବିଶେଷ କରି ଭାରତୀୟ ଦଳର ଦୁଇ ଅଭିଜ୍ଞ ବ୍ୟାଟର ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ପ୍ରଦର୍ଶନ ଉପରେ କ୍ରିକେଟ୍‌ପ୍ରେମୀଙ୍କ



ନଜର ରହିଛି। ବିଶ୍ୱକପ ଦଳରେ ସାମିଲ ହେବାକୁ ଦାବିଦାର୍ ଥିବା ଏହି ଦୁଇ ବ୍ୟାଟର୍ କେଉଁଭଳି ନିଜକୁ ପ୍ରସ୍ତୁତ କରୁଛନ୍ତି ତାହା ଏହି ସିରିଜରେ ଜଣାପଡ଼ିବ। କୋହଲି ଆଉ ୫୧ ରନ କଲେ ସଚିନ ତେନ୍ଦୁଲକରଙ୍କ ପରେ ବିଶ୍ୱର ଦ୍ୱିତୀୟ ବ୍ୟାଟର୍ ଭାବରେ ଦିନିକିଆରେ ୧୫ ହଜାର ରନ ପୂରଣ କରିବେ। ଅପରପକ୍ଷରେ ଭାରତର ଅନ୍ୟ ଏକ ଦଳ ବର୍ତ୍ତମାନ ଏସିଆନ୍ ଗେମ୍ସରେ ଖେଳିବା ଲାଗି ଜାପାନ ଗସ୍ତରେ ରହିଛି। ତେଣୁ ଦୁଇ ଦ୍ରୁତ ବୋଲର ଗୁରନୁର୍ ବ୍ରାର୍, ଆକ୍ୱିବ ନବି, ଧ୍ରୁବ ଜୁରେଲଙ୍କ ପାଇଁ ଏହା ଏକ ଭଲ ସୁଯୋଗ ଆଣିଦେଇଛି। ସେହିଭଳି ଆଘାତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଦଳରେ ସ୍ଥାନ ପାଇଥିବା ନୀତୀଶ ରେଡ୍ଡୀଙ୍କ ଉପରେ ମଧ୍ୟ ଚୟନକର୍ତ୍ତାଙ୍କ ନଜର ରହିବ।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ ଦଳ ଏକାଧିକ ଚାପର ସହ ଏହି ସିରିଜ ଖେଳିବାକୁ ଆସିଛି। ପ୍ରଥମତଃ ଦଳ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ନିକଟରୁ ଲଗାତର ଦିନିକିଆ ସିରିଜ ହାରି ଭାରତ ଗସ୍ତ କରିଛି। ସେହିଭଳି ଆର୍ଥିକ ସଙ୍କଟ ଲାଗି ୱେଷ୍ଟଇଣ୍ଡିଜ ବୋର୍ଡ ଖେଳାଳିଙ୍କ ମ୍ୟାଚ୍ ପାଉଣା ୨୫ ପ୍ରତିଶତ କାଟିବାକୁ ଘୋଷଣା କରିଛି।



ଜୁନିଅର ଏସିଆ କପ୍ ହକିରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳର ଓଡ଼ିଆ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ପ୍ରତ୍ୟେକ ଖେଳାଳିଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ୧ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ୨୦୨୭ ମୋର ଶେଷ ବିଶ୍ୱକପ୍: କୋହଲି

ତିରୁଅନନ୍ତପୁରମ, ୨୬।୯ (ଏଜେନ୍ସି): ଷ୍ଟାର ବ୍ୟାଟର୍ ବିରାଟ କୋହଲି ତାଙ୍କ ଅବସରକୁ ନେଇ ଏକ ବଡ଼ ସୂଚନା ଦେଇଛନ୍ତି। ଦକ୍ଷିଣ ଆଫ୍ରିକାରେ ଆସନ୍ତା ବର୍ଷ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ଭାରତ ପାଇଁ ମୋର ଶେଷ ବିଶ୍ୱକପ୍ ହେବ। ଏହି ବିଶ୍ୱକପରେ ଟ୍ରଫି ଜିତିବା ପାଇଁ ସେ ନିଜର ସର୍ବସ୍ୱ ଦେବାକୁ ପ୍ରସ୍ତୁତ ରହିଛି। ବିଶ୍ୱକପ୍ ଜିତିବା ହିଁ ମୋର ଏକମାତ୍ର ଲକ୍ଷ୍ୟ। ଏଥିପାଇଁ ଯାହା କିଛି କରିବାକୁ ପଡ଼ିବ, ସେଥିପାଇଁ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କୋହଲି କହିଛନ୍ତି। କୋହଲି ଏବେ କେବଳ ଦିନିକିଆ ଖେଳୁଛନ୍ତି।

## ଓଡ଼ିଶା ଟି-୨୦ ଲିଗ୍: କେନ୍ଦୁଝରକୁ ଜିତାଇଲେ ଭଗୀଶ

ଭୁବନେଶ୍ୱର, ୨୬।୯ (ସମିସ): 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫି'ରେ ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ କେନ୍ଦୁଝର ମାଇନର୍ସ ୨୬ ରନରେ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ୨୦ ଓଭରରେ ୮ ୱିକେଟ ହରାଇ ୧୮୭ ରନ କରିଥିଲା। ଓପନର ରାଜେଶ ଧୁପର ୫୮, ଅଧିନାୟକ ଶୁଭ୍ରାଂଶୁ ସେନାପତି ୩୬ ଓ ସୁଜଳ ସିଂ ଅପରାଜିତ ୪୨ ରନ କରିଥିଲେ। କଟକର ପ୍ରଶାନ୍ତ ରଣା ଓ କାର୍ତ୍ତିକ ବିଶ୍ୱାଳଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା। ଜବାବରେ କଟକ ୨ଟି ବଲ୍ ପୂର୍ବରୁ ୧୬୧ ରନରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଅଧିନାୟକ ବିପ୍ଳବ ସାମନ୍ତରାୟ ୩୦ ବଲରେ ୩୨ ରନ, ସୌମ୍ୟ ବିଶ୍ୱାଳ ୧୭ ବଲରେ ଅପରାଜିତ ୩୫, ଗୌତମ ଗୋପାଳ ୧୯ ବଲରେ ୨୪ ରନର ପାଳି ଖେଳିଥିଲେ। କେନ୍ଦୁଝର ପକ୍ଷରୁ ଭଗୀଶ ଶର୍ମା ସର୍ବାଧିକ ୪ଟି ୱିକେଟ ନେଇ ଦଳକୁ ବିଜୟୀ କରାଇଥିଲେ। ଏଥିପୂର୍ବରୁ ରାଉରକେଲା ସୁପରଷ୍ଟାର୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଲାଗି ବାତିଲ କରିବାକୁ ପଡ଼ିଥିଲା।

■ ଆଇଏସ୍ଏଲ୍-୧୩

## ପ୍ରଥମ ପର୍ଯ୍ୟାୟ: କଳିଙ୍ଗରେ ୬ ମ୍ୟାଚ୍ ଖେଳିବ ଓଏଫ୍‌ସି

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ୍)ର ଆଗାମୀ ତ୍ରୟୋଦଶ ସଂସ୍କରଣର ପ୍ରଥମ ପର୍ଯ୍ୟାୟ ଲାଗି ଶନିବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୧୦ରୁ ଜାନୁଆରୀ ୧୭ ମଧ୍ୟରେ ମୋଟ୍ ୭୮ଟି ମ୍ୟାଚ୍ ଖେଳାଯିବ। ୧୩ ଗୋଟି ଦଳ ମଧ୍ୟରେ ଏଥର ଟାଇଟଲ୍ ପାଇଁ ଲଢ଼େଇ ହେବ। ବେଙ୍ଗାଲୁରୁ ଏଫ୍‌ସି ଓ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ବେଙ୍ଗାଲୁରୁର କାନ୍ତୀରଭା ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ୫ଟାରେ ଆରମ୍ଭ ହେବ। ସେହି ଅକ୍ଟୋବର ୧୦ ତାରିଖ ରାତିରେ ଦ୍ୱିତୀୟ ମ୍ୟାଚ୍‌ରେ ଫାର୍ଟୋଡା ଷ୍ଟାଡିୟମରେ ଘରୋଇ ଏଫ୍‌ସି ଗୋଆ ଓ ଚେନ୍ନାଇନ ଏଫ୍‌ସି ପରସ୍ପରକୁ ଭେଟିବେ। ଅପରପକ୍ଷରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଫୁଟବଲ୍ କ୍ଲବ (ଓଏଫ୍‌ସି) ପ୍ରଥମ ଫେଜରେ ୧୨ଟି ମ୍ୟାଚ୍ ଖେଳିବ। ଯେଉଁଥିରେ ୬ଟି ମ୍ୟାଚ୍ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚରେ ଅକ୍ଟୋବର ୧୪ରେ ପଞ୍ଜାବ ଏଫ୍‌ସିକୁ ଭେଟିବ। ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ସେହିଭଳି କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଅକ୍ଟୋବର ୨୪ ତାରିଖରେ ନର୍ଥଇଷ୍ଟ ବିପକ୍ଷରେ ଖେଳିବ ଓଡ଼ିଶା ଏଫ୍‌ସି। ଆଇଏସଏଲ ଇତିହାସରେ ପ୍ରଥମ ଗୋଆ ଡର୍ବି ମ୍ୟାଚ୍ ଡିସେମ୍ବର ୧୩ରେ ଚର୍ଚ୍ଚିଲ ବ୍ରଦର୍ସ ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ହେବ।

**ଟାଟା ଷ୍ଟିଲ୍ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍**

## ୧୦ ବର୍ଷ ପରେ ମିଡିଆ ଇଲେଭେନ ଚାମ୍ପିଅନ

ଭୁବନେଶ୍ୱର, ୨୬।୯ (ସମିସ): ଟାଟା ଷ୍ଟିଲ୍ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୧୬ତମ ସଂସ୍କରଣରେ ମିଡିଆ ଇଲେଭେନ୍ ଚାମ୍ପିଅନ ହୋଇଛି। ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ମିଡିଆ ଇଲେଭେନ ସୁଟ୍ ଆଉଟ୍‌ରେ ୩-୧ ଗୋଲରେ ଶାଶ୍ୱତ ମିଶ୍ରଙ୍କ ନେତୃତ୍ୱାଧୀନ ଅଫିସର୍ସ ଇଲେଭେନଙ୍କୁ ପରାସ୍ତ କରିଥିଲା। ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଡ୍ର ରହିଥିଲା। ଫଳରେ ପେନାଲ୍ଟିର ସହାୟତା ନିଆଯାଇଥିଲା। ଏଥିପୂର୍ବରୁ ମିଡିଆ ଇଲେଭେନ ସେମିଫାଇନାଲରେ ୨-୦ ଗୋଲରେ ଅରୁଣ ସାହୁଙ୍କ ନେତୃତ୍ୱାଧୀନ ଲିଡର୍ସ ଇଲେଭେନକୁ ପରାସ୍ତ କରିଥିଲା। ସେହିଭଳି ଅଫିସର୍ସ ଇଲେଭେନ ସେମିରେ ଟାଟା ଷ୍ଟିଲ ଇଲେଭେନକୁ ହରାଇଥିଲା। ସନ୍ଦୀପ ମିଶ୍ରଙ୍କ ନେତୃତ୍ୱାଧୀନ ମିଡିଆ ଇଲେଭେନ ୧୦ ବର୍ଷ ପରେ ଟାଟା କପ୍ ଚାମ୍ପିଅନ ହୋଇଛି। ଏଥିପୂର୍ବରୁ ଦଳ ୨୦୧୬ରେ ଟ୍ରଫି ଜିତିଥିଲା।





ଚାମ୍ପିଅନ ମିଡିଆ ଦଳର ଋଷଭ ପାରେଖ ଟପ୍ ସ୍କୋରର, ନିରଞ୍ଜନ ରେଡ୍ଡୀ ଶ୍ରେଷ୍ଠ ଗୋଲରକ୍ଷକ, ସୁମିତ ମୁଦୁଲି ଶ୍ରେଷ୍ଠ ଡିଫେଣ୍ଡର, ଜେଡି ପତି ଶ୍ରେଷ୍ଠ ଫରୱାର୍ଡ, ରାମସ୍ୱାମୀ ଶ୍ରେଷ୍ଠ ମିଡଫିଲ୍ଡର, ଶାଶ୍ୱତ ମିଶ୍ର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଓ ବିଧାୟକ ଅରୁଣ ସାହୁଙ୍କୁ ଫେୟାର ପ୍ଲେ ଟ୍ରଫି ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରବି ନାୟକ, ସୂର୍ଯ୍ୟବଂଶୀ ସୂରଜ, ବିଧାୟିକା ଉପାସନା ମହାପାତ୍ର, ବିଧାୟକ ଆକାଶ ଦାସ ନାୟକ ଓ ଟାଟା ଷ୍ଟିଲ କର୍ପୋରେଟ ସର୍ଭିସେସର ଉପସଭାପତି ଡି.ବି. ସୁନ୍ଦର ରମନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY